R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୩୧
ତିଥି : ପ୍ରତିପଦ
୦୮ ସେପ୍ଟେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 331
08 Sept 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

# ଆଜିର ରାଜନୀତିରେ ବସନ୍ତ ବିଶ୍ୱାଳଙ୍କ ଭଳି ବ୍ୟକ୍ତିତ୍ୱ ବିରଳ

ଭୁବନେଶ୍ୱର, ୭।୯ (ସବ୍ୟୁ) : ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳ ବିକାଶର ଅନ୍ୟତମ ବିନ୍ଧାଣୀ ଥିଲେ । ରାଜ୍ୟର ସାମଗ୍ରୀକ ବିକାଶକୁ ସେ ପ୍ରାଥମିକତା ଦେଉଥିଲେ । କୃଷି କ୍ଷେତ୍ର ଠାରୁ ଆରମ୍ଭ କରି ଜଳସେଚନ, ଭିତ୍ତିଭୂମି, ସଡ଼କ, ସେତୁ ଆଦି ନିର୍ମାଣ କରିବା ଓ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଥିଲେ । ରାଜ୍ୟର ବହୁବିଧ ବିକାଶରେ ତାଙ୍କର ଅନନ୍ୟ ଯୋଗଦାନ ଥିଲା । ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ ବୋଲି କର୍ମଯୋଗୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ଦିବସର ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ସ୍ଥାନୀୟ ଜୟଦେବ ଭବନରେ ରାଜ୍ୟସ୍ତରୀୟ କର୍ମଯୋଗୀ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କମିଟିର ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ । ଏହି ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ, ବସନ୍ତ ବାବୁ କର୍ମଯୋଗୀ ଭାବେ ତାଙ୍କର ପ୍ରଭାବ ବହୁତ ଥିଲା । ତାଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ଓ ବିଶ୍ୱକର୍ମା ବୋଲି କୁହାଯାଏ । କାରଣ କୌଣସି କାମକୁ ସେ ଅଟକାଇ ରଖୁନଥିଲେ । ଆଜିର ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ବିରଳ । କଟକ ଯିବା ରାସ୍ତାରେ ରିଙ୍ଗରୋଡ଼ ଦେଇ ଯିଏ ବି ଯାଆନ୍ତି ତାଙ୍କୁ ଆଜି ବି ମନେ ପକାନ୍ତି ।




ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି, ଯେଉଁ ବ୍ୟକ୍ତି ନିଜର ପରିବାରକୁ ଜଳାଞ୍ଜଳି ଦେଇ ସେବା ମନୋବୃତି ରଖି ଇତିହାସ ସୃଷ୍ଟି କରନ୍ତି, ସେମାନଙ୍କର ଶ୍ରାଦ୍ଧ ଦିବସ ପାଳନ କରାଯାଏ । ମୋର ସାମ୍ବାଦିକତା ସମୟରେ ବନ୍ୟା ଓ ବାତ୍ୟା ଦେଖିଛି । ହେଲେ ୧୯୮୨ ମସିହାରେ ଏହାର ମୁକାବିଲା ପାଇଁ ବସନ୍ତ ବିଶ୍ୱାଳଙ୍କ ପରିଚାଳନା ଯୋଗୁ କଟକ ଏକ ବଡ଼ ବନ୍ୟାରୁ ରକ୍ଷା ପାଇଥିଲା । ବସନ୍ତ ବାବୁ ସାଧାରଣ ମଣିଷଙ୍କ ସହିତ ଜଡ଼ିତ ଥିଲେ । ସମସ୍ୟା ସମ୍ପର୍କରେ ସେ ଅନୁଶୀଳନ କରି ଲୋକଙ୍କ ସମସ୍ୟା ସମାଧାନ କରୁଥିଲେ । ତାଙ୍କୁ କଟକର ଦ୍ୱିତୀୟ ବାଇମୁଣ୍ଡି ବୋଲି କୁହାଯାଏ । ଆର୍ଥିକ ପରିଚାଳନା ହେଉ କିମ୍ବା ଜଳସମ୍ପଦ ବିଭାଗରେ ନିଜର କାର୍ଯ୍ୟ ଦକ୍ଷତା ଦେଖାଇଥିଲେ । କୃଷି ଓ କୃଷକର ବିକାଶ ହିଁ ଓଡ଼ିଶାର ଚାବିକାଠି ବୋଲି ସେ ଜାଣିଥିଲେ । ତାଙ୍କର ଅବଦାନ ଓ କିର୍ତ୍ତୀ ଅବିସ୍ମରଣୀୟ ହୋଇ ରହିବ । ଯେପରି ରାଜୀବ ଭବନ ନିର୍ମାଣ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଥିଲା । ସେ ସମସ୍ତଙ୍କୁ ନେଇ ଚାଲିବାର ମାନସିକତା ରଖୁଥିଲେ । ତେଣୁ ତାଙ୍କୁ କର୍ମବୀର ବା କର୍ମଯୋଗୀ ବୋଲି କୁହାଯାଏ । କିଏ କେତେଦିନ କ୍ଷମତାରେ ରହିଲେ ତାହା ବଡ଼କଥା ନୁହେଁ, ବରଂ କିଏ ତାଙ୍କ ସମୟରେ କଣ ଇତିହାସ ସୃଷ୍ଟି କରିଛନ୍ତି ତାହା ବଡ଼କଥା । ଏଭଳି ବ୍ୟକ୍ତି ହେଉଛନ୍ତି ବସନ୍ତ ବାବୁ ବୋଲି ଶ୍ରୀ ଶତପଥୀ ମତ ପ୍ରକାଶ କରିଥିଲେ ।

'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁ କଲ୍ୟାଣ ମହାପାତ୍ର ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ । ସେ କହିଥିଲେ, କଂଗ୍ରେସ ସରକାର ସମୟରେ ବୃତ୍ତିଗତ ଟିକସ ଲଗାଇବା ଲାଗି ନିଷ୍ପତ୍ତି ହୋଇଥିଲା । ତାଙ୍କ ସମେତ ଆଉ କିଛି ସାମ୍ବାଦିକ ସ୍ୱର୍ଗତ ବିଶ୍ୱାଳଙ୍କୁ ସାକ୍ଷାତ କରି ସାମ୍ବାଦିକ ଓ ଗଣମାଧ୍ୟମ କର୍ମଚାରୀଙ୍କୁ ଏଥିରୁ ବାଦ ଦେବାପାଇଁ ପ୍ରସ୍ତାବ ଦେଇଥିଲେ । ସେ ସମୟରେ ସ୍ୱର୍ଗତ ବିଶ୍ୱାଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ କହି ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଛାତ୍ର ଜୀବନରୁ ଆରମ୍ଭ କରି ବିଧାୟକ ପର୍ଯ୍ୟନ୍ତ ମୁଁ ତାଙ୍କୁ ଜାଣିଛି । ରାଷ୍ଟ୍ରମନ୍ତ୍ରୀ, ଜଳସମ୍ପଦ ଓ ପୂର୍ତ୍ତ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରହି ବସନ୍ତ ବାବୁ ପାରଦର୍ଶିତା ଦେଖାଇଛନ୍ତି । ସ୍କାଉଟ୍ସ ଅନୁଷ୍ଠାନକୁ ସେ ଉଚ୍ଚ ଉଚ୍ଚକୋଟିରେ ପହଞ୍ଚାଇବା ସହିତ ତାଙ୍କୁ ହ୍ୱାଇଟ୍ ଏଲିଫ୍ୟାଣ୍ଟ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । ସେ ଥିଲେ ପୃଷ୍ଠପୋଷକ, ପ୍ରଶାସକ ଏବଂ କର୍ମ କ୍ଷେତ୍ରରେ ତାଙ୍କର ପାରଦର୍ଶିତା ଯୋଗୁ ତାଙ୍କୁ କର୍ମଯୋଗୀ ବୋଲି କୁହାଯାଏ । ସେ କାର୍ଯ୍ୟରେ ବିଶ୍ୱାସ କରୁଥିଲେ । କୌଣସି ପ୍ରକଳ୍ପ କାର୍ଯ୍ୟ କିପରି ଶେଷ ହେବ ସେ ନିଜେ ନେତୃତ୍ୱ ନେଉଥିଲେ । ସବୁବେଳେ ବସନ୍ତ ବାବୁ ସତ୍ୟ କହୁଥିଲେ । କପଟତା ତାଙ୍କ ଭିତରେ ନଥିଲା । ସେ ସର୍ବଦା ସକରାତ୍ମକ ମନୋଭାବ ରଖି କାର୍ଯ୍ୟ କରୁଥିଲେ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୪-୨୫ ବର୍ଷରେ ମାଟ୍ରିକ ପରୀକ୍ଷାରେ (୯ ପୃଷ୍ଠାରେ)

## ପୂର୍ବ ସିଂହଭୂମି ପୃଥକ ଜିଲ୍ଲା ହେଉ

ଭୁବନେଶ୍ୱର, ୭।୯ (ସବ୍ୟୁ): ପୂର୍ବ ସିଂହଭୂମିକୁ ଏକ ପୃଥକ ଜିଲ୍ଲା କରିବା ପାଇଁ ଝାଡ଼ଖଣ୍ଡର ପୂର୍ବ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ଦିନେଶ ଷଡଙ୍ଗୀ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସାକ୍ଷାତ କରିଛନ୍ତି । ବାହାରଗୋରା ଫରେଷ୍ଟ ରେଷ୍ଟ ହାଉସ୍‌ରେ ସାକ୍ଷାତ କରି ତାଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବ ସିଂହଭୂମିକୁ ଏକ ପୃଥକ ଜିଲ୍ଲା କରିବା ସହ ଏହାର ମୁଖ୍ୟାଳୟ ଘଟଶିଳାରେ କରାଯାଉ । ସେହିଭଳି ବାହାରଗୋରା ସବ୍‌ଡିଭିଜନ ଓ ନୂଆ ବ୍ଲକ୍ ସର୍କଲ ସମସ୍ତ ପୋଲିସ୍ ଷ୍ଟେସନ ଅଞ୍ଚଳରେ କରାଯାଉ ।

ସେହିଭଳି ଚକୁଳିଆ କାର୍ଗୋ ବିମାନ ବନ୍ଦର ସମ୍ପର୍କରେ ଆଲୋଚନା ହୋଇଛି । ବୁଦ୍ଧମରାଠାରେ ଜମି ଅଧିଗ୍ରହଣ କାର୍ଯ୍ୟକୁ (୯ ପୃଷ୍ଠାରେ)

## ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୯ (ସବ୍ୟୁ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଣି ଦୁଇ ଦିନିଆ ଦିଲ୍ଲୀଗସ୍ତରେ ଯାଉଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ସେ ଦିଲ୍ଲୀରେ ଓଡ଼ିଶା ବିଜେପି ସାଂସଦମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ମୁଖ୍ୟମନ୍ତ୍ରୀ ଗତ ୫ରେ ଦିଲ୍ଲୀରୁ ଫେରିଥିଲ । ଏହି ଗସ୍ତ କାଳରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୌଜନ୍ୟମୂଳକ ସାକ୍ଷାତ କରିଥିଲ । ଏହାଛଡା ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମନୋହର ଲାଲ ଖଟରଙ୍କୁ ଭେଟିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ଓଡ଼ିଶା (୯ ପୃଷ୍ଠାରେ)

## ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ

ନୂଆଦିଲ୍ଲୀ, ୭।୯ : ଆଜି ଆକାଶରେ ଲାଲ୍ ଜହ୍ନ ବା ବ୍ଲଡ୍ ମୁନ୍ ଦେଖିବାକୁ ମିଳିଥିଲା । ଆଜି ବର୍ଷର ଦ୍ୱିତୀୟ ତଥା ଶେଷ ଚନ୍ଦ୍ରଗ୍ରହଣ ହୋଇଥିବାରୁ ଏହା ବେଶ ସ୍ୱତନ୍ତ୍ର ଏବଂ ବିରଳ । ଏହି ଲାଲ୍ ଜହ୍ନ ଆକାଶରେ ୮୨ ମିନିଟ୍ ଯାଏଁ ଦୃଶ୍ୟମାନ ହୋଇଥିଲା । ରବିବାର ରାତି ଏବଂ ସୋମବାର ମଝିରେ ଏହି ବିରଳ ମହାଜାଗତିକ ଦୃଶ୍ୟ ଆକାଶରେ ଦୃଶ୍ୟମାନ ହୋଇଥିଲା । ରବିବାର ରାତି ୯.୫୭ ମିନିଟ୍ ୭ସେକେଣ୍ଡରେ ଗ୍ରହଣ ସ୍ପର୍ଶ କରିଥିଲା ଏବଂ ରାତି ୧୨.୨୨ ମିନିଟ୍ ୫୨ ସେକେଣ୍ଡରେ ପୂର୍ଣ୍ଣଗ୍ରାସ ଶେଷ ହୋଇଥିଲା । ରାତି ୧.୨୬ ମିନିଟ୍ ୩୨ ସେକେଣ୍ଡରେ ସର୍ବମୋକ୍ଷ ହୋଇଥିଲା । ରାତି ୧୧.୪୬ ସେକେଣ୍ଡରେ ପୂର୍ଣ୍ଣଗ୍ରାସ ଚନ୍ଦ୍ର ଗ୍ରହଣ ଦୃଶ୍ୟମାନ ହୋଇଥିଲା । ଏହି ବ୍ଲଡ ମୁନ୍ ଭାରତ ସମେତ ଏସିଆ, ୟୁରୋପ, ଆଫ୍ରିକା ଏବଂ ଅଷ୍ଟ୍ରେଲିଆରେ



ଦେଖିବାକୁ ମିଳିଥିଲା

ବୈଜ୍ଞାନିକଙ୍କ ଭାଷାରେ ବ୍ଲଡ୍ ମୁନ୍ ହେଉଛି ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ । ଏହା ସେତେବେଳେ ଦେଖାଯାଏ ଯେତେବେଳେ ସୂର୍ଯ୍ୟ- ପୃଥିବୀ-ଚନ୍ଦ୍ର ଏକ ସରଳରେଖାରେ ରୁହନ୍ତି । ଯେଉଁ ସମୟରେ ପୃଥିବୀର ଛାଇ ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ ଢାଙ୍କିଦିଏ । ଯାହା ଫଳରେ ସୂର୍ଯ୍ୟକିରଣ ସିଧାସଳଖ ଚନ୍ଦ୍ର ଉପରେ ପଡିପାରେ ନାହିଁ । ପୃଥିବୀର ବାୟୁମଣ୍ଡଳ ଦେଇ ସୂର୍ଯ୍ୟକିରଣ ସିଧାସଳଖ ନପଡ଼ି ବକ୍ର ଆକାରରେ ଚନ୍ଦ୍ର ଉପରେ ପଡିଥାଏ । ନୀଳ ଏବଂ ବାଇଗଣୀ ରଶ୍ମୀ ବାୟୁମଣ୍ଡଳରେ ବିଚ୍ଛୁରିତ ( ୯ ପୃଷ୍ଠାରେ)

## ଯୁବକଙ୍କୁ ହତ୍ୟା, ଖେଳପଡ଼ିଆରେ ଶବ

ଭୁବନେଶ୍ୱର, ୭।୯ (ସବ୍ୟୁ) : ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରି ଖେଳପଡ଼ିଆରେ ପକାଇ ଦେଇଥିଲେ । ରବିବାର ପିଲାମାନେ ଖେଳୁଥିବା ବେଳେ ଶବକୁ ଦେଖିବା ପରେ ମଞ୍ଚେଶ୍ୱର ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା । ମଞ୍ଚେଶ୍ୱର ଥାନା ପୋଲିସ ଠାରୁ ଘଟଣା ସମ୍ପର୍କରେ ଖବର ପାଇ ବରିଷ୍ଠ ପୋଲିସ ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହ ସେଠାରେ ପହଞ୍ଚିଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରାଯାଇ ଶବ ଜବତ ହୋଇଛି । ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲରୁ ପଠାଇ ଦିଆଯାଇଛି ।

ପିଲାମାନେ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ସାମ୍ନା ପଡିଆରେ ରବିବାର ଅପରାହ୍ନରେ ଫୁଟ୍‌ବଲ ଖେଳୁଥିଲେ । ବଲ ପଡ଼ିଆରେ ଥିବା ଟଏଲେଟ୍ ପଛପାଖକୁ ( ୯ ପୃଷ୍ଠାରେ)

## ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୭।୯ (ସବ୍ୟୁ): ସେପେଫମ୍ବର ୮ତାରିଖ, ସୋମବାରରେ ଅନୁଷ୍ଠିତ ହେବାକୁ ଥିବାମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସ୍ଥଗିତ ରହିବ । ୟୁନିଟ-୨, ଅଶୋକନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଅନୁଷ୍ଠିତ ହେବାକୁ ଜନଶୁଣାଣି ଅନିବାର୍ଯ୍ୟ କାରଣ ବଶତଃ ସ୍ଥଗିତ ରହିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଭିନ୍ନ ଗଣମାଧ୍ୟମରେ ପୂର୍ବରୁ ( ୯ ପୃଷ୍ଠାରେ)

### ୧୫ କୋଟି ସାଇବର ଠକେଇ

## ମା'-ପୁଅ, ଝିଅ ସମେତ ୫ ଗିରଫ



ଭୁବନେଶ୍ୱର, ୭।୯ (ସବ୍ୟୁ) : ୧୫ କୋଟି ଟଙ୍କା ସାଇବର ଠକେଇ କରିଥିବା ଏକ ଗ୍ୟାଙ୍ଗ୍‌ର ୫ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୋଲିସ । ଗିରଫ ୫ ଜଣଙ୍କ ମଧ୍ୟରେ ମା'-ପୁଅ, ଝିଅ ଥିବାବେଳେ ବିହାରର ମାଷ୍ଟରମାଇଣ୍ଡ ଓ ମୈତ୍ରୀବିହାର ଥାନା ଅଞ୍ଚଳର ଜଣେ ଅଭିଯୁକ୍ତ ଥିବା ପୋଲିସ କହିଛି । ବିହାରର ମାଷ୍ଟରମାଇଣ୍ଡକୁ ମା'ପୁଅ, ଝିଅ ଅଟକ ରଖି ୨୫ଲକ୍ଷ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା । ଚନ୍ଦକା ଥାନା ଅଞ୍ଚଳରେ ଥିବା ଏକ ହୋଟେଲରୁ ମଧ୍ୟ ପୋଲିସକୁ ସୂଚନା ମିଳିଥିଲା । ସାଇବର ଠକେଇ ସମ୍ପର୍କରେ ଚନ୍ଦକା ଥାନାରେ ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀ କରି ବିସ୍ତୃତ ସୂଚନା ଦେଇଛନ୍ତି ।

ଉତ୍ତରପ୍ରଦେଶରେ ପ୍ରୟାଗରାଜରେ ବିହାରର ମାଷ୍ଟରମାଇଣ୍ଡ ସମୀର କୁମାର ଦୁବେ (୩୫)ଙ୍କ ସହ ଚନ୍ଦକା ଥାନା ଅଞ୍ଚଳର ଅମିତାରାଣୀ ରାଉତ (୫୦), ପୁଅ ଚିରଞ୍ଜୀବ ରାଉତ (୨୧) ଓ ଝିଅ ଆକାଂକ୍ଷା ରାଉତ (୨୧)ଙ୍କ ସହ ସାକ୍ଷାତ ହୋଇଥିଲା । ସାକ୍ଷାତ ହେବା ପରେ ଉଭୟଙ୍କ ମଧ୍ୟରେ ଭାବବିନିମୟ ହୋଇଥିଲା । ସେମାନଙ୍କ ମଧ୍ୟରେ ଆଲୋଚନା ସମୟରେ ସମୀର ମା'ପିଲାଙ୍କୁ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲା । ତାଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରେ ଯେତେ ଟଙ୍କା କାରବାର ହେବ ସେ ଟଙ୍କାର ୧.୪% ସେମାନଙ୍କୁ ଦିଆଯିବ ବୋଲି ସମୀର କହିଥିଲା । ଏମାନେ ଲୋଭରେ ପଡି ବ୍ୟାଙ୍କ ଆକାଉଣ୍ଟ ମାଷ୍ଟରମାଇଣ୍ଡ ସାଇବର ଠକ ସମୀରକୁ ଦେଇଥିଲେ । ଦେଇଥିବା ତିନୋଟି ବ୍ୟାଙ୍କ ଆକାଉଣ୍ଟ୍‌ରେ ୫କୋଟି, ୩କୋଟି, ଦେଢକୋଟି ଟଙ୍କା କାରବାର ହୋଇଥିବା ବେଳେ ସମୀର ମା'ପିଲାଙ୍କୁ ଚୁକ୍ତି ଅନୁଯାୟୀ ଟଙ୍କା ଦେଇନଥିଲା । ଯାହା ଫଳରେ ଯୋଜନା କଲେ ସମୀରକୁ ନିଜ ଘରକୁ ଡକାଇ ଅଟକାଇ ରଖି ୨୫ଲକ୍ଷ ଟଙ୍କା ଦାବି କରିଥିଲେ ବୋଲି ସମୀର ଅଭିଯୋଗ କରିଛି । ସମୀର ଅଭିଯୋଗ ଅନୁଯାୟୀ ଜମିବାଡି କାମକୁ ନେଇ ସେ ଓଡ଼ିଶା ଆସିଥିବା ବେଳେ ଏମାନେ ତାକୁ ଅଟକାଇ ମୁଣ୍ଡଜାମିନ ଦାବି ( ୯ ପୃଷ୍ଠାରେ)

## ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା : ପାଣି ଘେରରେ ୪ ପଞ୍ଚାୟତ

ରାଜନଗର,୭।୯ (ସବ୍ୟୁ): ବ୍ରାହ୍ମଣୀରେ ଚତୁର୍ଥ ବନ୍ୟା ଆସିଛି ଫଳରେ ବିପନ୍ନଙ୍କ ଦୁର୍ଦ୍ଦଶା ବଢାଇ ଦେଇଛି । ରାଜନଗର ବ୍ଲକର ବନ୍ଧପଡା, ଓସ୍ତିଆ, ବେଲପାଳ, ରାଜପୁର ପ୍ରଭୃତି ୪ଗୋଟି ପଞ୍ଚାୟତ ପାଣି ଘେରରେ ରହିଛି । ଗତ ୨ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି ।




୪ ଗୋଟି ପଞ୍ଚାୟତର ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୫ ଫୁଟର ବନ୍ୟା ପାଣି ଲହଡି ଭାଙ୍ଗୁଛି । ତଳିଆ ଅଞ୍ଚଳ ର ଚାଷଜମି ଉପରେ ବନ୍ୟାପାଣି ଜମିରହିଛି । ବନ୍ୟା ଅଞ୍ଚଳରେ କୁମ୍ଭୀର ଓ ସାପଙ୍କ ଯୋଗୁଁ ଲୋକମାନେ ବନ୍ୟାପାଣିରେ ଯାତାୟତ କରିବାକୁ ଭୟ କରୁଛନ୍ତି । ଓସ୍ତିଆ ପଞ୍ଚାୟତର ନଗଡ ଗାଁ ବନ୍ୟାପାଣି ଘେରରେ ରହିଛି । ରାସ୍ତା ଉପରେ ୫ ଫୁଟର ପାଣି ଚାଲୁଛି । ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି ଗାଈ ଗୋରୁ, ଛେଳି-ମେ,,। ପ୍ରଭୃତି ଖାଦ୍ୟ ଅଭାବରୁ ଭୋକରେ ଥିବା ଜଣାପଡିଛି । ଓସ୍ତିଆ ପଞ୍ଚାୟତର ଉପର ଓସ୍ତିଆ, ତଳ ଓସ୍ତିଆ ବନ୍ଧପାଟଣା, ନଗଡ, ନଳଦିଆ, କଟକଣା, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ସମ୍ପୂର୍ଣ୍ଣ ଭାବେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଦାଣ୍ଡି ବଳଭଦ୍ରପୁର, ଗୋବିନ୍ଦପୁର ଚକିବାଙ୍କ ପ୍ରଭୃତି ରାସ୍ତାରେ ୪ ଫୁଟ ଉଚ୍ଚତାର ବନ୍ୟା ପାଣି ଚାଲୁଛି । ବଳଭଦ୍ରପୁର ରାଜପୁର ରାସ୍ତାରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟା ଜଳ ଲହଡି ଭାଙ୍ଗୁଛି । ଗାଁର ( ୯ ପୃଷ୍ଠାରେ)



# ଜୀବନଶୈଳୀ ବଢାଉଛି କୁ-ପୋଷଣ

ବ୍ୟସ୍ତବହୁଳ ଜୀବନର ସବୁଠାରୁ ଅଧିକ ପ୍ରଭାବ ପଡିଛି ଆମର ପୋଷଣ ଉପରେ । ଏହା ଭାରତୀୟଙ୍କର ପୋଷଣତତ୍ୱ ଅଭାବକୁ ବଢାଉଛି ବୋଲି ନିକଟରେ ଗବେଷଣାରେ ଜଣାପଡିଛି । ଅନେକ ସମୟରେ ଦେଖିବାକୁମିଳେ କିଛି ଲୋକ ସକାଳର ଜଳଖିଆକୁ ଭୁଲିଯାଆନ୍ତି । ସମୟ ଅଭାବ କାରଣରୁ କେବଳ ଚା ଜଳଖିଆରେ ଚଳାଇ ଦିଅନ୍ତି । ହେଲେ ଏହା ଖୁବ ମାରାତ୍ମକ । ସକାଳର ଜଳଖିଆ ଦିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ହେଲେ ଅନେକ ସମୟରେ ଏଭଳି ଦେଖିବାକୁମିଳେ କି ଭାରତୀୟ ମାନେ ବିଶେଷ ଭାବେ ଏକାଥରେ ମଧ୍ୟାହ୍ନ ଭୋଜନ କରନ୍ତି । ତେବେ ଏଭଳି ଅଭ୍ୟାସ କାରଣରୁ ଅନେକ ରୋଗ ଯେପରି ଫଟିଗୋ, ଲୋ ଏନର୍ଜି, ଅନିୟନ୍ତ୍ରିତ ଭାବେ ଓଜନ ବଢିବା, ଏସିଡିଟି, ନିଦ୍ରାହିନତା ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ସେହିଭଳି ଏଭଳି ଜୀବନଶୈଳୀ ମଧୁମେହ, ଉଚ୍ଚ ରକ୍ତଚାପ, ମେଦବହୁଳତାର ମଧ କାରଣ ସାଜୁଛି । ତେଣୁ ବ୍ୟସ୍ତବହୁଳ ଜୀବନରେ ମଧ ଆମକୁ ଆମର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି । ବିଶେଷଭାବେ ଖାଦ୍ୟ ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

୧୫୦୪– ଇଟାଲୀର ଫ୍ଲୋରେନ୍ସରେ ମାଇକେଲଆଙ୍ଗେଲୋଙ୍କ ପ୍ରସିଦ୍ଧ କଳାକୃତି ଡେବିଡ୍‌ର ଲୋକାର୍ପଣ ।
୧୯୦୦– ଟେକ୍ସସ୍‌ରେ ହୋଇଥିବା ଝଡବାତ୍ୟାରେ ୬ ହଜାର ଲୋକଙ୍କ ମୃତ୍ୟୁ ।
୧୯୨୬– ମହାନ ସଙ୍ଗୀତକାର ଏବଂ ଗାୟକ ଭୁପେନ ହଜାରିକାଙ୍କ ଜନ୍ମ ।
୧୯୩୩– ୧୬ ହଜାରରୁ ଅଧିକ ଗୀତ ଗାଇଥିବା ଆଶା ଭୋଶଁଲେଙ୍କ ଜନ୍ମ ।
୧୯୫୨– ଜେନେଭାରେ କପିରାଇଟ୍ ପାଇଁ ପ୍ରଥମ ବିଶ୍ୱ ସମ୍ମିଳନୀରେ ଭାରତ ସମେତ ୩୫ଟି ଦେଶ ଅଂଶଗ୍ରହଣ କଲେ ।
୧୯୬୦– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ୱାମୀ ଫିରୋଜ ଗାନ୍ଧୀଙ୍କ ଦେହାନ୍ତ ।
୧୯୬୬– ୟୁନେସ୍କୋ ତରଫରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଶୁଭାରମ୍ଭ ।
୨୦୦୮– ଆମେରିକୀୟ ଫୋର୍ବ୍ସ ମାଗାଜିନ୍ ତରଫରୁ ଭାରତୀୟ ବିଲିଓନାରୀ ଲକ୍ଷ୍ମୀ ମିତ୍ତଲଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ ନେଇ ଘୋଷଣା ।

## ପେପର୍ ହାଉସ୍

ବିଶ୍ୱରେ କ୍ରିଏଟିଭ୍ ଲୋକଙ୍କର କୌଣସି ଅଭାବ ନାହିଁ । ଗୋଟିଏ ଜିନିଷକୁ ଦେଖି ଆମେ କିଛି ଭିନ୍ନ ଭାବିଥାଉ, ହେଲେ ତାହା ପ୍ରକୃତରେ କିଛି ଅଲଗା ଥାଏ । ଅର୍ଥାତ୍ ଯାହା ଆମକୁ ବେକାର ଲାଗିଥାଏ, ତାହା କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବ୍ୟବହୃତ ହୋଇଥାଏ । ଏହାର ଏକ ନିଚ୍ଛକ ଉଦାହରଣ ଆମେରିକାରେ ଦେଖିବାକୁ ମିଳିଛି । ସାଧାରଣତଃ ପୁରୁଣା ଖବରକାଗଜକୁ ଲୋକେ ବିକ୍ରି କରିଦିଅନ୍ତି କିମ୍ବା କୌଣସି ଛୋଟମୋଟ କାର୍ଯ୍ୟରେ ବ୍ୟବହାର କରନ୍ତି । ହେଲେ ଆମେରିକାର ମାସାଚ୍ୟୁସେଟ୍ସରେ ପୁରୁଣା ଖବରକାଗଜ ସାହାଯ୍ୟରେ ଏକ ସମ୍ପୂର୍ଣ୍ଣ ଘର ନିର୍ମାଣ କରାଯାଇଛି । କେବଳ ଏତିକି ନୁହେଁ, ବରଂ ଘର ସହିତ ଘରର ଆସବାବପତ୍ରକୁ ମଧ ପୁରୁଣା ଖବରକାଗଜକେ ପ୍ରସ୍ତୁତ କରାଯାଇଛି ।



ଦୀର୍ଘ ୧୦୦ ବର୍ଷ ହେବ ଏହି ଘର ଏଠାରେ ରହିଥିବାବେଳେ ମେକାନିକାଲ୍ ଇଞ୍ଜିନିଅର୍ ଏଲିସ୍ ଷ୍ଟେନ୍‌ମ୍ୟାନ୍ ୧୯୨୨ରେ ଏହି ଘରଟିକୁ ନିର୍ମାଣ କରିଥିଲେ । ଖବରକାଗଜରେ କୌଣସି ଜିନିଷ କେତେଦିନ ପର୍ଯ୍ୟନ୍ତ ରହିପାରିବ ବୋଲି ସେ ଦେଖିବାକୁ ଚାହୁଁଥିଲେ, ଯାହାଫଳରେ ଏହି ଘରକୁ ନିର୍ମାଣ କରିଥିଲେ । ପେପର୍ ହାଉସ୍ ନାମକ ଏହି ଘରକୁ ମୋଟ ୧ ଲକ୍ଷ ପୁରୁଣା ଖବରକାଗଜକୁ ବାର୍ଣ୍ଣିସ୍ କରାଯାଇ ନିର୍ମାଣ କରାଯାଇଛି । ଘରର ଛାତ, କାନ୍ଥ ଓ ଫ୍ରେମ୍ ମଧ ଖବରକାଗଜରେ ନିର୍ମିତ । ଏହାର କବାଟ ମଧ ଖବରକାଗଜରେ କରାଯାଇଥିବାବେଳେ ଏହାର ମୋଟେଇ ହେଉଛି ଅଧ ଇଞ୍ଚ । ସେହିପରି ବାର୍ଣ୍ଣିସ୍ ଓ ରୋଲ୍ କରାଯାଇ ଘରର ଆସବାବପତ୍ରକୁ ନିର୍ମାଣ କରାଯାଇଛି । ଏଥିରେ ଟେବଲ୍, ଘଣ୍ଟା, ଆଲମାରୀ, ଲ୍ୟାମ୍ପ୍ ଆଦି ସାମିଲ ରହିଛି । ଏହି ପେପର୍‌ହାଉସ୍‌କୁ କରିବା ପାଇଁ ୨୦ ବର୍ଷ ସମୟ ଲାଗିଥିଲା । ତେବେ ଏହି ଘରଟିକୁ ସର୍ବସାଧାରଣଙ୍କ ପାଇଁ ଏପ୍ରିଲ୍‌ରୁ ଅକ୍ଟୋବର ପର୍ଯ୍ୟନ୍ତ ଖୋଲା ରଖାଯାଏ ।

## ସୋସିଆଲ କୋଟ୍ସ



" ଜୀବନରେ ଅନେକ ଫ୍ଲପ ଫିଲ୍ମ ଦେଖିଛି । ଯେତେବେଳେ କ୍ୟାରିୟର ଆରମ୍ଭ କରିଥିଲି ଫିଲ୍ମ ଫ୍ଲପ ହେବାରୁ ଆତ୍ମହତ୍ୟାର ଭାବନା ମନକୁ ଆସିଥିଲା । ବହୁ କଷ୍ଟରେ ନିଜକୁ ସମ୍ଭାଳି ଆଗକୁ ବଢିଥିଲି ।

ବିଧୁ ବିନୋଦ ଚୋପ୍ରା, ଫିଲ୍ମମେକର



" ଅଭିନୟ ଠାରୁ ନିର୍ଦ୍ଦେଶନା ମୋ ପାଇଁ ଲକି ସାବସ୍ତ୍ୟ ହୋଇଥିଲା । ଫିଲ୍ମ ତିଆରି କରିବା ଆରମ୍ଭ କରିବା ପରେ ମୋ ଭାଗ୍ୟ ବଦଳିଥିଲା ।

ରାକେଶ ରୋଶନ, ଫିଲ୍ମମେକର



" କୋଲକାତା ସରକାର ଯାହା କରୁଛନ୍ତି ତାହା ଅତି ଦୁର୍ଭାଗ୍ୟଜନକ । ଆମେ ଏହା ଉପରେ ନ୍ୟାୟିକ ପଦକ୍ଷେପ ନେବୁ ।

ବିବେକ ଅଗ୍ନିହୋତ୍ରି, ଫିଲ୍ମମେକର

## ମନେପଡ଼େ

## ଖୁସି ଦେଇଥାଏ ଫ୍ୟାଶନ



ସୋନମ କପୁର ସବୁବେଳେ ନିଜ ଫ୍ୟାଶନ ଷ୍ଟେଟମେଣ୍ଟ ପାଇଁ ଚର୍ଚ୍ଚାରେ ରହିଥାଆନ୍ତି । ନିଜର ଷ୍ଟାଇଲ ପାଇଁ ଫ୍ୟାନଙ୍କର ସେ ଖୁବ ପ୍ରିୟ । ଅନେକ ଫ୍ୟାନ ତାଙ୍କ ଫ୍ୟାଶନକୁ ସବୁବେଳେ ଫଲୋ କରନ୍ତି । ତାଙ୍କର କାଜୁଆଲ ଆପିଅରାନ୍ସ ଠାରୁ ଆରମ୍ଭ କରି ରେଡ କାର୍ପେଟ ଲୁକ ସବୁ ଚର୍ଚ୍ଚାରେ ରହିଥାଏ । ନିକଟରେ ନିଜର ବି-ଟାଉନ ଡେବ୍ୟୁ ସମୟର ଫ୍ୟାଶନକୁ ନେଇ ମନ ଖୋଲି କଥା ହୋଇଛନ୍ତି । ସେ ସମୟରେ ରେଡ କାର୍ପେଟ ଲୁକ୍ ବୋଲି କିଛି ନଥିଲା । ତାଙ୍କର ବିଟାଉନ୍‌ରେ ଏଣ୍ଟ୍ରି ପଛର କାରଣ ଅଭିନୟ ଯେତିକି ଫ୍ୟାଶନ ମଧ ସେତିକି ବୋଲି ସୋନମ ତାଙ୍କ ଷ୍ଟେଟମେଣ୍ଟରେ କହିଛନ୍ତି । ତାଙ୍କ ମା' ଫ୍ୟାଶନ ସହିତ ଜଡିତ ଥିଲେ ତେଣୁ ପିଲାଦିନୁ ତାଙ୍କୁ ଫ୍ୟାଶନେବଲ ରହିବାକୁ ଭଲ ଲାଗିଥାଏ । ଫ୍ୟାଶନ ସବୁବେଳେ ତାଙ୍କୁ ଖୁବ ଆନନ୍ଦ ପ୍ରଦାନ କରିଥାଏ ବୋଲି ସୋନମ କହିଛନ୍ତି । ଛୋଟ ପିଲାବେଳୁ ତାଙ୍କର ଫ୍ୟାଶନ ପାଇଁ କ୍ରେଜ ଥିବା ସେ ଏହି ସାକ୍ଷାତକାରରେ କହିଛନ୍ତି ।

## ବଦାନ୍ୟ ଅକ୍ଷୟ



କିଛି ଦିନହେବ ପଞ୍ଜାବରେ ବନ୍ୟାସ୍ଥିତି ଲାଗି ରହିଛି । ଯେଉଁଥିପାଇଁ ସେଠିକାର ବାସିନ୍ଦା ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ତେବେ ଏହି ଅଧିବାସୀଙ୍କୁ ସରକାରଙ୍କ ସମେତ ଅନେକ ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି । ଏଥିରେ ଅନେକ ବଲିଉଡ ଷ୍ଟାର ସାମିଲ ଅଛନ୍ତି, ଯେଉଁମାନେ ପଞ୍ଜାବକୁ ସହାୟତାର ହାତ ବଢାଉଥିବାର ଦେଖିବାକୁ ମିଳୁଛି । ଏହି ତାଲିକାରେ ସାମିଲ ହୋଇଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର । ଯିଏ ୫କୋଟି ଟଙ୍କା ପଞ୍ଜାବ ବାସୀଙ୍କ ପାଇଁ ପ୍ରଦାନ କରିଛନ୍ତି । ଏହାକୁ ସେ ଦାନ ନୁହେଁ ବରଂ ପଞ୍ଜାବବାସୀଙ୍କ ପାଇଁ ସେବା ବୋଲି ଆଖ୍ୟା ଦେଇଛନ୍ତି । ତେବେ କେବଳ ଅକ୍ଷୟ କୁମାର ନୁହେଁ ଅନେକ ସେଲିବ୍ରିଟି ଏଥିରେ ସାମିଲ ହେବାରେ ଲାଗିଛନ୍ତି । ଏହି ତାଲିକାରେ ରଣଦୀପ ହୁଡ୍ଡା, କପିଲ ଶର୍ମା, ଦିଲ୍‌ଜିତ ଦୋସାଞ୍ଜା, ଏମି ୱାର୍କ, ଅର୍ଜୁନ ଡିଲ୍ଲୋନଙ୍କ ଅନେକ କଳାକାର ସାମିଲ ଅଛନ୍ତି । ସେମାନେ ସମସ୍ତେ ହୃଦୟରୁ ପଞ୍ଜାବ ବାସୀଙ୍କୁ ସହଯୋଗ କରିବା ପାଇଁ ଆଗେଇ ଆସିଛନ୍ତି ।

## କେଶକୁ ରଖନ୍ତୁ କଳା



ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଜର ଯତ୍ନନେବାକୁ କାହାରି ପାଖରେ ସମୟ ନାହିଁ । ତେଣୁ ଏହାର ସିଧାସଳଖ ପ୍ରଭାବ ଆମ କେଶ ଉପରେ ପଡୁଛି । କେଶ ଅଦିନରେ ପାଚୁଛି । ତେବେ କିଛି ଘରୋଇ ଉପାୟ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆପଣ ନିଜ କେଶକୁ ପାଚିବାରୁ ମୁକ୍ତ କରିପାରିବେ । ପିଆଜ ଚୋପା ନିଅନ୍ତୁ ଏହାକୁ ପ୍ରଥମେ ଭାଜି ନିଅନ୍ତୁ । ଏହାକୁ ଭାଜି କଳା ପକାଇବା ପରେ ଏହାକୁ ଗୁଣ୍ଡ କରନ୍ତୁ । ଏହାପରେ ଏଥିରେ ନଡିଆ ତେଲ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ତେଲକୁ ଚୁଟିରେ ମାଲିସ କରନ୍ତୁ ଏବଂ କିଛି ସମୟ ରଖି ଚୁଟି ଧୋଇ ନିଅନ୍ତୁ । ଏପରି ପ୍ରତିଦିନ କରିବା ଫଳରେ ଖୁବ କମ୍‌ଦିନରେ ଆପଣଙ୍କ କେଶ କଳା ହୋଇଯିବ । ଚୁଟି ପାଇଁ ପିଆଜ ଖୁବ ଭଲ ହୋଇଥାଏ । ଏହା ଆମର ଚୁଟିକୁ କଳା କରିବା ସହିତ ମଜବୁତ କରିଥାଏ । ସେହିଭଳି ନଡିଆ ତେଲରେ ଥିବା ପୋଷଣ ତତ୍ୱ ଆମର ଚୁଟିପାଇଁ ବେଶ ଭଲ ହୋଇଥାଏ ।

## ସେରମ୍ ଲଗାଇବାର ସତର୍କତା

**ତ୍ୱଚାକୁ ଉଜ୍ଜ୍ୱଳ କରିବା ଲାଗି ଲୋକେ ବିଭିନ୍ନ ପ୍ରକାରର ପ୍ରଡକ୍ଟ ବ୍ୟବହାର କରୁଛନ୍ତି । ରେଡିମେଡ୍ ସାମଗ୍ରୀ ସହିତ ଏଭଳି ଅନେକ ସ୍କିନ୍ କେୟାର ଟ୍ରିଟ୍‌ମେଣ୍ଟ କରାଯାଉଛି, ଯାହାଦ୍ୱାରା ତ୍ୱଚା ଖୁବ୍ ଗ୍ଲୋ କରିଥାଏ । ବିଶେଷକରି ମହିଳାମାନେ ନିଜ ତ୍ୱଚାକୁ ଅଧିକ ଉଜ୍ଜ୍ୱଳ ରଖିବା ଲାଗି ସବୁବେଳେ କିଛି ନା କିଛି ଆପ୍ଲାଏ କରନ୍ତି । ଆଜିକାଲି ବଜାରରେ ଅନେକ ସେରମ୍ ମିଳୁଛି, ଯାହାକୁ ଲଗାଇବା ଦ୍ୱାରା ତ୍ୱଚା ଅଧିକ ଗ୍ଲୋ କରେ । ହେଲେ ସେରମ୍ ବ୍ୟବହାର କରିବା ସମୟରେ କିଛି ଦିଗ ପ୍ରତି ଦୃଷ୍ଟି ଦେବା ଉଚିତ, ନଚେତ୍ ତ୍ୱଚା ଖରାପ ହେବାର ସମ୍ଭାବନା ରହିଛି ।**

- ସେରମ୍ ଲଗାଇବା ପୂର୍ବରୁ ସର୍ବପ୍ରଥମେ ତ୍ୱଚାକୁ ଭଲଭାବେ ସଫା କରିନିଅନ୍ତୁ । ଯଦି ଆପଣ ମଇଳା ମୁହଁରେ ସେରମ୍ ଲଗାଉଛନ୍ତି ତେବେ ତ୍ୱଚାରେ ଥିବା ମଇଳା ସବୁଦିନ ପାଇଁ ଜମିଯିବ । ଏହାଦ୍ୱାରା ତ୍ୱଚା ଖୁବ୍‌ଶୀଘ୍ର ଖରାପ ହୋଇଯିବ । ତେଣୁ ତ୍ୱଚାକୁ ସଫା କରିବା ପରେ ହିଁ ସେରମ୍ ବ୍ୟବହାର କରନ୍ତୁ ।
- ପ୍ରାୟ ସମୟରେ ମହିଳାମାନେ ଜଲଦି ଜଲଦିରେ ଡ୍ରପର୍ ସାହାଯ୍ୟରେ ସେରମ୍ ଲଗାନ୍ତି । ଏଭଳି କରିବା ଦ୍ୱାରା ଡ୍ରପର୍‌ରେ ମଇଳା ଲାଗିଯାଏ ଏବଂ ମଇଳା ଡ୍ରପର୍ ସାହାଯ୍ୟରେ ବୋତଲ ମଧ୍ୟକୁ ପଳାଏ । ଯାହାଦ୍ୱାରା ପୁନଶ୍ଚ ଏହି ସେରମ୍‌କୁ ତ୍ୱଚାରେ ଲଗାଇବା ଦ୍ୱାରା ସଂକ୍ରମଣ ହେବାର ଆଶଙ୍କା ବଢ଼ିଯାଏ । ତେଣୁ ସବୁବେଳେ ହାତରେ ସେରମ୍ ନେଇ ତ୍ୱଚାରେ ଲଗାଇବା ଉଚିତ ।



- ଅଧିକ ସେରମ୍ ଲଗାଇବାକୁ ଆଭଏଡ୍ କରନ୍ତୁ । କାହିଁକି ନା ଅଧିକରୁ ଅଧିକ ସେରମ୍ ଲଗାଇବା ଦ୍ୱାରା ତ୍ୱଚା ତେଲିଆ ହୋଇଯାଏ । ଏପରି ସ୍ଥଳେ ତ୍ୱଚାରେ ବ୍ରଣ ସମସ୍ୟା ଦେଖାଯିବାର ସମ୍ଭାବନା ବୃଦ୍ଧି ପାଏ । ତେଣୁ କେବଳ ୩ରୁ୪ ବୁନ୍ଦା ସେରମ୍‌କୁ ନେଇ ତ୍ୱଚାରେ ଲଗାନ୍ତୁ ।
- କେବେ ବି ସେରମ୍‌କୁ ମୁହଁରେ ରଗଡ଼ିକି ଲଗାନ୍ତୁ ନାହିଁ । ଏହାଦ୍ୱାରା ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ହାଲକା ହାତରେ ସେରମ୍‌କୁ ତ୍ୱଚାରେ ଆପ୍ଲାଏ କରନ୍ତୁ ।
- ସେରମ୍ କିଣିବା ବେଳେ ସର୍ବଦା ସ୍କିନ୍ ଟାଇପ୍‌କୁ ଦେଖି ସେରମ୍ କିଣନ୍ତୁ । ଯେକୌଣସି ସ୍କିନ୍ ଟାଇପ୍‌ର ସେରମ୍ ଲଗାଇଲେ ତ୍ୱଚା ଉପରେ ନକରାତ୍ମକ ପ୍ରଭାବ ପକାଇବ । ତେଣୁ ସବୁବେଳେ ନିଜ ସ୍କିନ୍ ଟାଇପ୍‌ର ସେରମ୍ ହିଁ ବ୍ୟବହାର କରନ୍ତୁ ।

# ବସନ୍ତ ବିଶ୍ୱାଳଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା





ଯୁକ୍ତ ୨ ବିଜ୍ଞାନରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରଙ୍କ ପାଇଁ ପ୍ରଦାନ କରାଯାଉଛି ପ୍ରଶଂସା ପତ୍ର



ସମ୍ବର୍ଦ୍ଧିତ ହେଉଛନ୍ତି ବିଶିଷ୍ଟ ସାହିତ୍ୟିକା ପ୍ରଫେସର ମନୋରମା ବିଶ୍ୱାଳ ମହାପାତ୍ର



ଧାବକ ଅମିୟ କୁମାର ମଲ୍ଲିକ



ସ୍କାଉଟ୍‌ଗାଇଡ୍ ସଂଗଠନ ସଂପାଦକ ଶରତ ଚନ୍ଦ୍ର ପାଇକରାୟ



ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର



ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି



ଅତିଥି ତଥା ପିସିସି ସଭାପତି ଭକ୍ତ ଦାସଙ୍କ ସହିତ ରଞ୍ଜୀବ ବିଶ୍ୱାଳ





ବକ୍ତବ୍ୟ ରଖୁଛନ୍ତି ବିଶିଷ୍ଟ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ, ବିଜେଡ଼ିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ପିସିସି ସଭାପତି ଭକ୍ତ ଚରଣ ଦାସ

## ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣୀ : ୩୧୦ ମୂର୍ତ୍ତି ବିସର୍ଜିତ

କଟକ(ସବ୍ୟୁ): ସହରର ବିଭିନ୍ନ ପୂଜା ମଣ୍ଡପରୁ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମେଲାଣି ନେଉଛନ୍ତି ଗଜାନନ । ଧୁମ୍‌ଧାମରେ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଶେଷ ହୋଇଛି । ଗଜାନନଙ୍କ ପୂଜାକୁ କଟକ ବାସିନ୍ଦା ବେଶ ଜାକଜମକରେ କରିଥିବାବେଳେ ବିଘ୍ନବିନାଶକଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ବିଦାୟ ଦିଆଯାଇଛି । ଆଜି ସକାଳୁ କଟକରର ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା । ଚନ୍ଦ୍ର ଗ୍ରହଣ ଯୋଗୁ ରାତି ୯ଟା ସୁଦ୍ଧା ବିସର୍ଜିତ କରାଯାଇଥିଲା । ୩୧୦ଟି ମେଢ଼ ବିସର୍ଜନ ପାଇ ତାଲିକା ହୋଇଥିବା ବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା । ସାହି ସାହିରେ ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ମେଢ ଗୁଡ଼ିକୁ ଦେଖିବାକୁ ରାସ୍ତା କଡ଼ରେ ଭିଡ଼ ଲଗାଇଥିଲେ ସହରବାସୀ । ଶିଙ୍ଘ ବାଜା, ଦୁଲୁଦୁଲି, ମାଦାଳ, ପଞ୍ଜାବୀ ବାଜା, ଘଣ୍ଟ ସଂଗକୁ ବ୍ୟାଣ୍ଡ ବାଜାରେ କମ୍ପିଥିଲା ସାରା ସହର । ପୁରୀଘାଟ ସମେତ ସହରର ୯ଟି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦ୍ୱିତୀୟ ପର୍ଯ୍ୟାୟରେ ଛୋଟବଡ଼ ୩୧୦ଟି ମୂର୍ତ୍ତି ବିସର୍ଜିତ ହୋଇଛନ୍ତି । ଗତ ରବିବାର ପ୍ରଥମ ପ୍ରଥମ ପର୍ଯ୍ୟାୟ ଭସାଣୀ ଉତ୍ସବ କରା ଯାଇଥିଲା । କମିଶନରେଟ୍ ପୁଲିସ ଦ୍ୱାରା ପଞ୍ଜୀକୃତ ହୋଇଥିବା ୩୮୦ଟି ମେଢ଼ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ବିସର୍ଜିତ ହୋଇଥିଲେ । ଏବଂ ଛୋଟ ଛୋଟ ମଣ୍ଡପ ଗୁଡ଼ିକରେ ପୂଜା ପାଉଥିବା ପାଖାପାଖି ୫୦ରୁ ଅଧିକ ମୂର୍ତ୍ତି ମଧ୍ୟ ବିସର୍ଜନ କରାଯାଇଥିଲା । ଆଜି ଦ୍ୱିତୀୟ ପର୍ଯ୍ୟାୟରେ ୩୧୦ଟି ମୂର୍ତ୍ତି ବିସର୍ଜନ କରାଯିବା ପରେ ସହରରେ ମୋଟ୍ ୬୯୦ଟି ମେଢ଼ ବିସର୍ଜିତ ହୋଇଛନ୍ତି । ପୂର୍ବ ପରି ବିଭିନ୍ନ କ୍ଲବ୍‌ର ଶୋଭାଯାତ୍ରା ସକାଳ ୯ଟାରୁ ଆରମ୍ଭ ହୋଇଥିଲା । ରାତି ୯ଟାରେ ବ୍ୟାଣ୍ଡ ବାଜା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । କେବଳ ଢ଼ୋଲ ଘଣ୍ଟ ବଜାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କ୍ଲବ୍ ଗୁଡ଼ିକ ପକ୍ଷରୁ ମୂର୍ତ୍ତି ବିସର୍ଜନ କରା ଯାଇଥିଲା ।





ବକ୍ତବ୍ୟ ରଖୁଛନ୍ତି ସମୟର ମୁଖ୍ୟ ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର, ସ୍ମୃତି କମିଟିର କୋଷାଧ୍ୟକ୍ଷ ନାରାୟଣ ଜେନା ଓ ଉପଦେଷ୍ଟା ମାନସ ଚୌଧୁରୀ



ଧନ୍ୟବାଦ ଅର୍ପଣ କରୁଛନ୍ତି ସମୟର ପ୍ରକାଶକ ସତ୍ୟନାରାୟଣ ମହାନ୍ତି



ସଭାପତି ଅଭିଭାଷଣ ରଖୁଛନ୍ତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର



ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିବିଶେଷ

# ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୪୩ ତମ ପ୍ରତିଷ୍ଠା ଦିବସ ଆଜି ପରିଷଦ ମୁଖ୍ୟ କାର୍ଯ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହିଁ ସମୃଦ୍ଧ ଭାରତର ମାନଦଣ୍ଡ ଅଟେ । ଶିକ୍ଷା ବ୍ୟକ୍ତିତ୍ୱର ପରିପ୍ରକାଶ କରି ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦୀର୍ଘ ୪୩ ବର୍ଷର ଯାତ୍ରା ଅତିକ୍ରମ କରି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ନିରନ୍ତର ସହଭାଗୀ ହୋଇଥିବାରୁ ଏହାର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ପ୍ରତିଷ୍ଠା ଦିବସ ଉତ୍ସବରେ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ପ୍ରଜ୍ଞା', ଏନଏସଏସର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ପରେ ପରେ ଏସଜିଏଫଆଇ



ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସଫଳ ହୋଇଥିବା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏବଂ ଶେଷରେ ପରିଷଦ କର୍ମଚାରୀଙ୍କ ଦ୍ୱାରା ସାମାଜିକ ନାଟକ "ଗୁରୁଦକ୍ଷିଣା" ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ବୋର୍ଡ଼ ଅଫ ସେକେଣ୍ଡାରୀ ଏଜୁକେଶନରୁ ଶ୍ରୀକାନ୍ତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଷଦର ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ସଚିବ ଶ୍ରୀମତୀ ଶୁଭ୍ରବାଳା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିଷଦର କର୍ମକର୍ତ୍ତା ଆଦି ଯୋଗଦେଇଥିଲେ ।

# ଫସଲ ସୁରକ୍ଷା ପାଇଁ ପ୍ରସ୍ତୁତି ବୈଠକ

ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଗରୁଡ଼ଗାଁ ପଂଚାୟତ ସପନପୁର ସ୍ଥିତ ମହିମା ଅଲେଖ ପର୍ଯ୍ୟଟନ ସ୍ଥଳୀ ପରିସରରେ ଫସଲ ସୁରକ୍ଷା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ମହିମା ଅଲେଖ ସାଧୁ ଶୁକଦେବ ଦାସ ପୌରୋହିତ୍ୟ କରିଥିବା ବେଳେ ପ୍ରାକ୍ତନ ସରପଂଚ ସୁବୋଧ କୁମାର ସାମଲ, ହରମୋହନ ପ୍ରଧାନ, ଧନେଶ୍ୱର ନାୟକ, ଉଦ୍ୟାନବିତ୍ ପ୍ରଶାନ୍ତ କୁମାର ବସ୍ତିଆ ଯୋଗଦେଇ ଶାଳଗାଁ, ସଫା, କରଞ୍ଜି, ଗରୁଡ଼ଗାଁ, ବ୍ରହ୍ମପୁର, କନ୍ହେଇପୁର ପ୍ରଭୃତି ପଂଚାୟତର ବିଭିନ୍ନ ଗ୍ରାମରେ ଜଙ୍ଗଲୀ ବାରହା, ମଇଁଷି ଓ ହାତୀ ଧାନ ଫସଲ ନଷ୍ଟ କରୁଥିବା ବେଳେ ଏଥିପାଇଁ ଚାଷୀମାନେ ବହୁ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି । ଏହାର ସମାଧାନ ପାଇଁ ସରକାରଙ୍କ ନିକଟରେ ଦାବି କରିବା ପାଇଁ ଆଂଚଳିକ ସୁରକ୍ଷା ମଂଚ ଗଠନ କରାଯାଇଥିଲା । ପ୍ରତ୍ୟେକ ପଂଚାୟତରୁ ୪ଜଣ ଲେଖାଏଁ ସଦସ୍ୟ ମନୋନୀତ କରାଯିବା ସହ ଆଗାମୀ ଦିନରେ ବଡ଼ କୃଷକ ସମାବେଶ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତପ୍ରକାଶ ପାଇଥିଲା । ସମାଜସେବୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବାସ ଚନ୍ଦ୍ର ବେହେରା, ମାଧବ ଚନ୍ଦ୍ର ମହାନ୍ତି, ଚିନ୍ମୟ ଧଳ, ଗଣେଶ୍ୱର ନାୟକଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିବା ବେଳେ ରକ୍ଷ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଲୋକଙ୍କ ସେବା ଲାଗି ରବିବାର ଛୁଟି ଦିନରେ ବି କାର୍ଯ୍ୟ କରୁଛନ୍ତି

# ନିଖୋଜ ନାବାଳକ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ନିଖୋଜ ହେବାର ୪ଦିନ ପରେ ନାବାଳକଙ୍କୁ ଉଦ୍ଧାର କରିଛି କ୍ୟାପିଟାଲ ଥାନା ପୋଲିସ । ଉଦ୍ଧାର ନାବାଳକ ଓମ୍ ମୁଖିଆ (୧୬)ଙ୍କୁ ତାଙ୍କ ମା'ଙ୍କୁ ପୋଲିସ ହସ୍ତାନ୍ତର କରିବା ପରେ ସେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ୪ଦିନ ତଳେ କରାଟ୍ ସ୍କୁଲକୁ ଯାଇ ଆଉ ଘରକୁ ଫେରିନଥିଲେ । କାରଣ ଘରୁ ସେ ରାଗିକରି ଯାଇଥିବାରୁ ବାହାରେ ବୁଲାଚଲା କରୁଥିଲେ । ତାଙ୍କ ମା' କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସେହି ଅଞ୍ଚଳର ସିସିଟିଭି ପ୍ରଭୃତି ଯାଞ୍ଚ କରାଯାଇଥିଲା । ଯାଞ୍ଚ କରାଯିବା ପରେ ଜଣାପଡିଥିଲା ଯେ, କ୍ୟାପିଟାଲ ହସ୍ପିଟାଲ ନିକଟ ଏକ ଆଶ୍ରୟସ୍ଥଳରେ ଓମ୍ ଅଛନ୍ତି । ପିସିଆର୍ ଟିମ୍ ଏହା ଜାଣିବା ପରେ ତାଙ୍କୁ ଥାନାକୁ ଆଣିଥିଲା । ତାଙ୍କ ଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଓମ୍‌ଙ୍କ ମା'ପୁଅକୁ ପାଇବା ପରେ କାହିଁକି ଦୁଇଦିନ ହେବ ମୋତେ ଖବର କରାଯାଇନଥିଲା ବୋଲି ଅଭିଯୋଗ କରିଛନ୍ତି । ଡିସିପି ଜଗମୋହନ ମିନାଙ୍କ କହିବାନୁଯାୟୀ ସେ ଘରୁ ରାଗି ଯାଇଥିବାରୁ ଘର ଠିକଣା ଓ ବାପ-ମା'ଙ୍କ ପରିଚୟ ଠିକ୍ ଭାବେ କହିନଥିଲେ । ସେ ପରିବାର ସମ୍ପର୍କରେ କହିବା ପରେ ତାଙ୍କ ଘରକୁ ଖବର ଦିଆଯାଇଥିଲା । ପୋଲିସ ସଂଗ୍ରହ କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି ଯେ, ଓମ୍ କ୍ୟାପିଟାଲ ହସ୍ପିଟାଲ ପାଖ ରାସ୍ତାରେ ଚାଲି ଚାଲି ଯାଉଛନ୍ତି ।

# ଜଟଣୀ ଭସାଣି ଉତ୍ସବ



ଜଟଣୀ,(ସବ୍ୟୁ): ୧୧ଦିନ ଉତ୍ସବ ମୁଖର ହୋଇଉଠିଥିଲା ଜଟଣୀ ସହର। ଭସାଣି ପାଇଁ ପୂଜାମଣ୍ଡପ କର୍ମକର୍ତ୍ତା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଚତୁର୍ଥୀରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ଭସାଣି ରବିବାର ଇନ୍ଦୁପୂର୍ଣ୍ଣିମା ତଥା ଚନ୍ଦ୍ରଗ୍ରହଣ ସନ୍ଧ୍ୟାରେ ଆନନ୍ଦ ଉଲ୍ଲାସରେ ଆୟୋଜିତ ହୋଇଥିଲା। ଗୋଲେଇ ମାର୍କେଟ, ରାଜାବଜାର, ବଡବଜାର, ପରିବା ଓ ମାଛ ମାର୍କେଟ, କୁଦିଆରୀ ବଜାର, ସୀତାରାମ ଛକ, ନୀଳଚକ୍ର ମାର୍କେଟ, ଜଗନ୍ନାଥ ବଜାର, ପୋଷ୍ଟ ଅଫିସ ଛକ, ଥାନା ଛକ, ମହୁଲଗୁଡ଼ିଆ ଛକ, ହରିଭାଇନା ଛକ, ଖୁଦୁପୁର ଛକ, ଗୋପବନ୍ଧୁ ବଜାର, ମେଡିକାଲ ଛକ, ରେଡଙ୍ଗ କଲୋନୀ, ହାଟବଜାର, ବିନାୟକ କ୍ଲବ, ବାଛରାପାଟଣା, ହନୁମାନବାଟିକା ଛକ ଏହିପରି ୪୦ରୁ ଉର୍ଦ୍ଧ୍ୱ ମେଢ଼ ବିଭିନ୍ନ ଦିଗରୁ ଶୋଭାଯାତ୍ରାରେ ବାହାରି ସୀତାରାମ ଛକରେ ପହଞ୍ଚିଥିଲେ। ସେଠାରୁ ମୁଖ୍ୟରାସ୍ତାରେ ଆଗପଛ ହୋଇ ଶୋଭାଯାତ୍ରାରେ ଯିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ଥିଲା। ପେଣ୍ଡାଲ ମେଢ଼ ଶୋଭାଯାତ୍ରାରେ ଘଣ୍ଟ ଓ ଶଙ୍ଖଧ୍ୱନୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟରାସ୍ତାର ଉଭୟ ପାଶ୍ୱର୍ରେ ହଜାର ହଜାର ଲୋକ ଉପସ୍ଥିତ ରହି ଗଜାନନଙ୍କୁ ମେଲାଣି ଦେଇଥିଲେ। ଗଣପତି ବାବା ମୋରିଆ ଧ୍ୱନୀରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଭସାଣି ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ସ୍ଥାନୀୟ ନେତା ଭସାଣି ଉତ୍ସବରେ ସାମିଲ ହୋଇଥିଲେ। ସୀତାରାମ ଛକରୁ ହରିଭାଇନା ଛକ ମୁଖ୍ୟ ରାସ୍ତାର ପାଶ୍ୱର୍ ବିଭିନ୍ନ ସ୍ଥାନରେ ମଞ୍ଚ କରି ଭସାଣି ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ପୂଜା ପେଣ୍ଡାଲ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନେକ ସ୍ୱେଚ୍ଛାସେବୀ ସଂଗଠନ ଖାଦ୍ୟପୁଡ଼ିଆ ବାଣ୍ଟିଥିଲେ।

# ବସନ୍ତ ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀରେ ସମୟ ର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ଉପମୁଖ୍ୟମନ୍ତ୍ରୀ, ନବ ଓଡିଶାର ନିର୍ମାତା ତଥା ସମୟର ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳଙ୍କର ୨୨ତମ ଶ୍ରାଦ୍ଧ ବାର୍ଷିକୀ ସମୟ ପରିସରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ବିଶ୍ୱାଳଙ୍କ ଗୁଣ କୀର୍ତ୍ତନ କରାଯିବା ସହିତ ତାଙ୍କୁ ନବ ଓଡିଶାର ନିର୍ମାତା, ଜଣେ ଦୃଢମନା ଓ ସଙ୍କଳ୍ପବଦ୍ଧ ରାଜନେତା ଭାବେ ବର୍ଣ୍ଣନା କରାଯାଇଥିଲା ।

ପ୍ରାରମ୍ଭରେ ସମୟର ସମ୍ପାଦକ ପପୁ ମହାନ୍ତି ବକ୍ତବ୍ୟ ରଖି ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ଓ କହିଥିଲେ ବସନ୍ତ ବିଶ୍ୱାଳ ଥିଲେ ଜଣେ ବିକାଶ ପୁରୁଷ । ରାଜ୍ୟର କଳା, ସଂସ୍କୃତି, ସାହିତ୍ୟ ,କ୍ରୀଡା କ୍ଷେତ୍ରରେ ରାଜ୍ୟର ଯାହାବି କିଛି ବିକାଶ ହୋଇଛି ତାହା ତାଙ୍କ



ହାତର ସ୍ପର୍ଶ । ସେ ଥିଲେ ଜଣେ ଦକ୍ଷ ରାଜନେତା । ଆଜିକାଲି ତାଙ୍କ ପରି ଜଣେ ଦୃଢମନା ରାଜନେତା ଦେଖିବାକୁ ବିରଳ ଭଳି ସେ କହିଥିଲେ ।

ସମୟର ବାର୍ତ୍ତା ସମ୍ପାଦକ ମଳୟ ନାୟକ ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସମୟର ବରିଷ୍ଠ ସହ ସମ୍ପାଦକ ସତ୍ୟ ସୁନ୍ଦର ଭଞ୍ଜ ସ୍ୱର୍ଗତ ବିଶ୍ୱାଳଙ୍କ ହସ୍ତର ସ୍ପର୍ଶରେ ପଶ୍ଚିମ ଓଡିଶାରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ଅବତାରଣା କରିଥିଲେ । ସମୟ କଟକ ଜିଲ୍ଲା ବ୍ୟୁରୋ ମୁଖ୍ୟ ପ୍ରଫୁଲ୍ଲ ମହାନ୍ତି ବିଶ୍ୱାଳଙ୍କ ସମ୍ପର୍କରେ କେତେକ ସ୍ମୃତି ବିଜଡିତ ଘଟଣା ବର୍ଣ୍ଣନା କରିଥିଲେ । ପ୍ରକାଶକ ସତ୍ୟନାରାୟଣ ମହାନ୍ତି ସ୍ୱର୍ଗତ ବିଶ୍ୱାଳଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ମଚାରୀମାନେ ଏକ ସ୍ୱର ଓ ଏକ ମନ ହୋଇ କାର୍ଯ୍ୟ କଲେ ସମୟ ରାଜ୍ୟରେ ପୁଣି ୧ନଂ ସମ୍ବାଦ ପତ୍ରର ମାନ୍ୟତା ପାଇ ପାରିବ ବୋଲି କହିଥିଲେ । ଶ୍ରାଦ୍ଧ ଦିବସ ଅବସରରେ ପ୍ରତ୍ୟୁଷରେ ସମୟ ପରିସରରେ ଥିବା ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମ୍ପାଦକ ପପୁ ମହାନ୍ତି, ପ୍ରକାଶକ ସତ୍ୟନାରାୟଣ ମହାନ୍ତି, ସମୟର ବାର୍ତ୍ତା ସମ୍ପାଦକ ସାରଦା ଦେବତା, ମଳୟ ନାୟକ, ସମୟ ଲାଇଭର ଜେନେରାଲ ମ୍ୟାନେଜର ସୁଭେନ୍ଦ୍ର ପଟ୍ଟନାୟକ, ସମୟର ବିଜ୍ଞାପନ ମ୍ୟାନେଜର ତୁଷାର ରାଉତରାୟ ,ସମୀର ସାମଲ ,ଜି. ଏମ୍ ଫାଇନାନ୍ସ ବିଜନପାତ୍ରୀଙ୍କ ସମେତ ସମୟ ଅନୁଷ୍ଠାନର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲା ।

# ସାର ପାଇଁ ଚାଷୀଙ୍କ ସଂଘର୍ଷ : ଅସାଧୁ ବ୍ୟବସାୟୀ ମାଲାମାଲ

## ଫୋଟ ଉଠାଇ ଲୋକଦେଖାଣିଆ ଯାଞ୍ଚ କରୁଛନ୍ତି ଅଧିକାରୀ




ଛତ୍ରପୁର, (ସବ୍ୟୁ): ସାର ପାଇଁ ସଂଘର୍ଷ। ବର୍ଷାରେ ଭିଜି ଭିଜି ପ୍ୟାକସ ତଥା ଯୋଗାଣ କେନ୍ଦ୍ର ଆଗରେ ଚାଷୀଙ୍କ ଲମ୍ବା ଧାଡ଼ି। ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଲଣ୍ଡା ବାଉଁଶ ପ୍ୟାକସରେ ଦେଖିବାକୁ ମିଳିଛି ଏପରି ଚିତ୍ର। ଆବଶ୍ୟକ ଅନୁଯାୟୀ ସାରବସ୍ତା ନଥିବା ବେଳେ ଶହରୁ ଅଧିକ ଲୋକ ଲମ୍ବା ଧାଡ଼ି ଲଗାଇଛନ୍ତି । କିଏ ସକାଳ ୫ ଟାରୁ ତ କିଏ ୬ ଓ ୭ ଟାରୁ ଧାଡ଼ିରେ ଜଗି ରହିଛନ୍ତି। ଯାହାକୁ ଫସଲ ନିମନ୍ତେ ୭ ବସ୍ତା ସାର ଆବଶ୍ୟକ ଥିବାବେଳେ ମିଳୁଛି ୧ବସ୍ତା, ସେପଟେ ଲଣ୍ଡା ବାଉଁଶ ପ୍ୟାକସକୁ ସାର ୨୨୫ ବସ୍ତା ଆସିଥିବା ବେଳେ ୧୦୦୦ ବସ୍ତା ସାର ଆବଶ୍ୟକତା ରହିଛି ବୋଲି ଦାୟିତ୍ୱ ଥିବା ଅଧିକାରୀ କହିଛନ୍ତି। ଅନ୍ୟପଟେ ସମବାୟ ଓ କୃଷି ବିଭାଗୀୟ ଅଧିକାରୀ ସାର ମହଜୁଦ ଅଛି ବୋଲି କହୁଛନ୍ତି, ହେଲେ ଚାଷୀକୁ ମିଳୁନି । ଫଳରେ ଚାଷୀ ବାହାରୁ ଧାର୍ଯ୍ୟ ଦାମ୍ ଠାରୁ ଅଧିକ ଦର ଦେଇ ସାର କିଣୁଛନ୍ତି। ଅସାଧୁ ବ୍ୟବସାୟୀ ମାଲାମାଲ ହୋଇଛନ୍ତି। ସାର ପାଇଁ କଲବଲ ହେଉଛନ୍ତି ଚାଷୀ। ସାରର ଅଭାବ ନାହିଁ ସରକାର କହୁଛନ୍ତି । ତା'ସତ୍ତ୍ୱେ ଚାଷୀଙ୍କୁ ସାର ନମିଳିବା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନାମକୁ ମାତ୍ର ଅଧିକାରୀ ମାନେ ଗୋଦାମ ଏବଂ ବିଭିନ୍ନ ଯୋଗାଣ କେନ୍ଦ୍ରରେ ଚଢ଼ାଉ କରି ଯାଞ୍ଚ କରାଯାଉଛି ବୋଲି ଫୋଟ ଉଠାଇ ତାହା କାଗଜ କଲମରେ ଦେଖାଇ ଦେଉଛନ୍ତି । ପ୍ରକୃତରେ ସେମାନେ ଚାଷୀଙ୍କ କଥା ବୁଝୁ ନଥିବା ଅଭିଯୋଗ କରିଛନ୍ତି ଋଷି କୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଞ୍ଚଳ ନାହାକ। ଏହା ସହ ସୋସାଇଟିକୁ ଗୁରୁତ୍ୱ ନଦେଇ ଘରୋଇ ଡିଲରକୁ ସରକାର ଅଧିକ ପ୍ରୋତ୍ସାହନ ଦେଉଛନ୍ତି କାହା ସ୍ୱାର୍ଥ ନିମନ୍ତେ ବୋଲି ମଧ୍ୟ ଶ୍ରୀ ନାହାକ ପ୍ରଶ୍ନ କରିଛନ୍ତି। ଚାଷୀ ହେଉଛି ଆମର ଅନ୍ନଦାତା, ତାଙ୍କ ପାଇଁ କାହାର ଦରଦ ନାହିଁ । ସାରର ଅଭାବକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ, ବଡ଼ ବଡ଼ିଆ ଅଧିକାରୀ ମାନେ ନିର୍ଦ୍ଦେଶ ଦେଉଛନ୍ତି ସିନା ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ତଦରଖ କରୁ ନାହାନ୍ତି, ଫୋଟ ଉଠାଇ ହ୍ୱାର୍ଟସପ ଏବଂ ଟୁଇଟରରେ ଛାଡି ନିଜ ନିଜ ଦାୟିତ୍ୱ ତୁଲାଇଲା ଭଳି ଦେଖାଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସାର ଯୋଗାଇ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଯାହାକୁ ନେଇ ଚାଷୀ ମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ସାରର ନିଅଣ୍ଟ ସ୍ଥିତି ଦେଖା ଦେଇଥିବାବେଳେ, ସାର ବିକ୍ରିରେ ଅନିୟମିତତା, କଳାବଜାରୀ ଓ ଅତ୍ୟଧିକ ଦର ବୃଦ୍ଧି ଚାଷୀକୂଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି, କିନ୍ତୁ ଚାଷୀ ମାନେ କଣ ରାଜ୍ୟର ଲୋକ ନୁହଁନ୍ତି କି ବୋଲି ଚାଷୀ ନେତା ମାନେ ପ୍ରଶ୍ନ କରିଛନ୍ତି । ସାର ଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ, ସରକାର ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ, ନଚେତ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସିପିଆଇ ଜିଲ୍ଲା ସହ- ସମ୍ପାଦକ ନୀଳକଣ୍ଠ ଦାଶ ଚେତାବନୀ ଦେଇଛନ୍ତି। ସେହିପରି ସରକାର ଚାଷୀ ମାନଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକୀୟ ସାମଗ୍ରୀ ସୁବିଧାରେ ଯୋଗାଇ ଦେବା ନିମନ୍ତେ ଚାଷୀ ନେତା ତଥା ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି ଦାବୀ କରିଛନ୍ତି ।

# ଯାତ୍ରୀବାହୀ ଅଟୋ ଉପରେ ବଣୁଆହାତୀ ପଲଙ୍କ ଆକ୍ରମଣ

## ଜଣେ ମୃତ, ୩ ଆହତ

ବାରିପଦା, (ସବ୍ୟୁ) : ଯାତ୍ରୀବାହୀ ଅଟୋ ଉପରେ ବଣୁଆହାତୀ ପଲଙ୍କ ଆକ୍ରମଣ। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଆହତ ହୋଇଛନ୍ତି । ପ୍ରକାଶ ଯେ, ବାଲେଶ୍ୱର ଜିଲ୍ଲାର ଗାଁଅମର୍ଦ୍ଦାରୁ ଅଟୋ ଯୋଗେ ବାରିପଦା ଫେରୁଥିବା ବେଳେ ବାରମାଇଲ-ଚିତ୍ରଡା ରାସ୍ତାର ଅସ୍ତିଆବନ୍ଧ ନିକଟରେ ହଠାତ ଏକ ହାତୀପଲ ରାସ୍ତା ଉପରକୁ ଆସିଯାଇଥିଲେ। ସାମ୍ନାରେ ହାତୀପଲ ଦେଖି ଅଟୋ ଚାଳକ ପଛକୁ ଗାଡି ନେଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଅଟୋରେ ଥିବା ୮ଜଣଙ୍କ ମଧ୍ୟରେ ୭ଜଣ ଦୌଡ଼ି ପଳାଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବା ବେଳେ ବାରିପଦା ଚିପଟ ଅସ୍ତିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ କିନ୍ତୁ ହାତୀ ହାବୁଡ଼ରେ ପଡି ଯାଇଥିଲେ । ହାତୀ ଆକ୍ରମଣରେ ରୀନାଙ୍କ ହାତ ଭାଙ୍ଗିବା ସହିତ ଛାତି ଏବଂ ମୁଣ୍ଡରେ ମଧ୍ୟ ଗଭୀର ଆଘାତ ଲାଗିଥିଲା। ଘଟଣାସ୍ଥଳରେ ମୋରଡା ପୁଲିସ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ବିପଦଜନକ ଭାବରେ ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। କିନ୍ତୁ ଗୁରୁତର ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିଲେ। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଛନ୍ତି। ଏହାସହ ଅଟୋ ଟି ମଧ୍ୟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ମୋରଡା ପୁଲିସ ଘଟଣାର ମାମଲା ରୁଜୁ କରି ତଦନ୍ତ ଅଧିକ ଆରମ୍ଭ କରିଛି।

# ଜମି ବିବାଦକୁ ନେଇ ଗାଁରେ ଫୁଟିଲା ଗୁଳି

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ତଥା ବଡାମପୁର ବିଟ ଅଧୀନ ମାଣିକପୁର ଗ୍ରାମରେ ଗୁଳି ମାଡ଼ ହୋଇଥିବାର ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମର ଦିଲୀପ କୁମାର ଗିରି ଶନିବାର ରାତିରେ ଦିଲୀପ କୁମାର ଗିରି ଘର ଛାତ ଉପରେ କୁକୁଡ଼ାକୁ ଦାନା ଖାଇବାକୁ ଦେଉଥିବା ସମୟରେ ତାଙ୍କ ଭାଇ ବେଣୁଧର ଗିରିଙ୍କ ପୁଅ ଦୀପା ଗିରି ତିନିଜଣ ଲୋକଙ୍କ ସହିତ ବାଇକ ଯୋଗେ ଆସି ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହା ଦେଖି ଦିଲୀପ ତଳକୁ ଆସି ଘର ଲୋକଙ୍କୁ କବାଟ ଝରକା ବନ୍ଦ କରିବାକୁ କହିଥିଲେ। ତେବେ ବନ୍ଦ କରିବା ପରେ ଉକ୍ତ ଯୁବକ ମାନେ ଗୁଳି ଚାଳନା କରିଥିଲେ। ଉକ୍ତ ଘଟଣା ଚାଷ ଜମି ବିବାଦରୁ ଘଟିଥିବା ପ୍ରାଥମିକ ତଦନ୍ତ ଜଣାଯାଇଛି । ଏନେଇ ରାସଗୋବିନ୍ଦପୁର ୩୫୦/୨୫ରେ ପୋଲିସ ମାମଲା ରୁଜୁ କରିବା ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ଗୋଟିଏ ଫୁଟା ହୋଇଥିବା ଗୁଳିର ଖୋକା ଏବଂ କିଛି ଦୂରରେ ଜୀବନ୍ତ ଗୁଳି ପାଇଛି ବୋଲି ଜଣାପଡିଛି। ତେବେ କେହି ଆହତ ହୋଇନଥିବା ଏବଂ ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବାର ଜଣାପଡିଛି।

# ଡାଃ ପ୍ରଶାନ୍ତ ମିଶ୍ର ସିପିଆଇର ରାଜ୍ୟ ସମ୍ପାଦକ ଓ ରାଜ୍ୟ ପରିଷଦକୁ ଜଗବନ୍ଧୁ ମିଶ୍ର ନିର୍ବାଚିତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୀମଦା ଗ୍ରାମରେ ତିନି ପିଢ଼ିର କମ୍ୟୁନିଷ୍ଟ ପରିବାରରେ ଜନ୍ମିତ ସାଥୀ ଡାଃ ପ୍ରଶାନ୍ତ ମିଶ୍ର ଛାତ୍ର ଜୀବନରୁ କମ୍ୟୁନିଜିମ ଆଦର୍ଶ ପ୍ରତି ସମର୍ପିତ। ସେ ୧୯୮୪ ମସିହାରେ ଅଖିଳ ଭାରତ ଛାତ୍ର ସଂଘରେ ଯୋଗଦେଇ ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ ଆରମ୍ଭ କରିବା ସହ, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ, ରାଜ୍ୟସଭାପତି, ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। ପରବର୍ତ୍ତୀ ସମୟରେ ସିପିଆଇର ରାଜ୍ୟ ସହ-ସମ୍ପାଦକ, ସମ୍ପାଦକମଣ୍ଡଳୀ ସଦସ୍ୟ ଭାବେ ବିଭିନ୍ନ ଜନ ଆନ୍ଦୋଳନ, ଗଣ ସଙ୍ଗଠନ ମାନଙ୍କର ଆନ୍ଦୋଳନ, ଯୁବଛାତ୍ର, ମହିଳା, କୃଷକ ମାନଙ୍କ ଆନ୍ଦୋଳନର ଅଗ୍ରଭାଗରେ ରହି ନେତୃତ୍ୱ ନେଇ ଆସିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଭାବେ ଗରିବ ଲୋକଙ୍କ ବିଭିନ୍ନ ମୋକଦ୍ଦମାକୁ ମାଗଣାରେ ପରିଚାଳନା କରି ନ୍ୟାୟ ପ୍ରଦାନ କରାଇଛନ୍ତି । ତାଙ୍କ ଅଜା ସ୍ୱାଧୀନତା ସଂଗ୍ରାମୀ, ନୀଳଗିରି ପ୍ରଜା ଆନ୍ଦୋଳନର ନେତା ଗୋବିନ୍ଦ ଚନ୍ଦ୍ର ପଣ୍ଡା ଅବିଭକ୍ତ ବାଲେଶ୍ୱର ଜିଲ୍ଲା କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଥିଲେ। ତାଙ୍କ ପିତା ବରିଷ୍ଠ କମ୍ୟୁନିଷ୍ଟ ନେତା ପ୍ରୟାତ ସାଥୀ ଶରତ ଚନ୍ଦ୍ର ମିଶ୍ର ବିଗତ ଦିନରେ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଥାଇ ଭାଗଚାଷ ଆନ୍ଦୋଳନର ନେତୃତ୍ୱ ନେବା ସହ ପଟିସାରୀ ପଚାୟତର ସରପଂଚ, ବଡ଼ସାହିର ବ୍ଲକର ଚେୟାରମେନ ଥିଲେ। ଡଃ ମିଶ୍ର ମୟୂରଭଞ୍ଜର ବିଶିଷ୍ଟ କମ୍ୟୁନିଷ୍ଟ ନେତା, ବରିଷ୍ଠ ଆଇନଜୀବୀ ପ୍ରୟାତ ସାଥୀ ହରିହର ଦାସଙ୍କ ବଡ ଜ୍ୱାଇଁ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ତ୍ୟାଗ, ବଳିଦାନ ଓ ଗଣ ସଂଗ୍ରାମର ଶତ ବାର୍ଷିକୀ (୧୯୨୫-୨୦୨୫) ପରିପ୍ରେକ୍ଷୀରେ ରାଜ୍ୟ ପାର୍ଟିର ଗତ ୪, ୫ ଓ ୬ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଯାଇଥିବା ୨୪ତମ ରାଜ୍ୟ ସମ୍ମିଳନୀରେ ସାଥୀ ଡାଃ ପ୍ରଶାନ୍ତ ମିଶ୍ର ରାଜ୍ୟ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାରୁ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ତଥା ଉତ୍ତର ଓଡ଼ିଶା ରାଜ୍ୟ ପାର୍ଟିର ନେତୃତ୍ୱ ନେଇଥିବାରୁ ଆଗାମୀ ଦିନରେ ଶ୍ରେଣୀ ସଂଗ୍ରାମ ସମଗ୍ର ରାଜ୍ୟରେ ମଜବୁତ ହେବ ବୋଲି ସାଧାରଣରେ ଜୋର ଚର୍ଚ୍ଚା ଧରିଛି। ଠିକ୍ ସେହିପରି ପାର୍ଟିର ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର ରାଜ୍ୟ ପାର୍ଟିର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣ କମିଟି ରାଜ୍ୟ ପରିଷଦକୁ ପୁନଃ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ବ୍ୟାପୀ ଉଭୟଙ୍କୁ ସମସ୍ତ ସାଥୀ, ସମର୍ଥକ, ଶୁଭେଚ୍ଛୁ, ବିଭିନ୍ନ ଗଣ ସଂଗଠନ ଓ ଜିଲ୍ଲାର ସାଧାରଣ ମଣିଷଙ୍କ ପକ୍ଷରୁ କ୍ରାନ୍ତିକାରୀ ଅଭିନନ୍ଦନ ଦିଆଯାଇଛି। ଜିଲ୍ଲାର ବୟୋଜ୍ୟେଷ୍ଠ ସାଥୀ ତ୍ରିନାଥ ପାତ୍ରଙ୍କୁ ପାର୍ଟିର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ସାଥୀ ଡି. ରାଜା ଶତବାର୍ଷିକୀ ଅବସରରେ ଉକ୍ତ ସମ୍ମିଳନୀରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

# କୀର୍ତ୍ତିମାନ କର୍ମବୀର



ବସନ୍ତ ବିଶ୍ୱାଳ ଏକ ବର୍ଣ୍ଣାଢ୍ୟ ବ୍ୟକ୍ତି। ଚାରିପଟୁ ନଦେଖିଲେ ଖଣ୍ଡିଆ କରି ଦେଖିଲେ ତାଙ୍କ ଚିହ୍ନି ହେବନାହିଁ। ସେ ସୁଗୁଣ ପୁଣି ନିର୍ଗୁଣ। ସର୍ବେନ୍ଦ୍ରିୟ ଗୁଣାଭାସଂ, ସର୍ବେନ୍ଦ୍ରିୟ ବିର୍ବଜିତଂ। ଶ୍ରୀକୃଷ୍ଣ ଯେଭଳି ବଂଶୀଧାରୀ, ପୁଣି ଚକ୍ରଧାରୀ! ଗୋପାଳକ ଗୋପକୃଷ୍ଣ, ପୁଣି କଂସାରୀ ମଧୁସୂଦନ! ଶାନ୍ତିର ଶାସକ, ପୁଣି କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜ୍ଜୁନଙ୍କ ରଥର ସାରଥି। ବସନ୍ତ ବିଶ୍ୱାଳ ସେଭଳି ବିବିଧତା, ବିଷମତା ଓ ବିପୁଳ ବିଚିତ୍ରତାଭରା ବିରଳ ପ୍ରଜାତିର ମିଣିଷଟିଏ!

ସମକାଳୀନ ଓଡ଼ିଶାର ଧନ୍ୟାଢ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ତୁଳଙ୍ଗର ଜମିଦାର କ୍ଷେତ୍ରମୋହନ ଥିଲେ ଅନ୍ୟତମ। କ୍ଷେତ୍ରମୋହନ ନିଜ ପୁତ୍ର ସନ୍ତାନର ନାମ ରଖିଥିଲେ ବସନ୍ତ। ଭଗବାନ ଋତୁମାନଙ୍କ ମଧ୍ୟରେ ନିଜକୁ ବସନ୍ତ ଋତୁ ଭାବେ ଅଭିହିତ କରିଛନ୍ତି- ଋତୁନାଂ କୁସୁମାକରଃ। ବସନ୍ତ ବିଶ୍ୱାଳ ନିଜ ନାମର ସାର୍ଥକତା ରଖିଛନ୍ତି, ସାର୍ଥକ ଜୀବନ ବଞ୍ଚିଛନ୍ତି।

### କୀର୍ତ୍ତୀମାନ କର୍ମବୀର

ଜୀବନରେ ଅସୁମାରୀ ଉଠାଣି, ଗଡ଼ାଣି, ଢ଼ାଲୁ, ଢ଼ିପ ଚଢ଼ିଛନ୍ତି, ଓହ୍ଲାଇଛନ୍ତି, ପୁଣି ଚଢ଼ିଛନ୍ତି। ବିରାମ ନାହିଁ, ବିଶ୍ରାମ ନାହିଁ। ବାଧା, ବିରୋଧକୁ ଖାତିର ନାହିଁ, ନିନ୍ଦା ପ୍ରଶଂସାକୁ ନଜର ନାହିଁ। ଅବିଶ୍ରାନ୍ତ ମାଡିଚାଲିଛନ୍ତି। କର୍ମହିଁ ଜୀବନର ମର୍ମ, ଧର୍ମ। ବେପାର, ବଣିଜ ଠିକାଦାରୀ ଠାରୁ ରାଜନୀତି, ଲୋକସେବାର ଏକ ଲମ୍ବା ଜୀବନ!

### ବନ୍ଧୁ ବସ୍ତଳ ବସନ୍ତ ବିଶ୍ୱାଳ

ଦୁଃଖରେ, ସୁଖରେ ସମସ୍ତଙ୍କ ପାଖରେ ପହଂଚୁଥିଲେ। ବିରୋଧୀ ବା ଶତ୍ରୁ ବି ହୁଅନ୍ତୁ ପହଞ୍ଚିଲେ ସାହାଯ୍ୟ କରୁଥିଲେ। ଅଯାଚିତଭାବେ ଆପ୍ୟାୟିତ କରୁଥିଲେ। ବ୍ୟବସାୟରୁ ବିପୁଳ ଅର୍ଥ ଉପାର୍ଜନ କରୁଥିଲେ। ଖୋଲାହାତରେ ପୁଳା ପୁଳା ଟଙ୍କା ବାଣ୍ଟୁଥିଲେ। ଯିଏ ଯାଇଛି ସିଏ ପାଇଛି। ସୁଖବାସୀ, ଚପରାଶିଙ୍କୁ ବେଶୀ ବକସିସ୍ ଦିଅନ୍ତି। କିନ୍ତୁ ଗସ୍ତରେ ଗଲେ ସରକାରୀ ପଇସାଟିଏ ଖର୍ଚ୍ଚ କରନ୍ତିନି। ତାଙ୍କ ସହ ଥିବା ମନ୍ତ୍ରୀ, ଅଫିସର, କର୍ମଚାରୀ ମାନଙ୍କର ଯିବା, ଆସିବା ରହିବା, ଖାଇବା ଖର୍ଚ୍ଚ ସେ ନିଜ ହାତରୁ ବହନ କରିଥାନ୍ତି। ମୋର ସମ୍ବଳ ଏବଂ ସାମର୍ଥ୍ୟ ଅଛି-ମୁଁ କରିବି। ଏହା ଥିଲା ତାଙ୍କର ଉକ୍ତି। ସାଥୀ, ସହଯୋଗୀ ମାନଙ୍କ ପାଇଁ ଛାତି ପାତୁଥିଲେ, ସୁରକ୍ଷାର ପାହାଡ଼ ଥିଲେ। ଲୁହା ଠାରୁ କଠୋର, ଫୁଲ ଠାରୁ କୋମଳ-ବସନ୍ତ ବିଶ୍ୱାଳ।



ପ୍ରସାଦ ହରିଚନ୍ଦନ
(ପୂର୍ବତନମନ୍ତ୍ରୀ)
pharichandan1@gmail.com

କାମରେ ଖିଲାପ ହେଲେ ସେ ସହ୍ୟ କରୁନଥିଲେ। ଦାୟିତ୍ୱ ନେଇ ଅବହେଳା କଲେ ସେ ବରଦାସ୍ତ କରୁନଥିଲେ। କଠୋର ମନୋଭାବ ପୋଷଣ କରୁଥିଲେ। କଡ଼ା ଭାଷାରେ କଟୁକ୍ତି ଶୁଣାଉଥିଲେ। ଗାଳିବି ଦେଉଥିଲେ। କେତେ ଉଚ୍ଚ ପଦସ୍ଥଙ୍କ ପଦବୀ ଯାଇଛି। ମୁଣ୍ଡ ଗଡ଼ିଛି। ପୁଣି ଭାଇ ବନ୍ଧୁଙ୍କ ଭଳି ଆଦର ମଧ୍ୟ କରୁଥିଲେ। କାହାର ବ୍ୟକ୍ତିଗତ କୁତ୍ସା କରୁନଥିଲେ। ପରନିନ୍ଦା ବା ପରଚର୍ଚ୍ଚାକୁ ପସନ୍ଦ କରୁନଥିଲେ ଆଇ ଡୁନଟ୍ ହିଟ୍ ଏନି ପର୍ସନ ବିଲୋ ଦି ବେଲଟ୍- ବୋଲି କହୁଥିଲେ। କିନ୍ତୁ ଯେଉଁମାନେ ବିଧାନସଭା ଭିତରେ ତାଙ୍କୁ କଳା କଣ୍ଟ୍ରାକ୍ଟର ମନ୍ତ୍ରୀ ବୋଲି କହୁଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ସନ୍ଧ୍ୟାରେ ତାଙ୍କର ଦ୍ୱାରସ୍ଥ ହେଲେ ଆର୍ଥିକ ସାହାଯ୍ୟ ପାଉଥିଲେ। କେହି କେହି ନିଜେ ନଯାଇ କାହାକୁ ପଠାଇ ଏଭଳି ସାହାଯ୍ୟ ପାଉଥିଲେ। ଏଭଳିକି ସରକାରରେ ସେମାନଙ୍କର କାମ ମଧ୍ୟ ବସନ୍ତ ବାବୁ କରାଉଥିଲେ।

### ଲୋକେ କହନ୍ତି – ବସନ୍ତ ବାବୁ କୋପେ ବର ନହେଲେ ତପେ ବର ଦିଅନ୍ତି । ନିରାଟ ସତକଥା

### କର୍ମପ୍ରବଣ, ଭାବ ପ୍ରବଣ

ଆଜିର ରାଜନୀତିରେ ନେତାର କାମକୁ ଭୋଟର ସେତେ ଗୁରୁତ୍ୱ ଦେଉନାହାନ୍ତି। ଏଇ ଦୁଇ ଦିନ ତଳେ କେନ୍ଦ୍ରମନ୍ତ୍ରୀ ନିତୀନ୍ ଗଡକରୀ କହିଛନ୍ତି- ଭୋଟରଙ୍କୁ କଥାଦେଇ ଯିଏ ଯେତେ ଭଣ୍ଡେଇ ପାରିବ, କଥା ଭାଙ୍ଗି ପାରିବ, ସିଏ ସେତେ ସଫଳ ନେତା!

କିନ୍ତୁ ବସନ୍ତ ବାବୁଙ୍କର କର୍ମ ସଂସ୍କୃତି ପ୍ରତି ଅନୁରକ୍ତି ଥିଲା। ବସନ୍ତ ଥିଲେ କର୍ମଯୋଗୀ। ସେ କାମ ଆରମ୍ଭ ହେବା ପୂର୍ବରୁ କାମ ପାଇଁ ଖସଡ଼ା ପ୍ରସ୍ତୁତ କରୁଥିଲେ। କାମ ଆରମ୍ଭ ହେବା ଦିନ କାମ ଶେଷ ହେବାର ଦିନ ନିଧାର୍ଯ୍ୟ କରୁଥିଲେ। ମଝିରେ କାମ ଅଗ୍ରଗତି ବିଷୟ ସମୀକ୍ଷା କରୁଥିଲେ। ନିର୍ଦ୍ଦିଷ୍ଟ ତାରିଖର ପୂର୍ବରୁ କାମ ସରୁଥିଲା। ଉଦାହରଣ- ରାଜୀବ ଭବନ। ଶିଳାନ୍ୟାସ ଓ ଲୋକାର୍ପଣର ତାରିଖ ଦେଖନ୍ତୁ। ପରେ ଅବଶ୍ୟ ଜଳସମ୍ପଦ ଦୁର୍ନୀତି ନାଁରେ ଦୁର୍ନାମ ମୁଣ୍ଡାଇଛନ୍ତି। ଭିଜିଲାନ୍ସ ଓ ସିବିଆଇ ତଦନ୍ତ ହୋଇଛି। ତଦନ୍ତର ଫଳାଫଳ କଣ ହୋଇଛି?

ଓଡ଼ିଶା ଆର୍ଥିକ ଦୁର୍ଗତି ଦେଇ ଗତି କରୁଥିବା ବେଳେ ୧୯୯୫ ମସିହାରେ ସେ ଅର୍ଥ, ଜଳସମ୍ପଦ ଭଳି ବିଭାଗର ଦାୟିତ୍ୱ ନେଇଥିଲେ। ଅର୍ଥୋପାୟ ଅଗ୍ରୀମ ବା ୱେଏଜ୍ ଆଣ୍ଡ ମିନସ୍ ଆଡଭାନ୍ସ ଆଧାରରେ ରାଜ୍ୟର ଆୟ ଓ ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାପାଇଁ ବେଳେ ବେଳେ ଦୁଃସାହସୀ ବସନ୍ତ ନିଜେ ଜଣେ ଅର୍ଥଶାସ୍ତ୍ରୀ ବା ଅର୍ଥନୀତିଜ୍ଞ ନହେଲେ ମଧ୍ୟ ବଡ଼ ବଡ଼ ପ୍ରକଳ୍ପ ଆରମ୍ଭ ଓ ଶେଷ କରିପାରୁଥିଲେ। ସେତେବେଳର ସେହି ମନ୍ତ୍ରଣାଳୟର କେନ୍ଦ୍ରମନ୍ତ୍ରୀମାନେ ଓ ଯୋଜନା କମିଶନର ମୁଖ୍ୟ ପ୍ରଣବ ମୁର୍ଖାଜୀ ଏ ଦିଗରେ ଓଡ଼ିଶାକୁ ତାଙ୍କ ମାଧ୍ୟମରେ ଉଲ୍ଲେଖନୀୟ ସ୍ୱତନ୍ତ୍ର ସହାୟତା କରିଥିଲେ। ଓଡ଼ିଶାର ବିକାଶର ଢ଼ାଞ୍ଚାର ନୂଆ ପିଢ଼ ସେ ପକାଇଥିଲେ। ସାଧାରଣ ଲୋକଙ୍କ ପାଇଁ ଦୁଇ ଟଙ୍କିଆ ଚାଉଳ, ପିଲାଙ୍କ ପାଇଁ ସ୍କୁଲରେ ମଧ୍ୟାହ୍ନ ଭୋଜନ, ରୋଗୀ ସେବାରେ ସୁଧାର ଆଣିବା ପାଇଁ ସରକାରୀ ଡାକ୍ତରମାନଙ୍କର ଘରୋଇ ଚିକିତ୍ସା ଉପରେ କଟକଣା, ଗ୍ରାମାଞ୍ଚଳରେ ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ, ନିର୍ମାଣ, ପିଚ୍ଛିଳ ପିଚୁ ରାସ୍ତା ନିର୍ମାଣ, କଳାହାଣ୍ଡିରେ ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ସମ୍ପନ୍ନ କରିବା, କଟକ ରିଙ୍ଗବନ୍ଧ, ସୁବର୍ଣ୍ଣରେଖା ଯୋଜନା, ଆନନ୍ଦପୁର ରିଙ୍ଗବନ୍ଧ, ସମ୍ବଲପୁର ରିଙ୍ଗବନ୍ଧ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ, ବନ୍ୟାରେ ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଋଷିକୁଲ୍ୟା ବ୍ରିଜ ପୁର୍ନନିର୍ମାଣ, ବନ୍ୟାରେ ଅଭାବନୀୟ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍କି ସହରର ସୁରକ୍ଷା ବ୍ୟବସ୍ଥା ସେ ସଫଳତାର ସହ ସମ୍ପନ୍ନ କରିପାରିଥିଲେ। ଡ୍ରେନେଜ୍ ମାଷ୍ଟରପ୍ଲାନ ଠାରୁ ଜଳସେଚନ ବିକାଶର ଦୂରଦର୍ଶୀ ଯୋଜନା ପ୍ରସ୍ତୁତ କରିଥିଲେ। କେନାଲର ତଳ ମୁଣ୍ଡକୁ ପାଣି ଯିବା ନିଶ୍ଚିତ କରିବାପାଇଁ ଡବ୍ଲୁ. ଆର.ସି.ପି. ଯୋଜନା ମାଧ୍ୟମରେ ଓ ବୈଦେଶିକ ସହାୟତା ଯୋଗାଡ଼ କରି ବହୁ ବଡ଼ ପ୍ରକଳ୍ପ ଆରମ୍ଭ ଓ ଶେଷ ମଧ୍ୟ କରିଥିଲେ।

### ନିର୍ମାଣର ନବଯୁଗର ନବୋଦୟ ଘଟିଥିଲା

କଟକ ସହରରେ ତାଙ୍କ ଘର ଥିଲା, ସେ ବଢ଼ିଥିଲେ ଓ ପାଠପଢ଼ିଥିଲେ। ସହରକୁ ନୂଆ ରୂପ ଦେବାରେ ଅଭିନବ ବିଡ଼ାନସୀ ନିର୍ମାଣ କରିବାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ସେ ସହଯୋଗୀ ଥିଲେ। କଟକ ସହର ଉଭୟଙ୍କର ଦୀର୍ଘକାଳ ଧରି କର୍ମସ୍ଥଳ ଥିଲା। ନୂଆ ବାଦାମବାଡ଼ି ବସଷ୍ଟାଣ୍ଡ, ଇଣ୍ଡୋର ଷ୍ଟାଡିୟମ, ସହରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି ତାଙ୍କ ଉଦ୍‌ଯୋଗରେ ହୋଇଥିଲା।

ପଥର କାରିଗର ବାଇଧର ମୁଣ୍ଡି (ବାଇମୁଣ୍ଡି)ଙ୍କୁ ଯେଭଳି କଟକବାସୀଙ୍କ ଦୁଃଖ, ଦୁର୍ଦ୍ଦଶା ବ୍ୟଥିତ କରିଥିଲା, ଜୀବନର ସଂଚିତ ଉପାର୍ଜ୍ଜନକୁ ସେ ରାଜା ମର୍କତ କେଶରୀଙ୍କୁ ଟେକିଦେଇଥିଲେ କଟକବାସୀଙ୍କ ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ଉଦ୍ଦେଶ୍ୟରେ, ସେଭଳି ରାଜା ରାଜୁଡ଼ା ଅମଳର ସେଇ ପଥରବନ୍ଧ ଯାହା ଉପରେ ମରହଟ୍ଟା ଓ ଫିରିଙ୍ଗି ଶାସନରେ କିଛି କାମ ହୋଇଥିଲା ତାହାକୁ ମଜ୍‌ବୁତ ରିଙ୍ଗ ରୋଡ଼ରେ ତାଙ୍କ ଦ୍ୱାରା ପରିଣତ କରାଯାଇଥିଲା। ସେଥିପାଇଁ ତାଙ୍କୁ ବାଇମୁଣ୍ଡି ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ମର୍କତ କେଶରୀଙ୍କ ସହ ଯୋଡ଼ାଯାଇଥାଏ। କଲ୍ୟାଣ, ନିର୍ମାଣ ଏବଂ ବିକାଶର ବିଦ୍ଧାଣୀ ଥିଲେ ବସନ୍ତ ବିଶ୍ୱାଳ। ସେ ଅତ୍ୟନ୍ତ ଭାବପ୍ରବଣ ମଣିଷ ଥିଲେ। ଦୀନ, ଦୁଃଖୀ ମାନଙ୍କ ପାଇଁ ସମ୍ବେଦନଶୀଳ ଥିଲେ। ଭାବପ୍ରବଣ ହେଲେ କୋହ ସମ୍ବରଣ କରିପାରନ୍ତି ନାହିଁ। କାନ୍ଦି ପକାନ୍ତି। ମାଂସପେଶୀ, ମସ୍ତିଷ୍କ ଓ ହୃଦୟର ଅପୂର୍ବ ସମାବେଶ ତାଙ୍କ ଠାରେ ଥିଲା।

### ତୁ ସବୁଠୁ ଭଲ ମନ୍ତ୍ରୀ

ତୁ ସବୁଠୁ ଭଲ ମନ୍ତ୍ରୀ- ଏକଥା ଖୋଲାରେ କହିଥିଲେ ଅନ୍ୟ କେହି ନୁହଁନ୍ତି, ବିଜୁ ପଟ୍ଟନାୟକ। ଏହି ଗୋଟିଏ ବାକ୍ୟ ବସନ୍ତ ବିଶ୍ୱାଳଙ୍କ ସମ୍ପର୍କରେ ଶ୍ରେଷ୍ଠ ଆକଳନ ଓ ଯଥେଷ୍ଟ ମଧ୍ୟ। ଅଳମେତି ବିସ୍ତାରେଣ।

### କ୍ରୀସ ଡେନ୍‌ସି ଓ ଯୋଜକ ବସନ୍ତ ବିଶ୍ୱାଳ

ବସନ୍ତ ବିଶ୍ୱାଳଙ୍କୁ ଜଣେ ବିଚକ୍ଷଣ କନେକ୍ଟର ବା ନେଟୱାର୍କର ବୋଲି କୁହାଯାଇପାରେ। ପିଲାବେଳେ କଟକ ମାଲ ଗୋଦାମ ରେଳ ଲେଭଲ୍‌କ୍ରସିଂରେ ଭିଡ଼ ଓ ରାସ୍ତାଚାରୀ ଭୋଗୁଥିବା ଦୁର୍ଦ୍ଦଶା ସେ ଅଙ୍ଗେ ନିଭାଇ ଥିଲେ। ତାହା ତାଙ୍କୁ ସବୁବେଳେ ଆନ୍ଦୋଳିତ କରୁଥିଲା। ଶାସନକୁ ଆସିବା ପରେ ତିନୋଟି ଆର୍‌କୁ ସେ ଯୋଡ଼ିଥିଲେ। ରେଭେନ୍‌ସା କଲେଜ, ରେଳ ଷ୍ଟେସନ ଓ ମାଲଗୋଦାମକୁ ରୋଡ଼ (ରୋଡ୍ ଟୁ ମାଲଗୋଦାମ)। ଯାହାଙ୍କୁ କୁହାଯାଏ କନେକ୍ଟର ବା ନେଟୱାର୍କର। କ୍ରିସ ଡେନ୍‌ସୀ ଯେଭଳି ନିଜକୁ ଡିଜିଟାଲ୍ ଡିଭାଇସ୍ ମାଧ୍ୟମରେ ସମଗ୍ର ଜଗତ ସହ ଯୋଡ଼ିପାରିଛନ୍ତି- ସେଭଳି ଭାବନା ଓ ସୂତ୍ରର ଜଡ଼ ବସନ୍ତ ବିଶ୍ୱାଳଙ୍କ ଠାରେ ରହିଥିଲା।

### ବିଚିତ୍ର ବସନ୍ତ

ସେ ନିଜେ ସାହିତ୍ୟିକ ନଥିଲେ। କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ଥିଲା। ସାରଳା ସାହିତ୍ୟ ସଂସଦର ସଭାପତି, ସାରଳା ଭବନ ନିର୍ମାଣରେ ମହତ୍ୱପୂର୍ଣ୍ଣ ଯୋଗଦାନ। ସାଂପ୍ରତିକ ଅନୁଷ୍ଠାନର ପୃଷ୍ଠପୋଷକ ଭାବେ ବାଙ୍ଗାଲୋରରେ ଦ୍ୱିଭାଷୀ ସାହିତ୍ୟ ସମ୍ମେଳନର ଆୟୋଜନ କରାଇଥିଲେ। ସେ ନିଜେ ଜଣେ ପାରଦର୍ଶୀ ଖେଳାଳୀ ବା କ୍ରୀଡ଼ାବିତ ନଥିଲେ। କିନ୍ତୁ ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି, ଓଡ଼ିଶା କ୍ରିକେଟ ଆସୋସିଏସନର ସଭାପତି, ଓଡ଼ିଶା ହକି ଆସୋସିଏସନର କିଛିକାଳ ସଭାପତି ଥାଇ ସେହି ସଂସ୍ଥାମାନଙ୍କର ପ୍ରଭୂତ ବିକାଶ ସାଧନରେ ବ୍ରତୀ ହୋଇପାରିଥିଲେ। ଓଡ଼ିଶା ସ୍କାଉଟ ଓ ଗାଇଡ ସଂସ୍ଥାର ସଭାପତି ଥାଇ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦରେ ବିଶାଳ ଜାମ୍ବୋରୀର ଆୟୋଜକ ଥିଲେ।

ସମବାୟ ଆନ୍ଦୋଳନରେ ନିଜକୁ ଜଡ଼ିତ କରାଇଥିଲେ। ଓଡ଼ିଶା ସମବାୟ ୟୁନିୟନର ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ରାଷ୍ଟ୍ରଭାଷା ହିନ୍ଦୀର ପ୍ରଚାର ପ୍ରସାର ପାଇଁ ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଦାୟିତ୍ୱ ତୁଲାଇଥିଲେ।

ନିଜେ ସାମ୍ବାଦିକ ନହୋଇ ମଧ୍ୟ ପ୍ରଜାତନ୍ତ୍ର ସମ୍ବାଦ ପତ୍ରର କିଛି ସମୟ ପୃଷ୍ଠପୋଷକ ହୋଇଛନ୍ତି। ପରେ ନିଜେ ସମୟ ସମ୍ବାଦ ପତ୍ର ପ୍ରକାଶନ କରିଛନ୍ତି। ସମୟର ସ୍ରୋତରେ ସମୟ ସମ୍ବାଦ ପତ୍ର ଆଜିବି ତାର ବୈଶିଷ୍ଟ୍ୟ ବଜାୟ ରଖିପାରିଛି। ବରିଷ୍ଠ ପତ୍ରକାର ଓ କୃତବିଦ୍ୟ ସାହିତ୍ୟିକ ଗୁରୁ କଲ୍ୟାଣ ମହାପାତ୍ର ଏବେ ତାର ମୁଖ୍ୟ ସମ୍ପାଦକ।

ସବୁ ଧର୍ମ ପ୍ରତି ସେ ସମ୍ମାନ ରଖୁଥିଲେ। ଉତ୍କଳ ଗୋମଙ୍ଗଳ ସମିତିର ସଭାପତି ଥାଇ ଅତ୍ୟନ୍ତ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ତାଙ୍କ ପରି କିଏ ହେବ! ବସନ୍ତ ବିଶ୍ୱାଳ ହିଁ ବସନ୍ତ ବିଶ୍ୱାଳ! କେବଳ ସେ ଜଣିଏ! କାହାର ସେ ଉଦାହରଣ ନୁହଁନ୍ତି। କେହି ତାଙ୍କର ଉଦାହରଣ ମଧ୍ୟ ନୁହନ୍ତି।

### ଜାନକୀ ବସନ୍ତ ଯୋଡ଼ି

ଜାନକୀ-ବସନ୍ତ ଯୋଡ଼ି ମଣି କାଞ୍ଚନ ସଂଯୋଗ ସଦୃଶ। ଛାତ୍ରାବସ୍ଥାରୁ ଜାନକୀ ବାବୁ ଥିଲେ ତାଙ୍କ ମେଣ୍ଟର। ରାଜନୀତିରେ ବସନ୍ତ ତାଙ୍କର ସହଯୋଗୀ ହେଲେ। ବିଧାୟକ ଓ ରାଷ୍ଟ୍ରମନ୍ତ୍ରୀ ହେଲେ। ଷ୍ଟେଟ ମିନିଷ୍ଟରରୁ ସୁପର ଚିଫ ମିନିଷ୍ଟର ଭାବେ ତାଙ୍କୁ ଅଭିହିତ କରାଗଲା। ଶାସନକଳକୁ କାମରେ ଲଗାଇବାର କଳାକୁ ସେ ଆୟତ୍ତ କରିଥିଲେ ଓ କୌଶଳ ଖଟାଉଥିଲେ। ବ୍ୟୁରୋକ୍ରାସୀ ଉପରେ ଲଗାମ କଷାଇ ପାରୁଥିଲେ। ଏସବୁ ପାଇଁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଅବଶ୍ୟ ପୃଷ୍ଠପୋଷକତା ଥିଲା। ଜାନକୀ ବାବୁଙ୍କ ଶାସନର ପନ୍ଦର ବର୍ଷ ଓ ମଝିରେ ବିଜୁ ବାବୁଙ୍କ ଶାସନର ପାଞ୍ଚ ବର୍ଷ- ଗାଏ ମୋଟ କୋଡିଏ ବର୍ଷରୁ ବସନ୍ତ ବାବୁ କ୍ଷମତାରେ ଥିଲେ ପ୍ରଥମ ପାଂଚ ବର୍ଷ (୧୯୮୦-୮୫) ଓ ଶେଷ ପାଂଚବର୍ଷ (୧୯୯୫-୨୦୦୦)। ମଝିରେ ଦଶ ବର୍ଷ କ୍ଷମତା ବାହାରେ ଥିଲେ। କ୍ଷମତାରେ ଥିବା ଦଶ ବର୍ଷ ସେ ବେଶ ପ୍ରଭାବଶାଳୀ ଥିଲେ। ସେ କ୍ଷମତାରେ ନଥିବା ସମୟରେ ମଧ୍ୟ ରାଜନୈତିକ ପ୍ରାସଙ୍ଗିକତା ହରାଇନଥିଲେ।

ଓଡ଼ିଶା ରାଜନୀତିରେ ସଂପୂର୍ଣ୍ଣ ସ୍ଥିରତା ଥିଲାବେଳେ ଏବଂ କେନ୍ଦ୍ରରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସରକାର ଥିବା ବେଳେ ମଧ୍ୟ ଓଡ଼ିଶା କଂଗ୍ରେସରେ ଗୋଷ୍ଠୀ ବିବାଦର ଯେଉଁ ମଞ୍ଜି ପୋତାଯାଇଥିଲା ତାହା ଏଯାଏଁ କଂଗ୍ରେସକୁ ବିଭାଜିତ କରୁଛି। ବସନ୍ତ ବିଶ୍ୱାଳ ଓ ନିରଞ୍ଜନ ପଟ୍ଟାନାୟକଙ୍କ ଗୋଷ୍ଠୀ। ବିଧାୟକ ମାନଙ୍କ ମଧ୍ୟରେ ସେତେବେଳ ବିଭାଜନ ଘଟିଥିଲା। କଂଗ୍ରେସ ଭବନରେ ରକ୍ତାକ୍ତ ଲଢ଼େଇ ପରେ ମଧ୍ୟ ସେ ବିଭାଜନର ଆଜିଯାଏଁ ଅବସାନ ଘଟିନାହିଁ। କାହା ପାଇଁ ଓ କଣ ପାଇଁ? ତାହାର ଅବସାନ ହେଲେ ଅପରାଜୟୀ କଂଗ୍ରେସର ଅଭ୍ୟୁଥାନ ହେବ। ମଦ, ମାଦକଦ୍ରବ୍ୟ ସେବନଠାରୁ ସେ ଦୂରରେ ଥିଲେ। ନିଶା କଣ ଜାଣିନଥିଲେ। କୁହାଯାଏ, ମଇଦାରେ ତିଆରି ପିଜା ପ୍ରତି ତାଙ୍କର ଦୁର୍ବାର ଆସକ୍ତି ଥିଲା। ଶେଷରେ କିଡ୍‌ନୀ ଅକାମୀ ହେବାରେ ଆକ୍ରାନ୍ତ ହେଲେ। କିନ୍ତୁ ରୋଗ ତାଙ୍କୁ ଦବାଇ ପାରିନଥିଲା। ଦୁର୍ବୀନତ, ଅନମନୀୟ ମଣିଷ। ଶେଷ ନିଶ୍ୱାସ ଯାଏଁ କର୍ମଠ, ସଂଜ୍ଞାନ ଓ ସଚଳ।

ବସନ୍ତ ବାବୁଙ୍କ ସୁଯୋଗ୍ୟ ସୁପୁତ୍ର- ଚିରଞ୍ଜୀବ (ବାପି) ଓ ରଞ୍ଜୀବ (ଗୋପୀ)। ଉଭୟ ମେଧାବୀ ଓ ପ୍ରତିଭାଧର। ବାପାଙ୍କ ନାମରେ ପରିଚିତ ନୁହଁନ୍ତି। ପାଠପଢ଼ାରେ ଓ କ୍ରୀଡ଼ାରେ ଉଭୟେ ପାରଦର୍ଶୀ। ବହୁମୁଖୀ ପ୍ରତିଭା ବିମଣ୍ଡିତ। ମାଆ ସ୍ୱର୍ଗୀୟା ମୀରା ବିଶ୍ୱାଳ ବସନ୍ତ ବାବୁଙ୍କ କର୍ମମୟ ରାଜନୈତିକ ଓ ପାରିବାରିକ ଜୀବନ ଜଞ୍ଜାଳ ତୁଲାଇବାରେ ସବୁଠୁ ବେଶୀ ଭୂମିକା ନିର୍ବାହ କରିଥିଲେ। ସହଯୋଗୀ ଗଗନଚନ୍ଦ୍ର ଦାସଙ୍କର ବିଶେଷ ଭୂମିକାକୁ ଏଡାଇ ହେବ ନାହିଁ। ସମୟ ତାଙ୍କୁ ଅନୁଶରଣ କରିବ। କାଳର କପାଳରେ ଟୀକାଟିଏ ହୋଇ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ବହୁକାଳ ସମୁଜ୍ଜ୍ୱଳ ହୋଇରହିବ। ପରପୀଢ଼ିର ଯୁବବର୍ଗଙ୍କ ପାଇଁ ସେ ଜଣେ ଆଇକ୍‌ନିକ ରୋଲ ମଡେଲ ହୋଇ ରହିବେ।

### ତାଙ୍କ ସ୍ମୃତି, କୃତି, କୀର୍ତି ଓ ବିଚାରାଧାରାକୁ ସଂଜୀବିତ ତଥା ସାର୍ଥକ କରିବାପାଇଁ :

ରାଜଧାନୀ ଭୁବନେଶ୍ୱର ଓ କଟକ ସହରରେ ସରକାର ଦୁଇଟି ପୂର୍ଣ୍ଣବାୟବ ପ୍ରତିମୂର୍ତି ସ୍ଥାପନ କରନ୍ତୁ ।

ଯୁବପୀଢ଼ିର ଅଧ୍ୟୟନ, ପ୍ରଶିକ୍ଷଣ, ଗବେଷଣା ପାଇଁ ତାଙ୍କ ବିଚାରଧାରାକୁ ଆଧାର କରି ଇନ୍‌ଷ୍ଟିଚ୍ୟୁଟ ଅଫ ଡେଭଲପମେଣ୍ଟାଲ ଷ୍ଟଡିଜ୍ ଆଣ୍ଡ ଆକାଉଣ୍ଟେବିଲିଟି ପ୍ରତିଷ୍ଠା କରାଯାଉ। (ଅନ୍ୟ ନାମକରଣ କରାଯାଇପାରେ)

ସମଗ୍ର ଓଡ଼ିଶାର ବିଭିନ୍ନ ଅଂଚଳରୁ ସମ୍ବଳହୀନ କୃତୀ ଯୁବକ, ଯୁବତୀମାନଙ୍କୁ ଠାବ କରାଯାଇ ନିଃଶୁଳ୍କ ଉଚ୍ଚ ଶିକ୍ଷା ପାଇଁ ଅନୁଷ୍ଠାନ ଟିଏ ପ୍ରତିଷ୍ଠା କରାଯାଉ।

# ଚୋରି ଅଭିଯୋଗରେ ସୁରକ୍ଷା କର୍ମୀ ବନ୍ଧା ହେଲେ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ନିଳାଦ୍ରୀ ବିହାରୀ ଠାରେ ଥିବା ଏକ ଗୋଦାମରୁ ଟଙ୍କା ଓ ସାମଗ୍ରୀ ଚୋରି କରିବା ଅଭିଯୋଗରେ ଜଣେ ସୁରକ୍ଷା କର୍ମୀଙ୍କୁ ପୋଲିସ ବାନ୍ଧିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୁଣା ବ୍ରହ୍ମପୁର ଗଙ୍ଗାଧର ସାହିର ସମୀର ପଣ୍ଡା। ସୂଚନାପ୍ରକାରେ, ଆସିକା ରୋଡ ନିଳାଦ୍ରିବାହର ଛକ ଏସବିଆଇ ଏଟିଏମ ପାଖରେ ଅରକାନ୍ତ ପାତ୍ରଙ୍କ ଏକ ଗୋଦାମ ରହିଛି। ୨ ଦିନ ତଳେ ଉକ୍ତ ଗୋଦାମରେ ସେ ଶୋଇଥିବା ବେଳେ ରାତି ୨ ଟା ବେଳେ ଗୋଦାମର ଗ୍ରୀଲ କଟା ଯାଇଥିବା ଶବ୍ଦ ଶୁଣିବାକୁ ପାଇଥିଲେ। ସେ ନିଦରୁ ଉଠି ପଡିବାରୁ ସେହି ଶବ୍ଦ ବନ୍ଦ ହୋଇ ଯାଇଥିଲା। କିଛି ସମୟ ପରେ ପୁଣି ଶବ୍ଦ ଶୁଣିବାକୁ ମିଳିଥିଲା । ଏହାପରେ କେହି ଚୋରି କରୁଥିବା ଭାବି ଅରକାନ୍ତ ପୋଲିସକୁ ଫୋନ କରିଥିଲେ। ସେହିପରି ତାଙ୍କର ୨ ସହଯୋଗୀଙ୍କୁ ଡାକି ବାଗିପଟ ଗ୍ରୀଲ ନିକଟକୁ ଯାଇଥିଲେ। ସେତେବେଳକୁ ବାଗିପଟ କବାଟ ଖୋଲା ରହିଥିବା ବେଳେ ଗ୍ରୀଲ କଟା ଯାଇଥିବା ଜଣାପଡିଥିଲା। ଗୋଦାମର ଡ୍ରଏରରେ ରଖାଯାଇଥିବା ୫୫ ହଜାର ଟଙ୍କା ଗାଏବ ଥିବା ବେଳେ ଗୋଦାମ ଭିତରୁ ୨୦ ପ୍ୟାକେଟ ସେଲୋଟେପ ମଧ୍ୟ ଗାଏବ ଥିଲା। ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ଗୋଦାମର ବାଗିପଟକୁ ଯାଇ ଖୋଜାଖୋଜି ପରେ ଜଣେ ବ୍ୟକ୍ତି ଏକ ବୁଦା ମୂଳେ ଲୁଚି ରହିଥିବା ଦେଖିଥିଲେ। ସେମାନେ ତାଙ୍କୁ କାବୁ କରି ନେଇଥିଲେ। ପଚରାଉଚରା ବେଳେ ବ୍ୟକ୍ତି ଜଣଙ୍କ ନିଜ ନାମ ଶଙ୍କର ପଣ୍ଡା ବୋଲି କହିଥିଲେ ଏବଂ ସେ ସୁରକ୍ଷା କର୍ମୀଙ୍କ ପୋଷାକ ପିନ୍ଧିଥିଲେ। ତାଙ୍କ ନିକଟରେ ଥିବା ଏକ କଳା ବ୍ୟାଗ ଭିତରେ ଗ୍ରୀଲ କଟା ମେସିନ, ଭାଇବ୍ରେଟର ଓ ସ୍କ୍ରୁ ଡାଇଭର ଆଦି ମିଳିଥିଲା । ଅରକାନ୍ତ ଓ ତାଙ୍କ ସହଯୋଗୀମାନେ ଅଭିଯୁକ୍ତ ସମୀର ପଣ୍ଡାକୁ କାବୁ କରି ପୋଲିସ ଜିମା ଦେଇଥିଲେ । ଅରକାନ୍ତଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା।

# ଡାକରାବାଡିରେ ବିଜେପିର ମିଶ୍ରଣ ପର୍ବ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ ମୋଟାବାଡି ପଞ୍ଚାୟତର ଡାକରାବାଡି ଗ୍ରାମରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଡାକରାବାଡି ଗ୍ରାମର ଶୁଶାନ୍ତ କୁମାର ପ୍ରଧାନ, ରଞ୍ଜନ କୁମାର ଜେନା, ଦିନବନ୍ଧୁ ପ୍ରଧାନ, ଚରଣ ଗୌଡ଼, ରଙ୍କନିଧି ସ୍ୱାଇଁ, ଟୁନା ପ୍ରଧାନ, ଶ୍ରୀଧର ଜେନା, ରିଙ୍କୁ ପ୍ରଧାନ, ନିରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ସ୍ୱାଇଁ, ଲଡୁ କିଶୋର ପ୍ରଧାନ, ପବିତ୍ର ଗୌଡ଼ ସମେତ ବହୁ ବ୍ୟକ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଏବଂ ବିକଶିତ ଭାରତ ଗଠନ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେପି ଦଳରେ ଯୋଗ ଦେଇଥିଲା ବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସେମାନଙ୍କୁ ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବୁଗୁଡ଼ା ବ୍ଲକ ଉପାଧ୍ୟକ୍ଷ ମାନସ ରଂଜନ ପ୍ରଧାନ, ବିଧାୟକ ପ୍ରତିନିଧି ହରିହର ସାହୁ, ଆଇନଜୀବୀ ହରପ୍ରସାଦ ଦାସ, କେଦାରନାଥ ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ତ୍ତିକ ମଙ୍ଗାଳ, ଗଙ୍ଗାଧର ନାୟକ, ନଟବର ଜେନା, ସୁନୀଲ ପାଢ଼ୀଙ୍କ ସମେତ ଦଳର ଅନେକ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ରହିଥିଲେ ।

# ଇଫ୍‌କୋର ପରିବେଶ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ ,(ଜିପ୍ର) :ପାରାଦୀପ ପୌରପରିଷଦ ଅନ୍ତର୍ଗତ ୫ ନଂ ୱାର୍ଡ ବାଲିଝରା ଠାରେ ଥିବା ଗଣପତି ଶିଶୁ ବିଦ୍ୟାମନ୍ଦିର ପରିସରରେ ଇଫକୋ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଇଫିକୋ ୟୁନିଟ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଇଫକୋ ପକ୍ଷରୁ ବିଦ୍ୟାମନ୍ଦିର ପରିସରରେ କରାଯାଇଥିବା ଏକ ନୂତନ ଶ୍ରେଣି କକ୍ଷକୁ ଇଫକୋର ମୁଖ୍ୟ ଶ୍ରୀ ମହାପାତ୍ର ଲୋକାର୍ପଣ କରିଥିଲେ ।ଆୟୋଜିତ ଆଲୋଚନାରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ପିଲାମାନଙ୍କୁ ଉଦବୋଧନ ଦେଇ କହିଥିଲେ ତୁମେମାନେ ହେଉଛ ଦେଶର ଭବିଷ୍ୟତ। ନିଜର ଭବିଷ୍ୟତ ପାଇଁ ଶିକ୍ଷା ହେଉଛି ପ୍ରମୁଖ ଆବଶ୍ୟକତା। ମନ ଦେଇ ପାଠ ପଢି ନିଜ ମା ବାପାଙ୍କ ନାମ ରଖିବା ସହିତ ନିଜ ରାଜ୍ୟ ଓ ଦେଶର ନାମ କରନ୍ତୁ।ଶିକ୍ଷା ଭଳି ପରିବେଶ ସ୍ୱଚ୍ଛତା ମଧ୍ୟ ଭବିଷ୍ୟତ ବଂଶଧରଙ୍କ ପାଇଁ ଆବଶ୍ୟକ।ସେଥିପାଇଁ ପୃଥିବୀ ମା ସୁରକ୍ଷା ପାଇଁ ପ୍ରତିବର୍ଷ ଚାରା ରୋପଣ କରିବା ଜରୁରୀ ବୋଲି ସେ କହିଥିଲେ।

# ନୂତନ ଓଡ଼ିଶା ନିର୍ମାଣରେ ପ୍ରମୁଖ କର୍ଣ୍ଣଧାର ଥିଲେ ବସନ୍ତ ବିଶ୍ୱାଳ



ଜଗତସିଂହପୁର,(ସବ୍ୟୁ): ଜଗତସିଂହପୁର ମାଟିର ବରପୁତ୍ରମାନେ ହେଉଛନ୍ତି ଓଡିଶାର ବରପୁତ୍ର । ସ୍ୱାଧୀନତା ସଂଗ୍ରାମୀ ମା ସରଳା ଦେବୀ, ମା' ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀଙ୍କ ଠାରୁ ଆରମ୍ଭ କରି ମହାନ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜା, ଜାତୀୟ କବି ବୀର କିଶୋର, ବିଶିଷ୍ଟ ଶିକ୍ଷାବିତ ଡକ୍ଟର ଶ୍ରୀରାମ ଦାଶ ଏହି ଜିଲ୍ଲାରେ ଜନ୍ମ ନେଇ ମାଟିକୁ ଧନ୍ୟ କରିଛନ୍ତି । ରାଜନୀତି ,ସାହିତ୍ୟ ,ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲା ଅବିସ୍ମରଣୀୟ ।ସେହି ମାଟିରେ ଅନ୍ୟତମ ଯୋଗ୍ୟ ସନ୍ତାନ ଭାବରେ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳ ଜନ୍ମ ନେଇ ନୂତନ ଓଡ଼ିଶା ନିର୍ମାଣରେ ପ୍ରମୁଖ କର୍ଣ୍ଣଧାର ଥିଲେ। ଆଧୁନିକ ଓଡିଶା ନିର୍ମାଣରେ ତାଙ୍କର ଅବଦାନ ଆଜି ବି ଉଜ୍ଜିବିତ ହୋଇ ରହିଛି ।ବସନ୍ତ ବାବୁ କେବଳ କଟକର ବାଇମୁଣ୍ଡି ନୁହନ୍ତି ସେ ସାରା ଓଡିଶା ବାଇମୁଣ୍ଡି କହିଲେ ଅତୁକ୍ତି ହେବ ନାହିଁ। ସେଭଳି ଜଣେ ଯୋଗଜନ୍ମା ପୁରୁଷଙ୍କର ଏକ ପୁର୍ଣ୍ଣ ଅବମୟ ପ୍ରତିମୁର୍ତ୍ତୀ ଭୁବନେଶ୍ୱରରେ ପ୍ରତିଷ୍ଠା କରିବା ପାଇଁ ସମସ୍ତଙ୍କର ଦାବୀ ହେବାର ଆବଶ୍ୟକତା ରହିଛି ବୋଲି ଜଗତସିଂହପୁର ଠାରେ ଓଡିଶାର ବରପୁତ୍ର ତଥା ପୁର୍ବତନ ଉପ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କର ୨୨ତମ ଶ୍ରାଦ୍ଧ ବାର୍ଷୀକୀ ଓ ଶ୍ରଦ୍ଧାଞ୍ଜଳୀ ସଭା ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ବିଶିଷ୍ଟ ସାହିତ୍ୟିକ ତଥା ବିରିଷ୍ଠ ସାମ୍ବାଦିକ ଓ ଦୈନିକ ସମୟ ଖବର କାଗଜର ମୁଖ୍ୟ ସଂପାଦକ ପଭୁକଲ୍ୟାଣ ମହାପାତ୍ର କହିଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ବସନ୍ତ ବିଶ୍ୱାଳ ସ୍ମୃତି କମିଟିର ଆବାହକ ଅଦୈତ୍ୟ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ପୁର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ଦେଇ ନୂତନ ଓଡିଶା ନିର୍ମାଣରେ ଜଣେ ପ୍ରମୁଖ କର୍ଣ୍ଣଧାର ଥିଲେ ବସନ୍ତ ବିଶ୍ୱାଳ । ସେ ଓଡିଶା ରାଜନୀତିରେ ଜଣେ ଧୁରୀଣ ରାଜନୀତିଜ୍ଞ । କାମ କରିବା ତାଙ୍କର ବଡ ପରିଚୟ ।ଓଡିଶା ମାଟି ତାଙ୍କୁ କର୍ମବୀରର ଆଖ୍ୟା ଦେଇଥିଲା । ସେ ହେଉଛନ୍ତି ବିକାଶର ପୁରୁଷ । ବିକାଶର ମାନସିକତାର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ହେଉଛନ୍ତି ବସନ୍ତ ବିଶ୍ୱାଳ ବୋଲି କହିଥିଲେ ।ତାଙ୍କ ସମୟରେ ଜଗତସିଂହପୁର ଜିଲ୍ଲାରେ ବହୁ ବିଧ ଉନ୍ନତି ହୋଇଛି ବୋଲି କହିଥିଲେ ।ଏହି ସ୍ମୃତି ଚାରଣ ସଭାରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗ ଦେଇ ସ୍ୱର୍ଗତ ବିଶ୍ୱାଳଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ କରିବାର ମାନସିକତା ଉପରେ ଆଲୋକପାତ କରିଥିଲେ ।ଏହି ସଭାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଯୋଗ ଦେଇ କହିଥିଲେ ଯେ କର୍ମବୀର ଗୌରୀଶଙ୍କରଙ୍କ ପରେ ଦ୍ୱିତୀୟ କର୍ମବୀର ଭାବରେ ବସନ୍ତ ବାବୁଙ୍କୁ ସମ୍ମାନ ମିଳୁଥିଲା ।କଟକର ରିଂ ରୋଡ ଠାରୁ ଆରମ୍ଭ କରି ପାରାଦ୍ୱୀପରେ ଅଏଲ ରିଫାଇନାରୀ ପାଇଁ ଜମି ଅଧୀଗ୍ରହଣ ହେଉ କି ଇଫକୋ ସାର କାରଖାନା ହେଉ ସବୁ ତାଙ୍କରି ଉଦ୍ୟମରେ ସମ୍ଭବ ହୋଇ ପାରିଥିଲା ।ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଫିସ, ସର୍କିଟ ହାଉସ, ହୋମିଓପାଥିକ ଚିକିତ୍ସାଳୟ, ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଆବାସିକ ଗୃହ,ଶାରଳା ଓ ରାହାମା ଠାରେ ସୁତାକଳ,ସୁଦୃଢ ନଦୀ ବନ୍ଧ ନିର୍ମାଣ ଆଦି ବହୁ ଉନ୍ନତିମୂଳକ କାଯର୍ଯ ସହିତ ନୂତନ ଜଗତସିଂହପୁର ନିର୍ମାଣରେ ବସନ୍ତ ବାବୁଙ୍କ ଅବଦାନ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ।ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଯୋଗ ଦେଇ ବସନ୍ତ ବିଶ୍ୱାଳଙ୍କ ଆଧୁନିକ ଓଡିଶା ନିର୍ମାଣରେ ଭାଗିଦାରିତା ସହିତ ପୁଜ୍ୟପୂଜା ଅବସରରେ ସର୍ବଦଳୀୟ ସ୍ମୃତିଚାରଣ ସଭା ଆୟୋଜକୁ କମିଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଦେଇଥିଲେ ।ଏହି ସଭାରେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ,ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା,ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା,ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଦିଲ୍ଲିପ କୁମାର ଲେଙ୍କା,ସ୍ମୃତି କମିଟିର ସମ୍ପାଦକ ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ସମାଜସେବୀ ହେମନ୍ତ ରଥ ପ୍ରମୁଖ ଯୋଗ ଦେଇ ଦେଇ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ସ୍ମୃତି ଚାରଣ କରିଥିଲେ।ଏହି ଅବସରରେ ମହାବିଦ୍ୟାଳୟ ସ୍ତରରେ କଳା,ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପୂର୍ବତନ ପାରିଷଦ ପ୍ରଶାନ୍ତ କୁମାର ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥୀ ପରିଚୟ ପ୍ରଦାନ କରିଥିବା ବେଳେ ସରପଞ୍ଚ ଲିପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ସ୍ଥାନୀୟ କଲେଜ ଛକ ନିକଟରେ ଗଣେଶ ମନ୍ଦିର ସାମ୍ନାରେ ତିଳ ତର୍ପଣ କରାଯାଇଥିଲା ।

## ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ



ନାଉଗାଁ , (ସବ୍ୟୁ): ନାଉଗାଁ ବ୍ଲକରେ ଓଡ଼ିଶାର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ଓ କର୍ମବୀର ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ବ୍ଲକ କଂଗ୍ରେସ ସଂଯୋଜକ ବିଚିତ୍ରା ନନ୍ଦ ଲେଙ୍କାଙ୍କ ସଭାପତିତ୍ୱରେ ଉପସ୍ଥିତ ନେତାମାନେ ବିଶ୍ୱାଳଙ୍କର ରାଜନୈତିକ କୌଶଳ, ସଂଗଠନାତ୍ମକ କ୍ଷମତା ଓ ସାଧାରଣ ଲୋକଙ୍କ ପ୍ରତି ସେବାଭାବକୁ ସ୍ମରଣ କରିଥିଲେ। ସେମାନେ କହିଥିଲେ, ବସନ୍ତ ବାବୁଙ୍କ ଆଦର୍ଶ ଓ ନିଷ୍ଠା ସଦା କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରେରଣା ଦେଇ ଆସୁଛି। ଏହି କାର୍ଯ୍ୟକ୍ରମରେ ସୁନିଲ କୁମାର ମାଟିଆ, ପ୍ରିତମ କୁମାର ପରିଜା, ମନୋଜ ନାୟକ, ଚରଣ ଲେଙ୍କା, ସୁଶାନ୍ତ ଦାସ, କାଳନ୍ଦୀ ରାଉତ, କାର୍ତିକ ଚନ୍ଦ୍ର ନାୟକ ପ୍ରମୁଖ ସ୍ଥାନୀୟ କଂଗ୍ରେସ କର୍ମୀମାନଙ୍କ ଏବଂ ସାଧାରଣ ଲୋକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ରଶି ଲଗାଇ ଯୁବକ ମୃତ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନା ପଞ୍ଚାୟତର ଫର୍ତିପୁର ଗ୍ରାମରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଯୁବକକୁ ଉଦ୍ଧାର କରାଯାଇଛି । ଫର୍ତିପୁର ଗ୍ରାମର ରବିନ୍ଦ୍ର ମଳିକଙ୍କ ପୁଅ ସୁଦାମ ମଳିକ(୨୮) ସବୁ ଦିନ ପରି ଘରେ ରାତ୍ରିରେ ଖାଇପିଇ ଶୋଇଥିଲା । ରବିବାର ସକାଳୁ ଘରଲୋକମାନେ ଦେଖିବା ବେଳେକୁ ସେ ଫ୍ୟାନରେ ରଶି ଲଗାଇ ଝୁଲି ରହିଛି । ପରିବାର ପକ୍ଷରୁ ତାକୁ ଖୋଲାଯାଇ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ମାତ୍ର ଡାକ୍ତର ତାକୁ ସେଠାରେ ମୃତ୍ୟୁ ଘୋଷଣା କରିଥିଲେ । ଏନେଇ ପାଣିକୋଇଲି ପୁଲିସକୁ ପରିବାର ପକ୍ଷରୁ ଜଣାଇବା ପରେ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ମହାନ୍ତି ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ ଏନେଇ ଏକ ଅପମୃତ୍ୟୁମାମଲା ୩୧/୨୫ ରୁଜୁ କରାଯାଇଛି ।

## ମାହାଙ୍ଗାରେ ସଙ୍ଗଠନ ସୃଜନ ଅଭିଯାନ




କୁଆଁପାଳ ,(ସବ୍ୟୁ): ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମାହାଙ୍ଗା ବ୍ଲକ ଖନ୍ଦୋଳସ୍ଥିତ ଗଣପତି ମଣ୍ଡପ ଠାରେ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଂଯୋଜକ ପ୍ରଦୀପ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ଡଃ ଏସ.ଏ. ସମ୍ପଥ କୁମାର ,ପୂର୍ବତନ ମନ୍ତ୍ରୀ ତଥା କଟକ ଜିଲ୍ଲା ପର୍ଯ୍ୟବେକ୍ଷକ ନଗେନ୍ଦ୍ର ପ୍ରଧାନ,ହିମାଂଶୁ ଲେଙ୍କା,ସଞ୍ଜୟ ମଣ୍ଡଳ ପ୍ରମୁଖ ଯୋଗଦେଇ କଟକ ଜିଲ୍ଲା ସଭାପତି ଚୟନ ନିମନ୍ତେ କଂଗ୍ରେସ କର୍ମୀଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ଯୁବ ନେତା ସେକ ମସୁଦ ଅଲି,ପିସିସି ମୁଖପାତ୍ର ଦେବାଶିଷ ଭୂୟାଁ,ଇଂ ୟାକୁବ ଖାଁ,ଡଃ କାର୍ତିକ ଚନ୍ଦ୍ର ବରାଳ,ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଂପାଦକ ଆଇନଜୀବୀ ଦୀପକ କୁମାର ମହାନ୍ତି,ଆଇନଜୀବୀ ଆକାଶ ଭୂୟାଁ,ଡଃ ଗୋବିନ୍ଦ ଭୂୟାଁ,ପୂର୍ବତନ ବ୍ଲକ ଯୁବ କଂଗ୍ରେସ ସଭାପତି ସୌକତ ଅଲି,ମାନସ ରଞ୍ଜନ ଦାସ,ଯୁବ କଂଗ୍ରେସ ସଭାପତି ସେକ ସଦାମ,ପ୍ରଫୁଲ୍ଲ ସାହୁ,ସୁଶୀଲ ପଣ୍ଡା,ଅରକ୍ଷିତ ପ୍ରଧାନ,ନଳିନୀକାନ୍ତ ନାୟକ,ସୁକାନ୍ତ ନନ୍ଦ,କ୍ଷୀରୋଦ ସାହୁ,ଦୀପକ ନାୟକ,ଆକାଶ ପ୍ରଧାନ,ଗଣେଶ୍ୱର ସ୍ୱାଇଁ,ଜାହାଙ୍ଗୀର ଖାଁ,ସେକ କଲ୍ଲି ମୁଲ୍ଲା। ଆଜାଦ,ଦୈତାରୀ ସାହୁ,ସେକ ଜାବୀରଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତା ଉପସ୍ଥିତ ଥିଲେ । ଏହି ଅବସରରେ ପର୍ଯ୍ୟବେକ୍ଷକ ଡଃ ସମ୍ପଦ କୁମାର କଟକ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ପ୍ରଦୀପ୍ତ ଦାସଙ୍କ ନାମ ଜିଲ୍ଲା ସଭାପତି ପାଇଁ କେନ୍ଦ୍ରୀୟ ନେତୃମଣ୍ଡଳୀଙ୍କୁ ସୁପାରିଶ କରାଯିବ ବୋଲି କହିଥିଲେ । ଅପର ପକ୍ଷରେ କୁଆଁପାଳ ଗୋବରୀ କୂଳ ଠାରେ ବୈଷ୍ଣବ ମଣ୍ଡପ ପରିସରରେ ଗତ ସାଧାରଣ ନିର୍ବାଚନରେ କଂଗ୍ରେସର ପ୍ରାର୍ଥି ହୋଇଥିବା ଦେବେନ୍ଦ୍ର କୁମାର ସାହଙ୍କ ନେତୃତ୍ୱରେ ସମାନ୍ତରାଳ ଭାବେ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଏସ.ଏ. ସମ୍ପଥ କୁମାର ମଧ୍ୟ ଯୋଗଦେଇ ଉପସ୍ଥିତ କଂଗ୍ରେସ କର୍ମୀ ଓ ସଂଗଠକଙ୍କ ଠାରୁ ଜିଲ୍ଲା ସଭାପତି ଚୟନ୍ ନିମନ୍ତେ ଯୋଗ୍ୟ ପ୍ରାର୍ଥିଙ୍କ ସଂପର୍କରେ ମତାମତ ସଂଗ୍ରହ କରିଥିଲେ।

## ମହିଳା ସରପଞ୍ଚଙ୍କ ଘରେ ଆକ୍ରମଣ ଘଟଣା : ଗିରଫ ଦାବି କଲା ସଂଘ

ରାଜନଗର, (ସବ୍ୟୁ): ମହିଳା ଦଳିତ ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଭାବେ ଆକ୍ରମଣ ଘଟଣାରେ ପୋଲିସ ମାମଲା ରୁଜୁ କରିଛି ରାଜନଗର ଥାନାରେ କେସ ନମ୍ବର ୩୦୮ /୨୦୨୫ , ରେ ମାମଲା ରୁଜୁ ହୋଇଛି ସଙ୍ଗିନ ଦଫାରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୋଗର ୨୪ ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଉକ୍ତ ଘଟଣାରେ ରବିବାର ଦିନ କେନ୍ଦ୍ରାପଡା ଜିଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା , ରାଜନଗର ସରପଞ୍ଚ ସଂହାର ସଭାପତି ଅଶୋକ କୁମାର ମହାନ୍ତି , ସରପଞ୍ଚ ନିରଞ୍ଜନ ରାଉତ , ବୀଣାପାଣି ପ୍ରଧାନ , ପୁଷ୍ପଲତା ପାତ୍ର , ପ୍ରସନ୍ନ କୁମାର ପରିଡା , ଇତିଶ୍ରୀ ମହାପାତ୍ର , ଚିତ୍ତ ରଞ୍ଜନ ପଣ୍ଡା , ସସ୍ମିତା ମହାନ୍ତି ପ୍ରମୁଖ ରାଜନଗର ଥାନାରେ ପହଞ୍ଚି ଆଇଆଇସିଙ୍କ ସହିତ ଆଲୋଚନା କରିଛନ୍ତି । ତୁରନ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରାଇବାକୁ ଦାବି କରିଛନ୍ତି ।ଜଣେ ମହିଳା ଓ ଦଳିତ ସରପଞ୍ଚଙ୍କୁ ଘରେ ପଶି ଆକ୍ରମଣ ଘଟଣାରେ ପୋଲିସ କାର୍ଯ୍ୟନୁଷ୍ଠାନ ରେ ଶିଥିଳତା କୁ ନେଇ ଉଦବେଗ ପ୍ରକାଶ ପାଇଛି । ଏ ନେଇ ଏସପିଙ୍କୁ ଜଣାଇଛୁ , ଯଦି ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ ନକରେ ତେବେ କେନ୍ଦ୍ରପଡା ଜିଲ୍ଲାର ସମସ୍ତ ୯ଟି ବ୍ଲକର ସରପଞ୍ଚ ଏସପି ଓ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିବୁ ବୋଲି କେନ୍ଦ୍ରପଡା ଜିଲ୍ଲା ସରପଞ୍ଚ ସଂଘର ସଭାନେତ୍ରୀ ଚାମେଲୀ ଓଝା କହିଛନ୍ତି । ରାଜନଗର ବ୍ଲକ ରାଜପୁର ପଞ୍ଚାୟତର ସରପଞ୍ଚ ରାଣୀମଞ୍ଜରି ସେଠୀ ତାଙ୍କ ଶାଶୁଘର ଚନ୍ଦନପୁରରେ ଥିଲେ। ସେହି ସମୟରେ ସନ୍ତୋଷ ପ୍ରଧାନ ସହିତ ନରୋତ୍ତମ ଦାସ , କହ୍ନୁରୀ ରାଉତ , ନିଗମ ରାଉତ , ଜଗବନ୍ଧୁ ରାଉତ , ମଣ୍ଟୁ ଦାସ , ତିଳୋତ୍ତମା ପ୍ରଧାନ , ଦମୟନ୍ତୀ ଦାସ ପ୍ରମୁଖ ପହଞ୍ଚି ତାଙ୍କ ଘରର ବାଡ ଓ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ମହିଳା ସରପଞ୍ଚଙ୍କୁ ତାଙ୍କ ଜାତି ନେଇ ଅତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ନିର୍ମମ ଭାବେ ବିଧା ଗୋଇଠା ମାରି।ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।ତାଙ୍କ ଚିତ୍କାର ଶୁଣି ତାଙ୍କ ସାମୀ ବସନ୍ତ କୁମାର ସେଠୀ ପହଞ୍ଚିଯିବାରୁ ତାଙ୍କୁ ମଧ୍ୟ ନିର୍ମମ ଭାବେ ମାଡ ମାରିବା ସହ ମହିଳା ସରପଞ୍ଚଙ୍କ ମଙ୍ଗଳ ସୂତ୍ର , ସୁନା ଚେନ ଓ ଗୋଟିଏ ସୁନା କାନଫୁଲ ଟାଣି ନେଇଥିବା ସହିତ ଅନେକ କଥା ସରପଞ୍ଚ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଘଟଣା ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

## ନଦୀରେ ଯୁବକ ନିଖୋଜ

ସାଲେପୁର,(ସବ୍ୟୁ): ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧିନ ନରଦା ପଞ୍ଚାୟତର କୁକୁଡାଙ୍ଗ ଗ୍ରାମ ନିକଟ ବିରୂପା ନଦୀକୁ ଗାଧୋଇବାକୁ ଆସି ନଦୀରେ ଭାସିଯାଉ ଯୁବକ ନିଖୋଜ। ଘଟଣାରୁ ପ୍ରକାଶ କୁକୁଡ଼ାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁଅ ବିଭୁ ପ୍ରସାଦ କାନୁନଗୋ ବୟସ ୩୬ ଆଜି ଗାଧୋଇ ବାକୁ ବିରୂପା ନଦୀକୁ ଯାଇଥିଲେ।କୌଣସି କାରଣରୁ ତାଙ୍କର ଗୋ ଖସି ଯିବାରୁ ସେ ନଦୀ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ।ସ୍ଥାନୀୟ ଲୋକମାନେ ଦେଖି ଅଗ୍ନିଶମ ବାହୀନିକୁ ଖବର ଦେଇଥିଲେ।ଖବର ପାଇ ସାଲେପୁର ଅଗ୍ନିଶମ ବାହିନୀ,ଓଡ୍ରାଫ ଟିମ ଓ ଜପକୁଦ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ଜଣାପଡିଛି ।

## ଏନଏସି ସୀମା ନିର୍ଦ୍ଧାରଣ ନେଇ ସରକାରୀ ବିଜ୍ଞପ୍ତି

ସାଲେପୁର,(ସବ୍ୟୁ): ସାଲେପୁର ସହରାଞ୍ଚଳକୁ ଏନ ଏ ସି ମାନ୍ୟତା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିବାପରେ ଏବେ ରାଜ୍ୟ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଆପତ୍ତି ଅଭିଯୋଗ ଆହ୍ୱାନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି ।ଏହି ବିଜ୍ଞପ୍ତି ଅନୁଯାୟୀ ସାଲେପୁର ସହରାଞ୍ଚଳ ଚନ୍ଦ୍ରାଦେଇପୁର ପଞ୍ଚାୟତର ଚନ୍ଦ୍ରାଦେଇପୁର,ଲୁଣାହାର ଓ ବାଲିସାହି ପଞ୍ଚାୟତର ବାଲିସାହି, ରାଘବପୁର,ବଟେଶ୍ୱର ଓ ବାରିଗୋଳ ପଞ୍ଚାୟତର ବେଡେଇକୁ ଏନ ଏ ସି ପରିସରଭୁକ୍ତ କରାଯାଇଛି ।ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ୩୦ଦିନ ମଧ୍ୟରେ ସେମାନଙ୍କ ଆପତ୍ତି ଅଭିଯୋଗ ଏବଂ ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ କଟକ ଜିଲାପାଳଙ୍କ ମାଧ୍ୟମରେ ଲିଖିତ ଭାବରେ ଜଣାଇବାକୁ କୁହାଯାଇଛି । ୩୦ଦିନ ପରେ ଆଉ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ଏହି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ପ୍ରକାଶ ଥାଉକି ସାଲେପୁର ସହରାଞ୍ଚଳର ବାଲିସାହି ଗ୍ରାମର ରାସ୍ତା ଅପର ପାର୍ଶ ରେ ଥିବା ଶିଶୁଆ ପଞ୍ଚାୟତର ସପନପୁର ଏବଂ ଶିଶୁଆ ଗ୍ରାମକୁ ଏଥିରୁ ବାଦ ଦିଆଯାଇଛି। ସେହିପରି ପ୍ରାୟ ୨ କି.ମି ଦୂରରେ ଥିବା ବେଡେଇ ଗ୍ରାମକୁ ସାମିଲ କରାଯାଇଥିବା ବେଳେ ଶିଶୁଆ ପଞ୍ଚାୟତର ବାହାରପଡା ଏବଂ ନଇଗୁଆଁ ପଞ୍ଚାୟତକୁ ମଧ୍ୟ ବାଦ ଦିଆଯାଇଛି । ସେହିପରି ୩ କି.ମି ଦୂରରେ ଥିବା ବାରିଗୋଳ ପଞ୍ଚାୟତର ବୋଦାମୁଣ୍ଡାଇକୁ ବାଦ ଦିଆଯାଇଥିବା ବେଳେ ବାରିଗୋଳକୁ ମଧ୍ୟ ବାଦ ଦିଆଯାଇଛି।ଯାହା ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ତିନି ଶିକ୍ଷକଙ୍କୁ ସୁଭଦ୍ରା ମହତାବ୍ ଗୁରୁ ରତ୍ନ ସମ୍ମାନ ପ୍ରଦାନ

ନିଶ୍ଚିନ୍ତକୋଇଲି,(ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱର ସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟରେ ପବିତ୍ର ଗୁରୁଦିବସ ଅବସରରେ ତିନି ଆଦର୍ଶ ଶିକ୍ଷକଙ୍କୁ ସୁଭଦ୍ରା ମହତାବ୍ ଗୁରୁ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି । କଲେଜ ଅଧ୍ୟକ୍ଷା ପ୍ରଧାପିକା ଡ଼ଃ.ସୁପ୍ରଭା ପରିଡ଼ାଙ୍କ ପୌରହିତ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିରଞ୍ଚିନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରାଧାପକ ପ୍ରତାପ ଚନ୍ଦ୍ର ସାହୁ, ଅଧାପକ ମନମୋହନ ଖଟୁଆ, ଅଧାପକ ରଜନୀକାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଚାନ୍ଦୋଳ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ଦାଶ, ନବୋଦୟ ବିଦ୍ୟାଳୟର ପ୍ରାକ୍ତନ ଅଧାପକ ଫକୀର ଚରଣ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ରଘୁନାଥ ମହାନ୍ତିଙ୍କୁ ଗୁରୁ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା । ଅଧାପକ ସୁଧିର କୁମାର ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲା ।

## ଜାତୀୟ ରାଜପଥରେ ୭ ଗୋରୁ ମୃତ

ପାଣିକୋଇଲି, (ସବ୍ୟୁ): ଶନିବାର ବିଳମ୍ବିତ ରାତ୍ରୀରେ ଏକ ଅଜଣା ଗାଡି ଧକ୍କାରେ ୭ଟି ନିରୀହ ଗୋରୁଙ୍କ ଜୀବନ ଯାଇଛି । । ଗତ ଦୁଇନିଦ ତଳେ ଷଣ୍ଢକୁ ଧକ୍କା ଦେଇ କାର ଓଲଟିବାରୁ ଚାଳକର ଜୀବନ ଯାଇଥିଲା । ସମୃତ ଗୋରୁମାନଙ୍କର ସାମାଜିକ କର୍ମୀ ବା ଗୋ ସବେକ ମାନଙ୍କ ଦ୍ୱାରା ଜାତୀୟ ରାଜପଥ ବିଭାଗ ସହାୟତାରେ ସତ୍କାର କରାଯାଇଛି ।

## ବ୍ଲକ୍‌ସ୍ତରୀୟ ଗୁରୁ ଦିବସରେ ମୁଖ୍ୟଅତିଥି ଉଚ୍ଚ ଶିକ୍ଷା ମନ୍ତ୍ରୀ

ମହାକାଳପଡ଼ା, (ସବ୍ୟୁ): ମହାକାଳପଡ଼ା ବ୍ଲକ ଦେଉଳିପଞ୍ଚାୟତ ଚଣ୍ଡୀଆପଲ୍ଲୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଗୁରୁଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ସେ ଏହି ଅବସରରେ ସର୍ବଶିକ୍ଷା ଅନୁଦାନରେ ୧୮ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍କୁଲ ଗୃହର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସ ସମୟରେ ସ୍ଥାନୀୟ ବିଧାୟକ, ବ୍ଲକ ଅଧ୍ୟକ୍ଷା ସହଯୋଗୀ ଭାବେ ଉପସ୍ଥିତ ଥିଲେ ।ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଗୁରୁପୂଜା ପରିଷଦର ସଭାପତି ଅଶୋକ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ବିଶ୍ୱଜିତ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥଲେ। ସମ୍ପାଦକ ରମେଶ ସାହାଣୀ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି,ଏଡିଏମ ସାଧାରଣ, ନବକୃଷ୍ଣ ଜେନା ଓ ରାଜସ୍ୱ ରବୀନ୍ଦ୍ର ମଲ୍ଲିକ ଆଦି ଉପସ୍ଥିତ ଥିଲେ । ବିଇଓ ମହାକାଳପଡ଼ା କୈଳାସ ଦଳାଇ, ମାର୍ଶାଘାଇ ମନୋରଞ୍ଜନ ସେଠୀଙ୍କ ସହିତ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡା,ସରୋଜ ସାହୁ, ସଞ୍ଜୟ ରଥ ପ୍ରମୁଖ ମଂଚାସୀନ ଥିଲେ । ସଭାଶେଷରେ ଆମନ୍ତ୍ରିତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନର ବାର୍ଷିକ ମହୋତ୍ସବ



ଚଣ୍ଡିଖୋଲ/ଚଡେଇଧରା, (ସବ୍ୟୁ) : ରାଜ୍ୟର ଏକ ପ୍ରଶିଦ୍ଧ ଆଧ୍ୟାତ୍ମିକ ସ୍ଥଳ ଯାଜପୁର ଜିଲ୍ଲାର ଚଡେଇଧରା ନିକଟ ମଧୁପୁର ବେଢା ପାହାଡ ଶୀଖରରେ ଥିବା ଶ୍ରୀଗୁରୁ ଆଶ୍ରମ ଓ ଶିଦ୍ଧେଶ୍ୱର ପୀଠର ପ୍ରାଣ ପ୍ରତିଷ୍ଠାତା ସଂନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀ ମହାରାଜଙ୍କ ବ୍ରହ୍ମଲୀନର ୧୦ମ ମହୋତ୍ସବ ପବିତ୍ର ଇନ୍ଦ୍ର ପୂର୍ଣ୍ଣିମା ଭାଗବତ ଜନ୍ମ ତିଥିରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ସାଧୁସଂନ୍ଥ ଯୋଗଦେଇ ସମାଧି ମଣ୍ଡପରେ ପୂଜାର୍ଚ୍ଚନା ପୂର୍ବକ ଆଶ୍ରମ ପ୍ରତିଷ୍ଠାତା ବ୍ରହ୍ମଲୀନ ସ୍ୱାମୀ ମୌନାନନ୍ଦଙ୍କୁ ଭକ୍ତି ଆର୍ଘ ଅର୍ପଣ କରିଥିଲେ। ଇତ୍ୟବସରରେ ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ଓ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ ଉନ୍ମେଷ ଓ ସଂନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବାବା ସଚ୍ଚିଦାନନ୍ଦ ଦାସ,ବାବାଜୀ ହରିହର ଦାସ, ବାବାଜୀ କୁଞ୍ଜବିହାରୀ ଦାସ, ସ୍ୱାମୀ ସ୍ମୃତିସାଗରାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ଧର୍ମାନନ୍ଦ ସରସ୍ୱତୀ,ବାବାଜୀ ଜଗନ୍ନାଥ ଦାସ,ଫଳାହାରି ବାବା,ବାବାଜୀ ନିଳାମ୍ବର ଦାସ,ବାବାଜୀ କୃଷ୍ଣ ଦାସ,ଅଧିକାରୀ ଶରତ ଦାସ,ସ୍ୱାମୀ ଦିବ୍ୟଲୋଚନ ଦାସ,ବାବା ପସୃରାମ ଦାସ ପ୍ରମୁଖ ଉଦବୋଧନ ଦେଇ ଜଗତ କଲ୍ୟାଣ ଓ ସମାଜରେ ସଂସ୍କାର ଆଣିବା ପାଇଁ ପ୍ରତ୍ୟେକ ପ୍ରାଣୀ ଆଧ୍ୟାତ୍ମିକତାକୁ ଗ୍ରହଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ବିଜେପି ନେତା ପବିତ୍ରମୋହନ ଦାଶ, ବରିଷ୍ଠ ସାମ୍ବାଦିକ ତଥା ଆଶ୍ରମ ଭକ୍ତ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା ପ୍ରମୁଖ ଆଶ୍ରମ ପ୍ରତିଷ୍ଠାତା ବାବା ମୌନାନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶିଷ୍ଟ ବ୍ୟବସାୟୀ ବାଇଧର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନଟବର ସାହୁ, ସେବକ ପୂର୍ଣ୍ଣଚନ୍ଦ୍ର ରାଉତ, ଇଂ ସରୋଜ ବେହେରା, ପବିତ୍ରରଞ୍ଜନ ମହାନ୍ତି,ଗଣେଶ୍ୱର ପଣ୍ଡା,ବବୀ ଦାସ,ପ୍ରଭାକର ବେହେରା,ଗନ୍ଧର୍ବ ପରିଡା,ଗନ୍ଧର୍ବ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଗତ ସପ୍ତେହେ ବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ,ଗିତା ମହାଯଜ୍ଞ, ସମାଧି ପୂଜନ, ଅନ୍ନଯଜ୍ଞ, ଶିଦ୍ଧେଶ୍ୱର ମହାଦେବଙ୍କ ମହାସ୍ନାନ ଓ ରୁଦ୍ରାଭିଷେକ ସମ୍ପର୍ଣ୍ଣ ହୋଇଥିଲା।

## ନେତ୍ରମଣି ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର


# ୪୦୦ ରୋଗୀଙ୍କ ଚିକିତ୍ସା ସହିତ ଔଷଧ ବଣ୍ଟନ



ବାଲିଚନ୍ଦ୍ରପୁର, (ସବ୍ୟୁ): ନେତ୍ରମଣି ଫାଉଣ୍ଡେସନ ଟ୍ରଷ୍ଟ ଓ ସିକ୍ୟୁରିଟି ସର୍ଭିସେସ୍ ପକ୍ଷରୁ ବଡ଼ଚଣା ବ୍ଲକ ପଲାଇ ଗ୍ରାମର ଲକ୍ଷ୍ମୀପ୍ରସାଦ ନୋଡାଲ ୟୁଜିଏମଇ ବିଦ୍ୟାଳୟ ପରିସରରେ ରବିବାର ଦିନ ଏକ ବହୁମୁଖୀ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ ଉଦ୍‌ଘାଟନ କରିଥିଲାବେଳେ ମାହାଙ୍ଗା ଡିଜିଟାଲ ମିଡ଼ିଆ ଆସୋସିଏସନର ସଭାପତି ଅମରେନ୍ଦ୍ର ସିଂହ ଓ କବି ହିମାଂଶୁ ଭୂଷଣ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲର ଦନ୍ତ ବିଭାଗର ଡାକ୍ତର ଅସୀମା ସାମଲ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଡାକ୍ତର ଶର୍ମିଷ୍ଠା ଉଦଗାତା, ଡାକ୍ତର ଅମରନାଥ ବେହେରା, ଡାକ୍ତର କୃଷ୍ଣପ୍ରିୟା, ଜୟଦେବ ବେହେରା, ଆହ୍ୱାନ ଚକ୍ଷୁ ଚିକିତ୍ସାଳୟ ପଚ୍ଚାମୁଣ୍ଡାଇର ସ୍ମୃତିରଞ୍ଜନ ଦ୍ୱିବେଦୀ, ସୁଜାତା ପ୍ରିୟଦର୍ଶିନୀ ବେହେରା, ବବିତା ଜେନା, ହୋମିଓପାଥି ବିଶେଷଜ୍ଞ ଡାକ୍ତର ଦିବାକର ସାମଲ ଓ ଡାକ୍ତର ବିକ୍ରମ କେଶରୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଚାରିଶହରୁ ଉର୍ଦ୍ଧ୍ୱ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ସମସ୍ତଙ୍କୁ ଔଷଧ ପ୍ରଦାନ କରିଥିଲେ । ଚକ୍ଷୁ ରୋଗୀ ମାନଙ୍କର ପରୀକ୍ଷା ନିରୀକ୍ଷା କରାଯିବା ପରେ ମୋତିଆବିନ୍ଦୁ ଅପେରସନ ଚିହ୍ନଟ ରୋଗୀମାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ନେତ୍ରମଣି ଟ୍ରଷ୍ଟର ଟ୍ରଷ୍ଟି ବିପ୍ଳବ ବିଜୟୀ ସାମଲ, ସାଇ ସେବକ ପ୍ରଶାନ୍ତ କୁମାର ସାମଲ, ବିକ୍ରମ କେଶରୀ ମହାନ୍ତି, ଦୋଳଗୋବିନ୍ଦ ସାମଲ, ରଣଜିତ କୁମାର ସାହୁ, ବିଶ୍ୱପ୍ରକାଶ ସାମଲ, ରବିପ୍ରସାଦ ସାମଲ, ଶଶିଭୁଷଣ ସାହୁ, ପ୍ରଶାନ୍ତ କୁମାର ରାଉତ, ଚନ୍ଦ୍ରମଣି ସାହୁ, ନାରାୟଣ ବାସୁଳାଇ, ନବକିଶୋର ବାରିକ, ସୁକୁମାରୀ ବେହେରା, ବିରଞ୍ଚି ନାରାୟଣ ଜେନା, ସୀତା ବେହେରା ଓ ସ୍ମୃତି ସାଗରିକା ସାମଲଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ପ୍ରମୁଖ ରୋଗୀମାନଙ୍କୁ ସେବା ପ୍ରଦାନ କରିଥିଲେ। ଶିବିର ପ୍ରାରମ୍ଭରେ ସମସ୍ତ ଚିକିତ୍ସକମାନଙ୍କ ସହିତ ପତିତପାବନ ସେବା ଫାଉଣ୍ଡେସନର ମୁଖ୍ୟ ଅଭିଷେକ ଯୋଶୀ, ସାମ୍ବାଦିକ ଏକାଦଶୀ ସେଠୀ, ପ୍ରଫୁଲ୍ଲ କୁମାର ପଣ୍ଡା, ରମେଶ ଚନ୍ଦ୍ର ଦାସ ଓ ରତିକାନ୍ତ ସାମଲ ପ୍ରମୁଖଙ୍କୁ ଉତ୍ତରୀୟ ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଜନନୀ ନେତ୍ରମଣି ସାମଲଙ୍କ ସ୍ମୃତିରେ ଆୟୋଜିତ ଏହି ବହୁମୁଖୀ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜକ ବିପ୍ଳବ ବିଜୟୀ ସାମଲ ଓ ସ୍ମୃତି ସାଗରିକା ସାମଲ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

# ମହାନଦୀ ପଠାରେ ଫସିଲେ ଗୋରୁପଲ : ୨୫ ଉଦ୍ଧାର





ବାଙ୍କୀ ,(ସବ୍ୟୁ): ଶନିବାର ଅପରାହ୍ନ ରେ ବାଙ୍କୀ କୁଶପଙ୍ଗି ଅଞ୍ଚଳ ରୁ ୨୫ ଗୋଟି ଗାଈ ପଲ ମହାନଦୀ ପଠାକୁ ଚରିବା ପାଇଁ ଯାଇଥିଲେ। ସନ୍ଧ୍ୟାରେ ମହାନଦୀ ରେ ବନ୍ୟା ଜଳ ଆସି ଯିବାରୁ ଜଳ ସ୍ତର ଧିରେ ଧିରେ ବୃଦ୍ଧି ପାଉ ଥିବାରୁ ପଠା ଚାରି ପଟେ ପାଣି ଘେରିଯିବାରୁ ଗାଈ ଗୁଡ଼ିକ ପାଣି ଘେର ରେ ରହି ଯିବାର ଖବର ନିଜେ ଗାଈ ର ମାଲିକ ସୁରେନ୍ଦ୍ର ବେହେରା ଖବର ଦେଇଥିଲେ।। ଗାଈ ପଲ ସେଠାରେ ଫସି ରହି ଥିବାର ଖବର ନିକଟସ୍ଥ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଦିଆ ଯାଇଥିଲା।ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀ ପାୱାର ବୋଟ ଯୋଗେ ଗାଈ ଗୁଡ଼ିକୁ ଉଦ୍ଧାର କରିବା ପାଇଁ ମହାନଦୀ ପାଣି ରେ ମହାନଦୀରେ ମଝି ଭାଗରେ ଥିବା ପଠାକୁ ଯାଇ ଦୀର୍ଘ ପାଞ୍ଚ ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ ପରେ ସୁରକ୍ଷିତ ଭାବେ ୨୫ ଗୋଟି ଗାଈ ଉଦ୍ଧାର କରି କୂଳକୁ ଆଣିଛନ୍ତି । ଡମପଡା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ବେଉରା ସୁଚନା ଦେଇଛନ୍ତି । ମହାନଦୀ ର ମଝି ପଠାରୁ ପ୍ରଖର ସ୍ରୋତ ରେ ଭାସି ଯାଉ ଥିବା ଗୋଟିଏ କଁଅଳା ବାଛୁରୀ କୁ ଉଦ୍ଧାର କରିଛି ଅଗ୍ନିଶମ ବାହିନୀ ।

# ରାତିରେ ହାଇସ୍କୁଲ ପରିସରରେ ଭୋଜି, ତଦନ୍ତ ନିର୍ଦ୍ଦେଶ

ଅସ୍ତରଙ୍ଗ, (ସବ୍ୟୁ): ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨୭ ତାରିଖ ରାତିରେ ଭୋଜି ଭାତକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସବୁ ସରକାରୀ ନିର୍ଦେଶ ନାମାକୁ ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଳାଞ୍ଜଳି ଦେଇ କାହା ନିର୍ଦ୍ଦେଶରେ ରାତିରେ ଭୋଜି ଭାତ କରିବାକୁ ଅନୁମତି ପ୍ରଦାନ କରିଥିଲେ ତାହା ବିଭାଗୀୟ ତଦନ୍ତ କଲେ ଜଣାପଡିବ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

ଘଟଣା ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ସେ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା କାରଣ ଦର୍ଶାଅ ନୋଟିସ କରି ନ ଥିବା ଜଣାପଡିଥିଲା।ଏ ସମ୍ପର୍କରେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପୁରୀ ଜିଲ୍ଲାପାଳ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର ଓ ପୁରୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ, ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଗୁରୁ ପୂଜନ ଓ ଗୁରୁ ଗୌରବ ସମ୍ମାନ



କଣ୍ଟାପଡ଼ା, (ସବ୍ୟୁ): ଛାତ୍ର-ଯୁବ ବିକାଶ ପରିଷଦ ନିଆଳି ଆନୁକୂଲରେ ଗୁରୁ ପୂଜନ ଓ ଗୁରୁ ଗୌରବ ସମ୍ମାନ ପ୍ରଦାନ ଉତ୍ସବ କଣ୍ଟାପଡ଼ା ବ୍ଲକ ଅଡ଼ଶପୁର ପଞ୍ଚାୟତ ଅନ୍ତର୍ଗତ ବରାହୀପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାବାଜୀ ଅମୃତାନନ୍ଦ ଦାସ ମହାରାଜ, ବିଧାୟକ ଇଂ.ଛବି ମଲିକ, ଇଂ.ସୁଦର୍ଶନ ଦାସ, ଯୋଗଶେଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥିରୂପେ ଯୋଗଦେଇଥିଲେ। ଏହି ଅବସରରେ ନିଆଳି ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆମନ୍ତ୍ରୀତ ଗୁରୁଜୀ, ଗୁରୁମା ଓ ଶିକ୍ଷକ ଶିକ୍ଷିକାଙ୍କୁ ସମ୍ମାନିତ କରାଯିବା ସହିତ ଗୁରୁ ଗୌରବ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା।

କାର୍ଯକ୍ରମ ଆରମ୍ଭରେ ଏକକ ସଂଗୀତ ପରିବେଷଣ ଓ ଗୁରୁ ବନ୍ଦନା ଗାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡଃ. ମଦନମୋହନ ଜେନା କାର୍ଯକ୍ରମ ସଞ୍ଚାଳନ କରିଥିଲା ବେଳେ ମୁଖ ଉପଦେଷ୍ଟା ତଥା ଆଇନଜୀବୀ ସରୋଜ କୁମାର ସ୍ୱାଇଁ, ଡଃ. ଅମିତାବାଳା ପାତ୍ର ଓ ଅନମାନେ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ସାଗରକୁମାର ଗୁରୁ ଧନବାଦ ଅର୍ପଣ କରିଥିଲେ।

# ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନେଇ ଥାନାରେ ଅଭିଯୋଗ

ଡେଲାଙ୍ଗ,(ସବ୍ୟୁ): ଡେଲାଙ୍ଗ ଥାନା ଅନ୍ତର୍ଗତ ବରକେରା ଗ୍ରାମରେ ଜଣେ ଯୁବକ ସୁଶାନ୍ତ କୁମାର ପରିଡା ଗ୍ରାମର ଝିଅ ବୋହୁମାନେ ନଳକୂପକୁ ପାଣି ଆଣିବାକୁ ଯିବା ସମୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ନେଇ ଗ୍ରାମବାସୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯୁବକ ଜଣକ ରାତି ଅଧରେ ମଧ୍ୟ ଘରକୁ ଟେକା ପଥର ମାରିବା ଉଲଗ୍ନ ହୋଇ ବୁଲିବା ସହ ହାତରେ ମାରଣାସ୍ତ୍ର ଧରି ଗାଁ ଦାଣ୍ଡରେ ଗାଳିଗୁଲଜ କରୁଥିବା ନେଇ ଗ୍ରାମବାସୀ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ଯାହାଫଳରେ ଗ୍ରାମର ଝିଅ ବୋହୁ ମାନେ ନଳକୂପକୁ ପାଣି ଆଣିବାକୁ ଅନିଛା ପ୍ରକାଶ କରୁଛନ୍ତି। ଏନେଇ ବରକେରା ଗ୍ରାମବାସୀ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଡେଲାଙ୍ଗ ଥାନାରେ ୩୨୧୨୫ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚଳାଇଥିବା ନେଇ ପୋଲିସ ଠାରୁ ସୁଚନା ମିଳିଛି ।

# ବାଗଦେବୀ ବିଦ୍ୟା ମନ୍ଦିରରେ ଗୁରୁଦିବସ

ବାଲିପାଟଣା ,(ସବ୍ୟୁ): ବାଲିପାଟଣାର ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଶୁକ୍ରବାର ଦିନ ପାରମ୍ପରିକ ରୀତିନୀତିରେ ଗୁରୁଦିବସ ପାଳିତ ହୋଇଯାଇଛି।ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଦେବୀ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ପବିତ୍ରା ଦାସଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ଦିଲୀପ କୁମାର ଓଝା ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଂପାଦକ କବି ଅଭିମନ୍ୟୁ ନାୟକ , ନିର୍ଦ୍ଦେଶକ ଗଙ୍ଗାଧର ଓଝା ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ସେହିପରି ବନମାଳୀପୁର ଠାରେ ଥିବା କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଦିପ ପ୍ରଧାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଛାତ୍ରଛାତ୍ରୀ ମାନେ ପୂଜନ କରି ଚରଣ ସ୍ପର୍ଶ କରିଥିଲେ। ଆଦର୍ଶ ଶିଶୁ ନିକେତନର ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୂଜାର ପରମ୍ପରା ଦେଖି ଖୁସି ବ୍ୟକ୍ତ କରିଥିଲେ। ସେହିପରି ତୁରନ୍ତିରା ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଅନ୍ୟବିଦ୍ୟାଳୟ ମାନଙ୍କରେ ମଧ୍ୟ ଗୁରୁଦିବସ ପାଳିତ ହୋଇଯାଇଛି ।

# ମରୁଡି ଆଶଙ୍କାରେ ଚାଷୀ : ବର୍ଷା ଦିନେ ବନ୍ଧରେ ରହୁନି ପାଣି

ଆଠଗଡ ,(ସବ୍ୟୁ): ବର୍ଷା ଦିନେ ମରୁଡି ଆଶଙ୍କା। ନଦୀ ରେ ବନ୍ଧ ହୋଇ ଚାଷୀ ଜମିକୁ ପାଣି ମାଡିବାକୁ ନେଇ ଆଶଙ୍କାରେ ଚାଷୀ। ଦୀର୍ଘ ଦିନ ଧରି ଏଭଳି କିଛି ମନମାନି ଚାଲିଛି ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ। ଆଠଗଡ ବ୍ଲକ ଶିଳାପାଟ ଗାଁ ର କାଳିତଇଲା ବନ୍ଧ ରେ ଫାଟକ ଲାଗି ପାରିଲା ନାହିଁ। ଶିଳାପାଟ ଠାରେ ସାପୁଆ ନଦୀ ଉପନଦୀ ଭାବରେ ପରିଚିତ କଣ୍ଟିଆ ନଦୀ ର କାଳି ତଇଲା ବନ୍ଧ ଭାବରେ କିଛି ବର୍ଷ ତଳେ ଏକ ବୁଡାବନ୍ଧ ର୍ନିମାଣ କରାଯାଇଥିଲା। କ୍ରମଶଃ ଏହା ଦୁର୍ବଳ ଏବଂ ଏହାର ଉଚ୍ଚତା କମି ଯିବାରୁ ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ବନ୍ଧ ଉଚ୍ଚତାରେ ବୃଦ୍ଧି କରିବା ଏବଂ ଜଳସେଚନକୁ ନିୟନ୍ତ୍ରଣ କରିବା ପାଇଁ ଫାଟକ ଲଗାଇବା ପାଇଁ ଯୋଜନା କରାଗଲା। ଏଥିପାଇଁ ବ୍ୟୟ ବରାଦ ହେବା ସହିତ ଠିକାଦାର ମଧ ନିଯୁକ୍ତ ହେଲେ। କିନ୍ତୁ ଠିକାଦାର ବୁଡା ବନ୍ଧର ଉଚ୍ଚତା ବଢ଼ାଇ କାର୍ଯ୍ୟ ସାରିଦେଲା।ଫାଟକ ଲାଗି ନ ଥିବା ଯୋଗୁଁ ବର୍ଷା ଦିନେ ଯେଉଁ ପାଣି ଆସୁଛି ତାହା ବନ୍ଧରେ ଜମା ନ ହୋଇ ତଳକୁ ଚାଲି ଯାଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଯେଉଁଥିପାଇଁ ପାଣି ର ତିରୋଟ ସମୟରେ ଚାଷ ଜମି କୁ ଜଳସେଚନ ହୋଇ ନ ପାରିବା ଆଶଙ୍କା ସୃଷ୍ଟି ହୋଇଛି।ଏ ବାବଦରେ ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ର୍ନିବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ବେହେରା ଏବଂ ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ପରିଡ଼ା ଙ୍କୁ ଯୋଗାଯୋଗ କରିବାପାଇଁ ଚେଷ୍ଟା କରା ଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରି ନ ଥିଲା। ତେବେ କ୍ଷୁଦ୍ର ଜଳସେଚନ ବିଭାଗ ର ଏଭଳି ବେପରୁଆ ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏହି ବନ୍ଧ କାମକୁ କ୍ଷୁଦ୍ର ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତଦନ୍ତ କରାଯାଇ ତୁରନ୍ତ ଫାଟକ ନ ଲଗାଇଲେ ଆଗାମୀ ଦିନରେ ପାଟଲିଙ୍ଗା ଶିଳା ପାଟ ଗ୍ରାମବାସୀ ମାନେ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବା ପାଇଁ କହିଛନ୍ତି।

# ଜଳିଗଲା ଦୁଇ ବଖରା

ବାଲିପାଟଣା ,(ସବ୍ୟୁ): ଭୂବନେଶ୍ୱର ଉପକଣ୍ଠ ଜଗନ୍ନାଥପୁର ଗ୍ରାମ ସ୍ଥିତ ଓତା ସାହି ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ୨ ବଖରା ଘର ସଂପୂର୍ଣ୍ଣ ପୋଡିଯାଇଛି । ପ୍ରାପ୍ତ ଖବରରୁ ଜଣାପଡିଛି ଗ୍ରାମର ପ୍ରମୋଦ କୁମାର ଭୋଇ ଙ୍କ ଘରେ ରବିବାର ଅପରାହ୍ନ ରେ ବିଦ୍ୟୁତ ଖୁଣ୍ଟରେ ସଂଯୋଗ ହୋଇଥିବା ସର୍ଭିସ ତାରରେ ନିଆଁ ଲାଗି ଘର ଉପରେ ଛଣ୍ଡି ପଡିଥିଲା । ଯାହାଦ୍ୱାରା ପ୍ରମୋଦଙ୍କ ୨ ବଖରା ଚାଳ ଜଳିଥିଲା । ଘର ମଧ୍ୟରେ ଥିବା ସମସ୍ତ ଆସବାବ ସହିତ ଧାନ ,ଚାଉଳ ଅନ୍ୟାନ୍ୟ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି । ବାଲିପାଟଣା ଅଗ୍ନିଶମ କର୍ମଚାରୀ ଦମକଳରେ ଯାଇ ନିଆଁ କୁ ଆୟତ କରିଥିଲେ । ଏଣୁ ତୁରନ୍ତ ଉକ୍ତ ପରିବାର କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଦୁର୍ଘଟଣାରେ ଯୁବକ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଥାନା ଅନ୍ତର୍ଗତ ପୁରୀ ଭୁବନେଶ୍ୱର ଜାତୀୟ ରାଜପଥର କାଦୁଆ ଛକ ନିକଟରେ ରବିବାର ରାତି ୧୦ଟାରେ ଏକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ମୃତ୍ୟୁ ବରଣ କରିଛନ୍ତି । ବ୍ରହ୍ମଗିରି ଥାନା ଅନ୍ତର୍ଗତ ସାହାଜାହାନ ପୁର ଗ୍ରାମର ର୍ନିମଳ ଦାସ ୩୫ ଏକ ବାଇକ ଯୋଗେ ବ୍ରହ୍ମଗିରିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ । କାଦୁଆ ଛକ ନିକଟରେ ହଠାତ ୨ ଗୋଟି ବାଛୁରୀ ରାଜପଥ ଉପରକୁ ଉଠି ଆସିଥିଲେ। ବାଇକ ଭାରସାମ୍ୟ ହରାଇ ବାଛୁରୀ ଦ୍ୱୟଙ୍କ ସହିତ ପିଟି ହୋଇ ରାଜପଥ ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଆହତ ଶ୍ରୀଯୁକ୍ତ ଦାସଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଦୁର୍ଘଟଣାରେ ବାଛୁରୀ ଦ୍ୱୟଙ୍କର ମୃତ୍ୟୁ ଘଟିଅଛି । ସତ୍ୟବାଦୀ ପୋଲିସ ଶ୍ରୀଯୁକ୍ତ ଦାସଙ୍କ ଶବ ଓ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିଛନ୍ତି । ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ସତ୍ୟବାଦୀ ଥାନା ଆଇ ଆଇ ସି ବିଜୟ କେତନ ବେହେରାଙ୍କ ସୂତ୍ରରୁ ଜଣା ପଡ଼ିଅଛି । ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ଉପରେ ଗାଈ ଗୋରୁଙ୍କର ଅବାଧ ବିଚରଣ ଫଳରେ ନିୟମିତ ଦୁର୍ଘଟଣା ଘଟୁଅଛି । ଅକାଳରେ ଅନେକ ଧନ ଜୀବନ ନଷ୍ଟ ହେଉଅଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସାଧାରଣରେ ମତ ପ୍ରକାଶ ପାଇଛି।

# ଅନାସ୍ଥାରେ କଟିଲେ ସରପଞ୍ଚ ଦାୟିତ୍ୱ ନେବେ ନାଏବ ସରପଞ୍ଚ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଗୋପିନାଥପୁର ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଗତ ତା ୨୮/୦୪/୨୦୨୫ରେ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ସୁକାନ୍ତି ବେହେରାଙ୍କ କାର୍ଯ୍ୟକଳାପରେ ୱାର୍ଡ଼ ସଭ୍ୟ ସଭ୍ୟା ଅସନ୍ତୋଷ ପ୍ରକାଶ କରି ଅନସ୍ଥା ପ୍ରସ୍ତାବ ଆଣିଥିଲେ ।ଯାହାକୁ ନେଇ ମୋଟ ୧୧ ଜଣ ୱାର୍ଡ଼ ସଭ୍ୟ ସଭ୍ୟଙ୍କ ମଧ୍ୟରୁ ୮ ଜଣ ସୁକାନ୍ତି ବେହେରାଙ୍କ ବିରୋଧରେ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ ।ପରେ ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ସାମ୍ବିଧାନିକ ବିଧି ବେବସ୍ଥା ଅନୁସାରେ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଭୋଟ ଅନୁଷ୍ଠିତ ହୋଇଥିଲା ।ଏଥିରେ ସରପଞ୍ଚଙ୍କ ବିରୋଧରେ ୯ ଟି ଭୋଟ ପଡ଼ିଥିବା ବେଳେ ସପକ୍ଷରେ ମାତ୍ର ୨ଟି ଭୋଟ ପଡ଼ିଥିଲା ।ଶେଷରେ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ଉପସ୍ଥିତିରେ ଏକ ରେଜୁଲେସନ କରାଯାଇ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରାଯାଇଥିବା ପ୍ରିଯାଡ଼ିଙ୍ଗ ଅଫିସର ଥିବା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ । ମାନ୍ୟବର ଉଚ୍ଚନ୍ୟାଳୟ ଏହି ଅନସ୍ଥା ଘଟଣା ବିରୋଧରେବିଚାରକରି ଫଳାଫଳ ପ୍ରକାଶ କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲାପାଳଙ୍କ ପତ୍ର ସାଂଖ୍ୟ ୧୦୭/ ତା ୦୪/୦୯/୨୦୨୫ ରେ ସରପଞ୍ଚ ସୁକାନ୍ତି ବେହେରାଙ୍କ ପଦ ରଦ୍ଦ କରିବା ସହ ସାନି ଭୋଟ ନହେବା ପର୍ଯ୍ୟନ୍ତନାଏବସରପଞ୍ଚ ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି ।

# ଇଦ ମିଲାଦ ଉନ ନବୀ ଅବସରରେ ଶୋଭାଯାତ୍ରା

ପିପିଲି,(ସବ୍ୟୁ): ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଓ ପବିତ୍ର ଇଦ ମିଲାଦ ଉନ ନବୀ ଅବସରରେ ତେଇସିପୁର ପଞ୍ଚାୟତ ଅର୍ନ୍ତଗତ ନୁଆଗୋଡି ଗ୍ରାମର ମୁସଲମାନ ଭାଇମାନେ ଏକାଠୀ ହୋଇ ନୂତନ ପୋଷାକ ପରିଧାନ କରି ମହମ୍ମଦଙ୍କ ସ୍ତୁତୀ ଗାନକରି ଏକ ଶୋଭାଯାତ୍ରାରେ ଯାଇଥିଲେ । ଏହି ଶୋଭାଯାତ୍ରା ମସଜ୍ଜି ଠାରୁ ବାହାରି ନୁଆଗୋଡି ଗ୍ରାମ ପରିକ୍ରମା କରିଥିଲା । ଏଥିରେ ୨୪ନମ୍ବର ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ସାହୁ, ସରପଂଚଙ୍କ ପ୍ରତିନିଧୀ କେସବ ସେନାପତି, ଫଗୁଭୁଷଣ ପରିଡା ,ଜିତେନ୍ଦ୍ର ବରାଳ, ଜୟନ୍ତ କୁମାର ଦାଶ ପ୍ରମୁଖ ସାମିଲ ହୋଇ ହିନ୍ଦୁ ମୁସଲମାନ ଭାଇଚାରା ସମ୍ପର୍କ ସୃଷ୍ଟି କରିଥିଲେ । ନୁଆଗୋଡି ଗ୍ରାମର ମୁସଲମାନ ଭାଇ ମାନଙ୍କର ସର୍ଦ୍ଦାର ମିର ହନିଫ ,ସମ୍ପାଦକ ଟାଲିମ ଖାନ, କୋଷାଧକ୍ଷ ଜୁଲଫୁକାର ମହମ୍ମଦ ,ସାବଜାନ ମହମ୍ମଦ,ରୁସ୍ତୁମ ମହମ୍ମଦ ,ମିର ଆଜାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ପିପିଲି ଏନଏସି ର ଶିରିଆପୁର ,ଦାନଗହିର,ବଡମସଜିଦ ନରସିଂହପୁର ଠାରେ ମହମ୍ମଦଙ୍କ ଜୟନ୍ତି ପାଳନ ଅବସରରେ ମୁସଲମାନ ଭାଇ ମାନେ ଏକାଠୀ ଏକ ଶୋଭାଯାତ୍ରା ଯାଇ ଗ୍ରାମ ପରିକ୍ରମା କରିବା ସହ ମହମ୍ମଦଙ୍କ ସ୍ତୁତୀ ଗାନ କରିଥିଲେ ।

# ମୋଦୀଙ୍କ ଠାରୁ କ'ଣ ଶିଖିପାରିବ ଇସ୍ରାଏଲ : ରାଷ୍ଟ୍ରୀୟ ସମ୍ମାନ ଏକ ରଣନୀତିକ ସମ୍ପତ୍ତି

**ଆଲେଖ୍ୟ : ଜାକି ସାଲୋ, ଦ ଜେରୁଜେଲମ୍ ପୋଷ୍ଟ**

ସମ୍ପ୍ରତି ଭାରତ-ଆମେରିକା ସମ୍ପର୍କ ଗୁରୁତର ବିଶ୍ୱାସ ସଂକଟ ଦେଇ ଗତି କରୁଛି । ଟାରିଫ ନୀତିର ଗଭୀର ବିବାଦ, ରୁଷ ସହିତ ଭାରତର ସ୍ୱତନ୍ତ୍ର ସମ୍ପର୍କ ଏବଂ ପାକିସ୍ତାନ ସହ ଭାରତର ସୀମା ବିବାଦ ଉପରେ ଆମେରିକୀୟ ପ୍ରଶାସନର ଆଭିମୁଖ୍ୟ କାରଣରୁ ଏଭଳି ସ୍ଥିତି ଉପୁଜିଛି । ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ନୂଆଦିଲ୍ଲୀ ଉଚ୍ଚ ଟାରିଫ୍ ଦର ଲାଗୁ କରିବାକୁ ନେଇ ଅସନ୍ତୁଷ୍ଟ ଥିବା ବାରମ୍ବାର କହିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି, ଭାରତରେ ଲାଗୁ ହେଉଥିବା ଟିକସ ବିଶ୍ୱରେ ସର୍ବାଧିକ ମଧ୍ୟରୁ ଅନ୍ୟତମ । ଏହାର ଜବାବରେ ଟ୍ରମ୍ପ ଭାରତ ଉପରେ ୫୦% ପର୍ଯ୍ୟନ୍ତ ଟିକସ ମଧ ଲାଗୁ କରିଛନ୍ତି । ତଥାପି ଏହା କେବଳ ଗୋଟିଏ ଦିଗ । ରୁଷ ସହିତ ଭଲ ସମ୍ପର୍କ ରଖିଥିବା ଏବଂ ରୁଷ ଠାରୁ ଅଶୋଧିତ ତୈଳ କିଣୁଥିବା ଭାରତ ଟ୍ରମ୍ପଙ୍କ କଟୁ ମନ୍ତବ୍ୟର ଶିକାର ମଧ ହୋଇଛି । ଆମେରିକା ରାଷ୍ଟ୍ରପତି ରୁଷ ଏବଂ ଭାରତକୁ 'ମୃତ ଅର୍ଥବ୍ୟବସ୍ଥା' କହି କଟାକ୍ଷ କରିଛନ୍ତି । ଟ୍ରମ୍ପ ଦାବି କରିଛନ୍ତି ଯେ, ସେମାନେ ପରସ୍ପରକୁ କ୍ଷତି ପହଞ୍ଚାଉଛନ୍ତି ଏବଂ ସେମାନଙ୍କ ବାଣିଜ୍ୟ କାରବାରରୁ ମସ୍କୋର ଯୁଦ୍ଧ ମେସିନକୁ ସହାୟତା ମିଳୁଛି । ସେ ଏହା ମଧ କହିଛନ୍ତି, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି ।'' ଏହା ଭାରତ ଭଳି ବିକାଶଶୀଳ ମହାଶକ୍ତି ପାଇଁ ଏକ ବ୍ୟକ୍ତିଗତ ଅପମାନ ଏବଂ ଆଘାତ । ପାକିସ୍ତାନ ସହିତ ଭାରତର ସୀମା ସଂଘର୍ଷରେ, ଟ୍ରମ୍ପ ନିଜକୁ ଜଣେ ନିରପେକ୍ଷ ମଧ୍ୟସ୍ଥ ଭାବରେ ଉପସ୍ଥାପିତ କରିବାକୁ ଚେଷ୍ଟା କରିଥିଲେ । ସେ ପ୍ରବଳ ଚାପ ପ୍ରୟୋଗ କରିବା, ଉଭୟ ପକ୍ଷ ଉପରେ ପ୍ରତିବନ୍ଧକ ଧମକ ଦେବା ଏବଂ ଯୁଦ୍ଧବିରତି କରାଇଥିବା ଦାବି କରିଥିଲେ । ପରେ ପାକିସ୍ତାନ ମଧ ତାଙ୍କ ମଧ୍ୟସ୍ଥତାକୁ ପ୍ରଶଂସା କରିଥିଲା ଏବଂ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରିବାକୁ ସୁପାରିସ କରିଥିଲା । ତେବେ ୱାଶିଂଟନର ଭୂମିକାକୁ ନୂଆଦିଲ୍ଲୀ ନ୍ୟୁନ କରି ଉପସ୍ଥାପନ କରିଥିଲା ଏବଂ ଏହା ଥିଲା ଦୁଇ ଦେଶ ମଧ୍ୟରେ ଗଭୀର ଅବିଶ୍ୱାସର ଆଉ ଏକ ପ୍ରଦର୍ଶନ । ଶ୍ରୀ ମୋଦୀଙ୍କ କଡ଼ା ଜବାବ କେବଳ ଆର୍ଥିକ ଏବଂ ସାମରିକ ଉତ୍ତେଜନା କାରଣରୁ ନଥିଲା ବରଂ ଏହା ମୁଖ୍ୟତଃ ବ୍ୟକ୍ତିଗତ ଭାବେ ତାଙ୍କୁ ଏବଂ ଦେଶ ପ୍ରତି ହୋଇଥିବା ଅପମାନର କଡ଼ା ପ୍ରତିକ୍ରିୟା ଥିଲା । ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଚାରିଟି ଫୋନ୍ କଲ୍ ଉଠାଇନଥିଲେ । ଏହି ପ୍ରସଙ୍ଗରେ ଇସ୍ରାଏଲ କେତେକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହାସଲ କରିବା ଉଚିତ ।

**ଖାନ୍ ୟୁନିସ୍ ଘଟଣା**

ଆଗଷ୍ଟ ୨୫ ତାରିଖରେ ଇସ୍ରାଏଲର ବୋମା ମାଡ଼ରେ ଖାନ ୟୁନିସ୍ର ନାସିର ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଥିଲା । ଏଥିରେ ପ୍ରାୟ ୨୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ କେତେକ ସାମ୍ବାଦିକ ମଧ ପ୍ରାଣ ହରାଇଥିଲେ । କିଛି ଘଣ୍ଟା ମଧ୍ୟରେ, ଆଇଡିଏଫର ମୁଖପାତ୍ର, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଥିଲେ । ଆଇଡିଏଫର ମୁଖପାତ୍ର ''ନିରୀହ ନାଗରିକ''ଙ୍କ ମୃତ୍ୟୁ ପାଇଁ ଇଂରାଜୀରେ କ୍ଷମତା ପ୍ରାର୍ଥନା କରିଥିଲେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଘଟଣାର ତ୍ୱରିତ ତଦନ୍ତ କରିବାକୁ ଘୋଷଣା କରିଥିଲେ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ 'ଦୁର୍ଭାଗ୍ୟଜନକ' ବୋଲି କହିଥିଲେ ଏବଂ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ସୂଚନା ଦେଇଥିଲେ । ଏହି ତିନୋଟି ବୟାନରେ କେବଳ ଅନ୍ତର୍ଜାତୀୟ ଜନସାଧାରଣଙ୍କ ଅସନ୍ତୋଷକୁ ଶାନ୍ତ କରିବାର ଇଚ୍ଛା ଜାହିର କରାଯାଇନଥିଲା ବରଂ ଏହି ଘଟଣାର ପରିଣାମକୁ ନେଇ ନେତାମାନଙ୍କ ମଧ୍ୟରେ ରହିଥିବା ଚିନ୍ତା ଏବଂ ସମ୍ଭାବ୍ୟ ଭୟ ମଧ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା । ଏହି ନେତାମାନେ ନିଜର କାର୍ଯ୍ୟ ଜରିଆରେ ନିରୀହ ନାଗରିକଙ୍କ ହତ୍ୟା ପାଇଁ କିଛି ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଇଥିଲେ, ଯାହା ଅନ୍ତର୍ଜାତୀୟ ଆଇନ ଦୃଷ୍ଟିରୁ ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିପାରେ ।

ତେବେ ବାସ୍ତବତା ଖୁବ୍ ଜଟିଳ ବୋଲି ଏହାର ପରବର୍ତ୍ତୀ ଘଟଣାକ୍ରମଗୁଡ଼ିକରୁ ଜଣାପଡ଼ିଥିଲା । କାରଣ ଅନେକ ପିଡ଼ିତ ହମାସର ସଦସ୍ୟ ଥିଲେ । ହେଲେ, ସମ୍ପୂର୍ଣ୍ଣ ସୂଚନା ଆସିବାକୁ ଅପେକ୍ଷା କରିବା ପରିବର୍ତ୍ତେ ଇସ୍ରାଏଲ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ବାର୍ତ୍ତା ଦେଲା, ଫଳରେ ଏହାର କୂଟନୈତିକ ଏବଂ ଆଇନଗତ ସ୍ଥିତି ଦୁର୍ବଳ ହୋଇଥିଲା ।

**ଭାରତ ଠାରୁ ଶିକ୍ଷା**

ଠିକ୍ ଏହି ସ୍ଥାନରେ ଆମେ ଶ୍ରୀ ମୋଦୀଙ୍କ ଉଦାହରଣ ଆଡ଼କୁ ଫେରିବା ଉଚିତ । ଟ୍ରମ୍ପଙ୍କ ଆକସ୍ମିକ ଏବଂ ଲଗାତାର ଆକ୍ରମଣକାରୀ ବୟାନବାଜିର ସାମ୍ନା କରିବା ପରେ ଶ୍ରୀ ମୋଦୀ ତୁରନ୍ତ କ୍ଷମା ମାଗିବା ପରିବର୍ତ୍ତେ, ରାଷ୍ଟ୍ରୀୟ ସମ୍ମାନର ସୁରକ୍ଷା କରି କଡ଼ା ଶବ୍ଦରେ ଜବାବ ଦେବାକୁ ଉଚିତ ମଣିଥିଲେ । ହୁଏତ' ତାଙ୍କର ଆଭିମୁଖ୍ୟ କଠୋର ହୋଇପାରେ, କିନ୍ତୁ ସେ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲେ: ଭାରତ ନିଜକୁ କାହାର ଅଧୀନସ୍ଥ କିମ୍ବା ଦୁର୍ବଳ ରାଷ୍ଟ୍ର ରୂପେ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ । ଏହାର ବିପରୀତ ଇସ୍ରାଏଲ, ଖାନ୍ ୟୁନିସ୍ ଘଟଣା ପରେ ନିଜକୁ ଅତ୍ୟଧିକ ପାରଦର୍ଶୀ ଏବଂ ଭୟଭୀତ ଥିବା ଭଳି ପ୍ରଦର୍ଶିତ କରିଥିଲା । ହୁଏତ ସ୍ୱଳ୍ପକାଳୀନ କ୍ଷତିକୁ ହ୍ରାସ କରିବା ଉଦ୍ଦେଶ୍ୟରେ ଇସ୍ରାଏଲ ଏହି ଆଭିମୁଖ୍ୟ ଆପଣାଇ ଥାଇପାରେ, କିନ୍ତୁ ଏହାଦ୍ୱାରା ଦୀର୍ଘକାଳୀନ ରଣନୀତିକ ହିତ କ୍ଷତିଗ୍ରସ୍ତ ହୋଇପାରେ । ସୁତରାଂ, କୌଣସି ଦେଶ କଷ୍ଟକର ଏବଂ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲେ ମଧ ନିଜ ରାଷ୍ଟ୍ରୀୟ ସମ୍ମାନକୁ ରକ୍ଷା କରିବା ଉଚିତ । ତରବରିଆ ଭାବେ ଉତ୍ତରଦାୟିତ୍ୱ ମୁଣ୍ଡେଇବାକୁ ଆଗେଇ ଆସିବାକୁ ଏକ ଦୁର୍ବଳତା ଭାବେ ବିବେଚନା କରାଯାଇପାରେ ଏବଂ ଏହାକୁ ବିରୋଧୀମାନେ ଶୋଷଣର ସୁଯୋଗ ଭାବେ ବ୍ୟବହାର କରିପାରନ୍ତି । ଏଭଳି ସ୍ଥିତିରେ ନିଜର ମତ ଉପସ୍ଥାପନ ବେଳେ ସତର୍କତା ଅବଲମ୍ବନ କରିବା ଏବଂ ସିଦ୍ଧାନ୍ତରେ ଦୃଢ଼ ରହିବା ଅତ୍ୟନ୍ତ ଜରୁରୀ ହୋଇଥାଏ । ରାଷ୍ଟ୍ରୀୟ ସମ୍ମାନ କୌଣସି ବିଳାସ ସାଧନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସମ୍ପତ୍ତି । ଯଦି ଇସ୍ରାଏଲ ନିଜର ସ୍ଥିତି ଏବଂ ସୁରକ୍ଷାକୁ ମଜବୁତ କରିବାକୁ ଚାହୁଁଛି, ତା'ହେଲେ ଦୁନିଆ ଆଗରେ ନିଜର ଦୃଢ଼ କ୍ଷମତାକୁ ପ୍ରଦର୍ଶନ କରିବାକୁ ହେବ । ଏହାର ଅର୍ଥ ହେଉଛି, ଯେତେ ଅନ୍ତର୍ଜାତୀୟ ଚାପ ଥିଲେ ସୁଦ୍ଧା କ୍ଷମା ପ୍ରାର୍ଥନା କରିବାରେ ବିଳମ୍ବ କରାଯିବା ଉଚିତ୍ ।

******

# ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ଶିବିର



କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ଓ ବଡ଼ାସ ଗ୍ରାମ ପଞ୍ଚାୟତ ପରିସର ମଧ୍ୟରେ ପୃଥକ ପୃଥକ ଭାବେ ଗତ ମଙ୍ଗଳବାର ଦିନ ପ୍ରାକୃତିକ ବିପର୍ଯ୍ୟୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ କାରିଟାସଇଣ୍ଡିଆ ଓ କ୍ୟାଥେଲିକ ଚାରିଟାସ ଜଟଣୀ ଓ ଖୋର୍ଦ୍ଧାଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ। ବନ୍ୟା, ବାତ୍ୟା, ବିଜୁଳି ତଥା ଅନ୍ୟାନ୍ୟ କେତେକ ପ୍ରାକୃତିକ ଓ ଅପ୍ରାକୃତିକ ବିପଦକୁ କିଭଳି ସତର୍କତା ରହି ଏଡ଼ାଇ ଦିଆଯାଇପାରିବ ସେ ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରାଯାଇଥିଲା।। କ୍ୟାଥେଲିକ ଚାରିଟାସ ନିର୍ଦ୍ଦେଶକ ଫାଦର୍ ମୃତ୍ୟୁଞ୍ଜୟ ଓ କର୍ମୀ ପ୍ରଦୀପ ସିଂ କହିଥିଲେ ବିପର୍ଯ୍ୟୟ ଆମ ପାଖେ ପାଖେ ଲାଗିରହିଛି ସେ କେବେବି ଆସିପାରେ ।ଏହାକୁ ମୁକାବିଲା କରିବା ପାଇଁ ଧର୍ଯ୍ୟ ଓ ସାହସ ତଥା ନିଜେ ସତର୍କ ରହିଲେ ଆମେ ଆମ ଧାନ ଜୀବନକୁ ସୁରକ୍ଷା ଦେଇପାରିବା ।ଏହି କାର୍ଯ୍ୟକ୍ରମରେ ଅନ୍ୟମନଙ୍କ ମଧ୍ୟରେ ରାଜ୍ୟର ଅନ୍ୟତମ ସେଚ୍ଛାସେବୀ ସଙ୍ଗଠନ ଏକେ .ଏସ.ଏସ ର ରଜନୀ କାନ୍ତ ପାଢ଼ୀ,ସୁଜାତା ବାହୁବଳେନ୍ଦ୍ର, ସାମ୍ବାଦିକ ସମୀର କେଶରୀ ବଳିଆରସିଂହ,ଦିକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ବଡାସ ସରପଞ୍ଚ ବ୍ରଜ ବନ୍ଧୁ ପାଢ଼ୀ ଉପସ୍ଥିତ ଥିଲେ । ଶେଷରେ ସୁବୋଧ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାର୍ଥୀଙ୍କ ଚରିତ୍ର ହିଁ ରାଷ୍ଟ୍ରର ନିୟତି

ବାଲୁଗାଁ,(ସବ୍ୟୁ): ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଗୁରୁଦିବସ ଓ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଦର୍ଶନ ଶୀର୍ଷକ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରାଧାନାଥ ବେହେରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଦର୍ଶନ ବିଭାଗ ମୁଖ୍ୟ କୈଳାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ଦେବା ସହ ଗୁରୁ ଦିବସର ପ୍ରାସଙ୍ଗିକତା ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷ ଡକ୍ଟର ସୁବୁଦ୍ଧି ପ୍ରଫେସର ବେହେରାଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରିଥିଲେ । ଦର୍ଶନ ବିଭାଗର ପତ୍ରିକା ତତ୍ତ୍ୱ ଧାରା ର ଚତୁର୍ଥ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସମ୍ମାନିତ ଅତିଥି ତଥା ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ସର୍ବପଲ୍ଲୀ ରାଧାକୃଷ୍ଣନ ଙ୍କ ଶୈକ୍ଷିକ, ରାଜନୈତିକ, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ବେହେରା କହିଥିଲେ, ରାଧାକୃଷ୍ଣନ ଜଣେ ଶ୍ରେଷ୍ଠ ଶିକ୍ଷକ ଓ ଶାସକ ଥିଲେ। ତାଙ୍କ ଦୃଷ୍ଟିରେ ଚରିତ୍ର ହିଁ ନିୟତି । ବ୍ୟକ୍ତିର ଚରିତ୍ର ଉପରେ ରାଷ୍ଟ୍ରର ନିୟତି ର୍ନିଭର କରେ ଓ ଶିକ୍ଷକମାନେ ଚରିତ୍ରର ଜୀବନ୍ତ ଉଦାହରଣ ହେବା ବାଞ୍ଛନୀୟ ।ସେମାନଙ୍କର ଚରିତ୍ର ଶିକ୍ଷାର୍ଥୀମାନଙ୍କୁ ଅନୁପ୍ରାଣିତ କରିଥାଏ । ଏହାପରେ ଛାତ୍ରୀ ସରସତୀ ଘଟୁଆଳି ଓ ଯସ୍ମିନ ବେଗମ ଦାର୍ଶନିକ ରାଧାକୃଷ୍ଣନ ଓ ଗୁରୁଦିବସ ସମ୍ପର୍କିତ ନିବନ୍ଧ ଉପସ୍ଥାପନା କରିଥିଲେ । ଶେଷରେ ସୁଶ୍ରୀ ସରସ୍ୱତୀ ଘଟୁଆଳି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଭାପୁର, (ସବ୍ୟୁ): ନୟାଗଡ଼ ଜିଲ୍ଲା ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ବିଜିପୁର ପଞ୍ଚାୟତ ଅଧୀନ ଲହଙ୍ଗାପଲ୍ଲୀ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି।ଲହଙ୍ଗାପଲ୍ଲୀ ଗ୍ରାମର ଇନ୍ଦ୍ରମଣି ବାରିକଙ୍କ ଏକମାତ୍ର ପୁଅ ମୋତି ରଞ୍ଜନ ବାରିକ (୧୩)ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଛାତ୍ର ଜଣଙ୍କ ଗୁରୁଦିବସରେ ସକାଳୁ ପୁଅ ମୋତି ରଞ୍ଜନ ସ୍କୁଲକୁ ଘରୁ ଲୁଚାଇ କିଛି ଟଙ୍କା ନେଇଥିଲା। ସ୍କୁଲରୁ ପୁଅ ଆସିବା ପରେ ମାଆ ପଚାରିବାରୁ ସେ ପାଇଖାନା ଘରକୁ ଯାଇଥିଲା। ଫେରିବା ବିଳମ୍ବ ହେବାରୁ ପାଇଖାନା କବାଟ ଭାଙ୍ଗି ଦେଖିଲା ବେଳକୁ ନିଜ ଗାମୁଛାରେ ଝୁଲୁ ରହିଛି। ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ସେଠାର କାର୍ଯ୍ୟରତ ଡକ୍ଟର ମୃତ୍ୟୁ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଭାପୁର ବିଟ ହାଉସ ଅଧିକାରୀ ଶୁଶାନ୍ତ କୁମାର ବେହେରା ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଥିଲେ। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଗୁରୁ ଦିବସରେ ୨୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ଦଶପଲ୍ଲା ,(ସବ୍ୟୁ): ଦଶପଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୁଲ୍ୟରେ ଗୁରୁ ପୂଜନ କାର୍ଯ୍ୟ ମହା ଆଡ଼ମ୍ବରରେ ସଂଘ ଘରେ ପାଳନ ହୋଇ ଯାଇଛି । ଏହି ଅବସରରେ ଦୁଇ ବର୍ଷରେ ଅବସର ନେଇଥିବା କୋଡ଼ିଏ ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ଉକ୍ତ ସଭାରେ ପ୍ରାଥମିକ ସଂଘ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ସାହୁ , ଜିଲ୍ଲା ପ୍ରତିନିଧି ମନୋରଞ୍ଜନ ବରାଡ ଓ ବିଜୟ କୁମାର ସାହୁ ଯୋଗଦେଇଥିଲେ । କାଳନ୍ଦୀ ଚରଣ ସାହୁ ମଞ୍ଚ ପରିଚାଳନା କରିଥିଲେ । ଇତି ଅବସରରେ ଅବସର ନେଇ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ସଂଘର ଇତିହାସ ଓ ଏହାର ମହତ୍ତ୍ୱ ଉପରେ ସୁନ୍ଦର ଭାବେ ଆଲୋକ ପାତ କରିଥିଲେ। ପି ଏନ ବି ବ୍ୟାଙ୍କର ଦୁଇ ବରିଷ୍ଠ ଅଧିକାରୀ ପହଞ୍ଚି ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଉପହାର ପ୍ରଦାନ କରିଥିଲେ । ଶେଷରେ କାଳନ୍ଦୀ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୩୪)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ଯୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।**
**ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ! ରାଜସୀ ।। ୩୪ ।।**
(ରାଜସୀଂ ଧୃତିଂ ଆହ)–ହେ ପାର୍ଥ ! ଯୟା ଧୃତ୍ୟା ତୁ (ପୁରୁଷଃ) ଧର୍ମକାମାର୍ଥାନ୍ (ପ୍ରାଧାନ୍ୟେନ) ଧାରୟତେ ( ନ ବିମୁଞ୍ଚତି), ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଚ (ଭବତି), ସା ରାଜସୀ ଧୃତିଃ ।। ୩୪ ।।

# ଭୁବନେଶ୍ୱର ରେଳ ଷ୍ଟେସନର ଦୁରବସ୍ଥା

ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଯଦିଓ ଓଡ଼ିଆ ନୁହନ୍ତି, ସେ ଓଡ଼ିଶାର ପାଣି ପବନ ଓ ମାଟି ସହିତ ବେଶ ପରିଚିତ ଥିଲେ । କଟକ ଓ ବାଲେଶ୍ୱର ପରି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ସେ ଜିଲ୍ଲାପାଳ ଥିଲେ । ସେ ଓଡ଼ିଆରେ ଭଲଭାବେ କଥାବାର୍ତ୍ତା କରିପାରନ୍ତି ନାହିଁ ଓ ଭାଷଣ ମଧ୍ୟ ଦେଇପାରନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ସେ ଓଡ଼ିଶାରୁ ଯାଇ ତାଙ୍କ ଦପ୍ତରରେ ଜଣେ ପଦାଧିକାରୀ ମଧ୍ୟ ଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାର ଶୈଳୀ ମଧ୍ୟ ଭିନ୍ନ ଧରଣର । ଓଡ଼ିଶାରୁ ସେ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରି ରେଳବାଇ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନରେନ୍ଦ୍ର ମୋଦିଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି । କାନପୁର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଇ.ଏ.ଏସ୍. ଚାକିରିରେ ଯୋଗ ଦେଲା ପରେ ସେ ସ୍ୱେଚ୍ଛାକୃତ ଭାବେ ଅବସର ନେଇ ବିଜେପି ଦଳରେ ରହି ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ । ତାଙ୍କର ବୟସ ପ୍ରାୟ ୫୫ ବର୍ଷ । ଆଶା କରାଯାଉଥିଲା, ସେ ରେଳବାଇ କ୍ଷେତ୍ରରେ ପଛରେ ପଡ଼ି ଯାଇଥିବା ଓଡ଼ିଶାର ଉନ୍ନତି କରିବେ । କରୁଛନ୍ତି ମଧ୍ୟ । ୨୦୨୫–୨୬ ରେଳବାଇ ବଜେଟରେ ଓଡ଼ିଶା ପାଇଁ ୧୦, ୫୯୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଗତବର୍ଷର ବଜେଟ ତୁଳନାରେ ଏଥର ବଜେଟରେ ୧୩ କୋଟି ଟଙ୍କାର ଅଧିକ ବ୍ୟୟବରାଦ ହୋଇଛି । ମାତ୍ର ଧୀର ମନ୍ଥର ଗତିରେ ରେଳବାଇର ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବା ଲୋକେ ଅନୁଭବ କରୁଛନ୍ତି । ଏହାର ଦୃଷ୍ଟାନ୍ତ ହେଲା ଭୁବନେଶ୍ୱର ରେଳ ଷ୍ଟେସନ । ଭୁବନେଶ୍ୱର ରେଳ ଷ୍ଟେସନରେ କାମ ପ୍ରାୟ ପାଞ୍ଚବର୍ଷ ଧରି ଚାଲିଛି । ଜଣେ ରେଳ ଷ୍ଟେସନ ଭିତରେ ପ୍ରବେଶ କଲେ ବାଟବଣା ହୋଇଯିବ । ଭୁବନେଶ୍ୱରରୁ ରେଳ ଷ୍ଟେସନରେ ଓହ୍ଲାଇବା ପରେ ମଧ୍ୟ ବାଉଳା ହୋଇ ରାସ୍ତା ଖୋଜିବ, କେଉଁ ବାଟ ଦେଇ ସୁବିଧାରେ ସେ ବାହାରକୁ ବାହାରିବ ।

ଉଲ୍ଲେଖନୀୟ ଯେ ମୁଖ୍ୟ ପ୍ରବେଶ ଦ୍ୱାରରେ ପ୍ରବେଶ କରିବା ମାତ୍ରେ, ଯାତ୍ରୀମାନେ ଖଣ୍ଡେ ବାଟରେ ଲଗେଜ ସହିତ ଗାଡ଼ି, ମୋଟରରୁ ଓହ୍ଲାଇ ଚାଲି ଚାଲି ଲଗେଜ ଧରି ରେଳ ଷ୍ଟେସନ ଭିତରେ ପ୍ରବେଶ କରିବେ । ତା' ପୂର୍ବରୁ ଷ୍ଟେସନରେ ମିଶିଥିବା ମୁଖ୍ୟ ରାସ୍ତାଟି ଯେପରି ଆବଡାଖାବଡା, ଅଟୋରେ କିମ୍ବା କାର୍‌ରେ ବସିଥିଲେ, ଅଣ୍ଟା ଭାଙ୍ଗି ଦୁଇଖଣ୍ଡ ହେଲା ପରି ଲାଗିବ । ଦୁର୍ଗନ୍ଧରେ ନାକ ଫାଟି ପଡ଼ିବ । ମନେହେବ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅଭିଯାନ ସେଠାରେ ଫେଲ ମାରିଛି ।

ରେଳ ଷ୍ଟେସନ ଭିତରକୁ ବାଡ଼ ଡେଇଁ ପ୍ରବେଶ କରିବା ପରେ କେଉଁ ଟ୍ରେନ କେଉଁ ପ୍ଲାଟଫର୍ମରେ ପହଞ୍ଚିବ, ତାହାର ତାଲିକାକୁ ଡିସ୍‌ପ୍ଲେ କରିବାର ଦୃଶ୍ୟ ଅତି ବିଚିତ୍ର । ସୂଚନା ଅନୁଯାୟୀ କୌଣସି ଟ୍ରେନ ନିର୍ଦ୍ଦିଷ୍ଟ ସମୟରେ ନ ପହଞ୍ଚି ବିଳମ୍ବରେ ପହଞ୍ଚିଥାଏ । ପୁଣି ଏକ ନମ୍ବର ପ୍ଲାଟଫର୍ମର ଭିଡ଼ ଭିତରେ ଲଗେଜ ଧରି ବହୁ କଷ୍ଟରେ ଅତିକ୍ରମ କରିବା ପରେ ପହଞ୍ଚିବ ଏସ୍‌କାଲେଟର ନିକଟରେ । କାରଣ ଆର ପଟ ପ୍ଲାଟଫର୍ମକୁ ଯିବାକୁ ହେବ । ଲିଫ୍ଟ ମଧ୍ୟ ରହିଛି । ବରିଷ୍ଠ ନାଗରିକ ବା ଭିନ୍ନକ୍ଷମଙ୍କ ପାଇଁ ଲିଫ୍ଟ ବ୍ୟବହାର କରାଯିବା କଥା, ଏ କଥା ସେଠାରେ ସୂଚୀତ ମଧ୍ୟ ହୋଇଛି । ମାତ୍ର ଅନ୍ୟ ସମସ୍ତେ ଲଗେଜ ସହିତ ସେ ଲିଫ୍ଟ ଭିତରେ ପ୍ରବେଶ କରିବାକୁ ଏପରି ଭିଡ଼ କରନ୍ତି ଯେ ବିଚରା ଭିନ୍ନକ୍ଷମ ବା ବରିଷ୍ଠ ନାଗରିକଙ୍କୁ ଅଗତ୍ୟା ଅପେକ୍ଷା କରିବାକୁ ହୁଏ, ଭିଡ଼ କମିବା ପର୍ଯ୍ୟନ୍ତ । ସେ ପଟେ ଟ୍ରେନ ପହଞ୍ଚିବା ସମୟ ହୋଇ ଯାଉଥାଏ । ପ୍ଲାଟଫର୍ମରେ ରେଲୱେ ଓଭରବ୍ରିଜ ସିଡ଼ିରେ ଯେଉଁ ଭିଡ଼, ସେ ଭିଡ଼ ଅତିକ୍ରମ କରିବାକୁ ମହିଳା, ଛୋଟ ଛୋଟ ପିଲାମାନଙ୍କୁ କସରତ କରିବାକୁ ପଡ଼େ । ଟ୍ରେନ ଭିଡ଼ ଭିତରେ ପହଞ୍ଚିଯାଏ । ଟ୍ରେନ ଉପରକୁ ଛୋଟ ଛୋଟ ଫୁଟରେଷ୍ଟ ଦେଇ ନିଜେ ଉଠିବା ଓ ଲଗେଜ ନେବା ଏତେ ସହଜ ହୁଏ ନାହିଁ । ରେଳବାଇ ପକ୍ଷରୁ ସେ ସୁବିଧା ମଧ୍ୟ କରାଯାଏ ନାହିଁ । କେହି ଟ୍ରେନରୁ ଓହ୍ଲାଇ ଆସିଲେ, ବାହାରପଟକୁ ଆଟୋବାଲା ଓ ଭଡା କାର୍‌ବାଲା କେଉଁଠିକି ଯାତ୍ରୀମାନେ ଯିବେ ସେ ନେଇ ଯାତ୍ରୀଙ୍କୁ ପଚାରି ପଚାରି ହାଲିଆ କରି ଦିଅନ୍ତି । ଏହା ହିଁ ଦୁର୍ଦ୍ଦଶା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାମ ମନ୍ଦିର ହେଉ ବା ସଂସଦ ଭବନ ହେଉ ବା କୌଣସି ଟନେଲ ବା ଅନ୍ୟାନ୍ୟ ନିର୍ମାଣାଧୀନ ପ୍ରକଳ୍ପକୁ ଯେତେ ଶୀଘ୍ର ସାରି ପାରନ୍ତି, ଅନ୍ୟାନ୍ୟ ସହଯୋଗୀ ମନ୍ତ୍ରିମାନେ ତାହା କରି ପାରନ୍ତି ନାହିଁ । ଦୁଇ ବର୍ଷରୁ ଅଧିକ ହେଲାଣି ବାହାନଗାର ଭବାବହ ରେଳ ଦୁର୍ଘଟଣାର ତଦନ୍ତ ରିପୋର୍ଟ ପ୍ରକାଶ ପାଇଲା ନାହିଁ । ବରିଷ୍ଠ ନାଗରିକମାନେ ଟ୍ରେନ ଟିକେଟରେ ଯେଉଁ ରିହାତି ପାଉଥିଲେ, ତାହାକୁ ମଧ୍ୟ ରେଳ ବିଭାଗ ଉଠାଇ ଦେଲେ । ମାତ୍ର ପୂର୍ବତନ ସାଂସଦ ନିଜେ ତ ପ୍ରଥମ ଶ୍ରେଣୀର ରେଳଯାତ୍ରା କରିପାରିବେ, ତାଙ୍କ ସହ ଆଉ ଜଣେ ମଧ୍ୟ ମାଗଣାରେ ଶୀତତାପ ନିୟନ୍ତ୍ରିତ ବଗିରେ ରେଳଯାତ୍ରା କରିପାରିବେ । ବଡ଼ ବିଚିତ୍ର ନୀତି ଇଏ ।

ଅବଶ୍ୟ ଅଧିକାଂଶ ପଦପଦବୀରେ ଥିବା ବ୍ୟକ୍ତି, ମନ୍ତ୍ରୀ, ସାଂସଦ, ବିଧାୟକ, ଅଫିସର ରେଳଯାତ୍ରା ପ୍ରାୟ କରନ୍ତି ନାହିଁ । ବରିଷ୍ଠ ନାଗରିକ ବା ଭିନ୍ନକ୍ଷମଙ୍କ ପାଇଁ ତଳ ସିଟ୍ ମିଳିବା କଥା, ବେଳେ ବେଳେ ମିଳେନାହିଁ । ଏତେ ସଂଖ୍ୟାରେ ଯାତ୍ରୀ ଭୁବନେଶ୍ୱରରୁ ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରି ଭିଡ଼ କରନ୍ତି ଯେ ବସିବାକୁ କ'ଣ ଠିଆ ହେବାକୁ ବି ଜାଗା ମିଳେ ନାହିଁ । ମାଛ ହାଟ ପରି ପାଟିତୁଣ୍ଡ ଶୁଭୁଥାଏ । କେବେ ଏପରି ଦୁରବସ୍ଥାର ଅବସାନ ହେବ କେଜାଣି ?

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ, ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତରେ ନେତ୍ରଦାନ, ଅଶୀ ବର୍ଷର ଅଭିଯାନ



ଡା. ଅନୀତା ପଣ୍ଡା

ନେତ୍ରଦାନ ପକ୍ଷ ଆସିଲା। ନେତ୍ରଦାନ ପକ୍ଷ ଆସିଲା, ପ୍ରତ୍ୟେକ ଅଗଷ୍ଟ ମାସରେ ଚାଳିଶ ବର୍ଷ ହେବ ଏଇ ପ୍ରଚଳିତ ଶବ୍ଦ କେଇଟି ଶୁଣି ସମାଜ ଜାଗି ଉଠେ । କଣ ଏଇ ନେତ୍ରଦାନ ! କଣ ଏଇ ନେତ୍ରଦାନ ପକ୍ଷ !!

ନେତ୍ରଦାନ ମହାଦାନ । କେବେ କାହା ମନକୁ ଆସେ କି ୟାକୁ ମହାଦାନ ବୋଲି କାହିଁକି କୁହାଯାଏ ? ଜୀବିତ ମଣିଷଟି ଯେତେବେଳେ ଜଗତ ହିତରେ କିଛି ଦାନ କରିଥାଏ, ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ତାହା ପଛରେ କିଛି ନା କିଛି ପ୍ରତ୍ୟାଶା ଲୁଚି ରହିଥାଏ, ହୁଏତ କେଉଁ କ୍ଷେତ୍ରରେ ଅଧିକ ଏବଂ କେତେକ କ୍ଷେତ୍ରରେ ନଗଣ୍ୟ । ନେତ୍ରଦାନ ପଛରେ କୌଣସି ଆଶା ଲୁକ୍କାୟିତ ନଥାଏ । କାରଣ ସେଇ ଦାନ ସଦା ହିଁ ମୃତ୍ୟୁ ପରେ କରାଯାଇଥାଏ । ସେଥିପାଇଁ ନେତ୍ରଦାନ ସଙ୍ଗୀତରେ ଏହା ସ୍ପଷ୍ଟ ରୂପେ କୁହାଯାଇଛି–

'ସମୟ ଆସିବ ଏ ଭବ ସାଗର,
ସର୍ବେ ଦିନେ ଯିବେ ଛାଡ଼ି
ସାଥୀରେ ନେବେନି କେହି ହେଲେ କିଛି
ଶରୀରକୁ ଦେବେ ପୋଡ଼ି
ଅମୂଲ୍ୟ ରତନ ନୟନ ଦୁଇଟି
ଜଳି ମିଶିବ ମାଟିରେ
ଦୁଇ ନେତ୍ରହୀନ ହେବେ ଜ୍ୟୋତିବାନ,
ତୁମ ଦାନ ଜରିଆରେ।'

ଅର୍ଥାତ୍ ଏହି ଦାନ ଦ୍ୱାରା ନା ବ୍ୟକ୍ତିକୁ ନିଜର କିଛି ସଞ୍ଚିତ ଅର୍ଥ ବ୍ୟୟ କରିବାକୁ ହୋଇଥାଏ ନା ଶାରୀରିକ ପରିଶ୍ରମ ନା ବହୁମୂଲ୍ୟ ସମୟ । ମାତ୍ର ଅନାୟାସରେ ବ୍ୟକ୍ତିଟିର ମୃତ୍ୟୁ ଦୁଇ ନେତ୍ରହୀନଙ୍କୁ ଜ୍ୟୋତିଦାନ କରି ତାଙ୍କ ଓଠରେ ହସ ଫୁଟାଇ ପାରିଥାଏ । ଏସବୁ ବ୍ୟାଖ୍ୟା କରିବା ସମୟରେ ପ୍ରଶ୍ନ ଉଠିଥାଏ ଏ ନେତ୍ରଦାନ କାହିଁକି ? ଭାରତରେ ନେତ୍ର ପିତୁଳି ଜନିତ ଅନ୍ଧତ୍ୱ ଅନ୍ୟ ଦେଶମାନଙ୍କ ତୁଳନାରେ ବହୁ ଅଧିକ ଯାହା କେବଳ ମୃତବ୍ୟକ୍ତିର ନେତ୍ରଦାନ ଜରିଆରେ ହିଁ ଲାଘବ କରାଯାଇପାରିଥାଏ ।

ଏଇ ନେତ୍ରଦାନ ନିମନ୍ତେ ନେତ୍ରକୋଷର ସ୍ଥାପନା ବହୁ ଆବଶ୍ୟକ । ନେତ୍ରକୋଷ ସ୍ଥାପନା ପଦ୍ଧତି ଭାରତରେ ନୂଆ ନୁହେଁ । ଦେଶର ପ୍ରଥମ ନେତ୍ରକୋଷ ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୪୫ ମସିହାରେ ମାଡ୍ରାସ (ବର୍ତ୍ତମାନ ଚେନ୍ନାଇ) ଠାରେ ପ୍ରତିଷ୍ଠା ହୋଇଥିଲା । ପ୍ରାୟ ଦୁଇ ଦଶନ୍ଧି ବାଦ୍ ୧୯୬୫ରେ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାଠାରେ ଜାତୀୟ ନେତ୍ରକୋଷ ନ୍ୟାସନାଲ ଆଇ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା । ଭାରତୀୟ ଗବେଷଣା କେନ୍ଦ୍ର (ଆଇ.ସି.ଏମ୍.ଆର)ର ୧୯୭୩ ସର୍ଭେ ରିପୋର୍ଟ ଅନୁସାରେ ନେତ୍ରହୀନତାର ହାର ସମସ୍ତ ନେତ୍ରରୋଗର ପଚିଶ ପ୍ରତିଶତ ଥିଲା । ନେତ୍ର ପିତୁଳି ସମସ୍ୟାଟି ଏତେ ଗମ୍ଭୀର ହୋଇଥିଲେ ମଧ୍ୟ ୧୯୮୦ ସାଂଖ୍ୟକୀୟ ବିବରଣୀ ଅନୁସାରେ ଏହା ମାତ୍ର ଶତକରେ ସୀମିତ ଥିଲା । ଆରମ୍ଭ ହେଲା ଏହାର ପ୍ରଗତି ପାଇଁ ଅଭିଯାନ । ଖୁବ୍ ଶୀଘ୍ର ଏହାର ଉନ୍ନତି ଘଟିଥିଲା । ସେଥିପାଇଁ ଦେଶର କେତେଜଣ ନେତ୍ର ନିଷ୍ଠାବାନଙ୍କର ପ୍ରଚେଷ୍ଟା ଉଲ୍ଲେଖନୀୟ । ୧୯୮୬–୮୭ ବିବରଣୀ ଅନୁସାରେ ଏହାର ହାର ଛଅ ପ୍ରତିଶତକୁ ଓହରି ଆସିଥିଲା ।

ନେତ୍ରଦାନ ପଦ୍ଧତିର ଅନ୍ୟ ଏକ ଅପରିହାର୍ଯ୍ୟ ଅଙ୍ଗ ହେଲା ପ୍ରତିଜ୍ଞା ଅର୍ଥାତ୍ ଶପଥ । ଯାହା ଜୀଇଁଥିବା ସମୟରେ କରାଯାଇଥାଏ । ମୃତ୍ୟୁ ପରେ ଶପଥ ଜରିଆରେ ମୃତବ୍ୟକ୍ତିର ଅନ୍ତିମ ଇଚ୍ଛା ସମ୍ପୂର୍ଣ୍ଣ କରାଯାଇଥାଏ । ତେଣୁ ଜୀବିତ ସମୟରେ ଏଇ ଶପଥ ପତ୍ରରେ ସ୍ୱାକ୍ଷର ନେତ୍ର ବିଶେଷଜ୍ଞଙ୍କର ଶ୍ରମ ଲାଘବ କରିଥାଏ । ଏଥିପାଇଁ ନେତ୍ର ନିଷ୍ଠାବାନମାନଙ୍କର ପ୍ରଚେଷ୍ଟା ଯେତିକି ଆବଶ୍ୟକ ଦେଶର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହାୟତା ମଧ୍ୟ ଅତୁଳନୀୟ । ସବୁ ପାଇଁ ମିଡ଼ିଆର ଭୂମିକା ଖୁବ୍ ବେଶୀ । ମିଡ଼ିଆ ସାହାଯ୍ୟରେ ହିଁ ଏଇ ଶପଥ ପାଇଁ ଜନତା ନିକଟରେ ପହଞ୍ଚିବା ସହଜ ହୋଇଥାଏ । ଭାରତର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଶପଥ ପତ୍ର ଉପରେ ସ୍ୱାକ୍ଷର ନେତ୍ରଦାନ ପର୍ଯ୍ୟାୟକୁ ବହୁଭାଗରେ ଉନ୍ନତିରେ ଯେ ସହାୟତା କରିଛି ଏଥିରେ ସନ୍ଦେହ ନାହିଁ । ସେଇମାନଙ୍କ ମଧ୍ୟରୁ କେତେଜଣ ପ୍ରମୁଖ ହେଲେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ପି. ନରସିଂହ ରାଓ, ଅଟଳ ବିହାରୀ ବାଜପେୟୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ବି.ଏସ.ୟଡ଼ି ୟୁରାପା ଅନ୍ୟ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ମଧ୍ୟରୁ ଜାକିର ହୁସେନ୍, ପଣ୍ଡିତ ହରିପ୍ରସାଦ ଚୌରାସିଆ, ତ୍ରିଦଶୀ ଚିନ୍ନା, ଜୀର ସ୍ୱାମୀଜୀ ଆକିନେନ ନାଗେଶ୍ୱର, ସୁନିଲ ଗାଭାସ୍କର ପ୍ରମୁଖ । ପ୍ରମୁଖ ଅଭିନେତା ଅଭିନେତ୍ରୀମାନଙ୍କ ମଧ୍ୟରେ ଅମିତାଭ ବଚନ, ଜୟା ବଚନ, ଐଶ୍ୱର୍ଯ୍ୟ ରାୟ ବଚନ, ରଜନୀକାନ୍ତ, ପୁନିତ, ରିଧିମା, ରାଣୀ ମୁଖାର୍ଜୀ ଏବଂ ଆହୁରି ଅନେକ ।

ଜାତୀୟ ନେତ୍ରଦାନ ପକ୍ଷର ଆରମ୍ଭ ୧୯୮୫ ମସିହାରୁ ହୋଇଥିଲା । **ସମଗ୍ର ଦେଶରେ ଏହା ଅଗଷ୍ଟ ପଚିଶ ତାରିଖରୁ ସେପ୍ଟେମ୍ବର ଆଠ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥାଏ । ଏଥିପାଇଁ ବିଭିନ୍ନ ପନ୍ଥା ଅବଲମ୍ବନ କରାଯାଇଥାଏ । ଯେପରିକି ନେତ୍ରଦାନ ଶାନ୍ତି ମାର୍ଚ୍ଚ, ନେତ୍ରଦାନ ଉପକାରିତା ଉପରେ ଭାଷଣ, ନେତ୍ରଦାତା ପରିବାରକୁ ଫଳକ ପ୍ରଦାନ, ଲାଭାନ୍ୱିତ (ଯେଉଁମାନେ ନେତ୍ରଦାନ ଦ୍ୱାରା ନିଜର ଜ୍ୟୋତି ଫେରି ପାଇଛନ୍ତି) ବ୍ୟକ୍ତିମାନଙ୍କର ମତାମତ, ପ୍ରତିଷ୍ଠିତ ବ୍ୟକ୍ତି ତଥା ଜନସାଧାରଣଙ୍କର ଶପଥ ପତ୍ରରେ ସ୍ୱାକ୍ଷର ଇତ୍ୟାଦି । ନେତ୍ରଦାନ ଉପରେ ନାଟକ ପରିଦର୍ଶନ, ନେତ୍ରଦାନ ସଙ୍ଗୀତ ପ୍ରଭୃତିର ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥାଏ । ସର୍ବୋପରି ମିଡ଼ିଆର ସାହାଯ୍ୟ ।** ଅନ୍ୟ ଏକ ଉଲ୍ଲେଖନୀୟ ବିଷୟ ଭାରତୀୟ ନେତ୍ରକୋଷ ସଙ୍ଗତି (E.B.A.I) ସ୍ଥାପନା ଏହାର ଚରମ ଲକ୍ଷ୍ୟ ଥିଲା । ଏହା ଜରିଆରେ କାର୍ଯ୍ୟକ୍ରମ ଜାରି ରଖିଲେ ନେତ୍ରଦାନ ପଦ୍ଧତିରେ ବିକାଶ ହେବା ସଙ୍ଗେ ସଙ୍ଗେ ନେତ୍ର ଗୋଲକ ବ୍ୟାପାରରେ ଯବନିକା ପତନ ହେବ ।

ଅଙ୍ଗ ବ୍ୟାପାର ଏକ କ୍ଷୋଭପୂର୍ଣ୍ଣ ବିଷୟ। ଭାରତର ଅନେକ ନୀତିଦ୍ରୋହୀ, ଅସଦାଚାର ବ୍ୟକ୍ତି ଉକ୍ତ କାର୍ଯ୍ୟରେ ଆଗଭର ହୋଇ ଉଠିଥିଲେ । ଏହାର ପ୍ରାରମ୍ଭ ଥିଲା ବୃକକ । ଅର୍ଥାତ୍ କିଡ଼ନୀ ବ୍ୟାପାର । କ୍ରମଶଃ ନେତ୍ର ବ୍ୟାପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଲା । ଏହାର ବିରତି ପାଇଁ ପ୍ରମୁଖ ନେତ୍ର ନିଷ୍ଠାବାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା । ବହୁ ଆଲୋଚନା ସମାଲୋଚନା ପରେ ଭାରତ କର୍ଣ୍ଣିଆ ଗ୍ରାଫ୍ଟିଙ୍ଗ (ଭାରତ ନେତ୍ରରୋପଣ ପିତା) ଡା: ଆର୍.ପି. ଢାଣ୍ଡାଙ୍କ ନେତୃତ୍ୱରେ ଗଢ଼ି ଉଠିଲା ଭାରତୀୟ ନେତ୍ରକୋଷ ସଙ୍ଗତି । ତାଙ୍କର ସହାୟତା କରିଥିଲେ ଅନ୍ୟ ପାଞ୍ଚଗଣ ପ୍ରମୁଖ ଯୋଦ୍ଧା । ପ୍ରାରମ୍ଭରେ ବହୁଘାତ ପ୍ରତିଘାତ ସହ୍ୟ କରୁଥିଲେ ମଧ୍ୟ ଖୁବ୍ ଶୀଘ୍ର ସଙ୍ଗତିଟି ସୁଚାରୁରୂପେ ଆଗେଇ ଚାଲିଲା ।

ନେତ୍ରଦାନ ପାଇଁ ବହୁ କିଛି ନୀତି ନିୟମର କାର୍ଯ୍ୟାବଳୀ ପ୍ରସ୍ତୁତ ହୋଇଗଲା । ତନ୍ମଧ୍ୟରୁ ଶ୍ରେଷ୍ଠ ଉଲ୍ଲେଖଯୋଗ୍ୟ ଥିଲା ଅରଗାନ ଆକ୍ଟ ୧୯୯୪ । ଏହା କେବଳ ନେତ୍ରଦାନ ପାଇଁ ନୁହେଁ ସମଗ୍ର ଅଙ୍ଗଦାନ ପାଇଁ ପ୍ରଯୁଜ୍ୟ । ଏହା ଅଙ୍ଗ ବ୍ୟାପାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦେଇଥିଲା । ଏତଦ୍ ବ୍ୟତୀତ ନେତ୍ରକୋଷ ମାନଦଣ୍ଡ ସହ ପ୍ରଯୁକ୍ତିଗତ ବିଷୟମାନଙ୍କ ପାଇଁ ମଧ୍ୟ ପନ୍ଥା ନିର୍ଦ୍ଧାରିତ କରାଯାଇଥିଲା । ପୁଣି ତାର ସଂଶୋଧିତ (ଆମେଣ୍ଡମେଣ୍ଟ) କରାଯାଇ THOTA 1994 NOTTO ଏବଂ THOTA 2014 ଗଠିତ ହୋଇଥିଲା । ଏସବୁ ନୀତି ନିୟମ ପଦ୍ଧତି ପ୍ରଚଳିତ ହେବା ପରେ ନେତ୍ରଦାନ ପଦ୍ଧତିରେ ବହୁ ଉନ୍ନତି ହୋଇଯାଇଥିଲା । ୧୯୯୦ ମସିହାରେ ଅନ୍ୟ ଏକ ପଦକ୍ଷେପ ହସ୍ପିଟାଲ କର୍ଣ୍ଣିଆ ରିଟ୍ରିଭାଲ ପ୍ରୋଗ୍ରାମ (HCRP)। ଉକ୍ତ କାର୍ଯ୍ୟକ୍ରମ ଅନୁସାରେ ବିଭିନ୍ନ ହସ୍ପିଟାଲରେ ଗ୍ରିଫ୍ କାଉନ୍‌ସେଲର ନେତ୍ରକୋଷ ତରଫରୁ ନିଯୁକ୍ତି କରାଯାଇଥାଏ । ଯେଉଁମାନଙ୍କର କାମ ହେଲା ଆସନ୍ନ ମୃତ୍ୟୁ ମୁଖକୁ ଗତି କରୁଥିବା ବ୍ୟକ୍ତିଙ୍କ ପରିବାର କିମ୍ବା ମୃତ ବ୍ୟକ୍ତିଙ୍କ ପରିବାରମାନଙ୍କୁ ନେତ୍ରଦାନ ସଦୃଶ ମହତ କାର୍ଯ୍ୟରେ ଉପକାରିତା ବିଷୟରେ ଅବଗତ କରାଇବା । କାରଣ ପରିବାର ବିନା ସ୍ୱାକ୍ଷରରେ ମୃତ ବ୍ୟକ୍ତିଙ୍କର ନେତ୍ର ମରଶରୀରରୁ ଅଲଗା କରିବା ଆଇନ୍ ବିରୁଦ୍ଧ । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ନେତ୍ରଦାନ ସଂଖ୍ୟା ଆହୁରି ବୃଦ୍ଧି ପାଇଥିଲା । ୧୯୮୦ରେ ଏକଶତରୁ ନ୍ୟୁନ ଦାନ ଥିବା ସତ୍ତ୍ୱେ ବର୍ତ୍ତମାନ ତାହା ଷାଠିଏରୁ ସତୁରି ହଜାରରେ ପହଞ୍ଚିଲାଣି । ସେତିକି ମଧ୍ୟ ଯଥେଷ୍ଟ ନୁହେଁ, କାରଣ ସମସ୍ତ ନେତ୍ର ପିତୁଳି ଯେ ପ୍ରତ୍ୟାରୋପଣ ଉପଯୁକ୍ତ ତାହା ନୁହେଁ ।

ଶାରୀରିକ ଅସୁସ୍ଥତା ନେତ୍ରରୋଗ ଏବଂ ମୃତ୍ୟୁ ପୂର୍ବରୁ ବ୍ୟବହାର କରାଯାଇଥିବା ଯନ୍ତ୍ରପାତି ଯେମିତିକି ଭେଣ୍ଟିଲେଟର ବ୍ୟବହାର ମଧ୍ୟ ଏହାର ପ୍ରତିବନ୍ଧକ ହୋଇଥାଏ । ୨୦୦୪ ମସିହାରେ NPCB ଏବଂ NGO ଦ୍ୱାରା ଗଠିତ ନ୍ୟାସନାଲ ପ୍ଲାନ ଅନୁସାରେ ଭାରତରେ ବାର୍ଷିକ ୨ ଲକ୍ଷ ନେତ୍ର ଗୋଲକ ତଥା କର୍ଣ୍ଣିଆଲ ଟିସୁ ସଂଗ୍ରହ ଆବଶ୍ୟକ । ତେଣୁ ନେତ୍ରଦାନ ସଂଖ୍ୟା ବୃଦ୍ଧି ପ୍ରାପ୍ତ ହେଉଥିବା ସମୟରେ ଦେଶର ନେତ୍ରଦାନ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଥିଲା । କରୋନା ମହାମାରୀ ଅନ୍ୟ ଏକ ବିଶେଷ କାର୍ଯ୍ୟକ୍ରମ ଥିଲା ମିଡ଼ିଆ ଗଠନ । ସାଧାରଣ ସ୍ତରରେ ନେତ୍ର ଗୋଲକ ମାତ୍ର ୨୪ ଘଣ୍ଟା ଭିତରେ ବ୍ୟବହାର କରାଯାଇଥାଏ । ତେଣୁ ୧୯୮୧–୮୨ରେ ଜାତୀୟ ନେତ୍ରକୋଷ ଦ୍ୱାରା ଗଭୀର ଗବେଷଣା ଉପରେ ଏମ୍.କେ.ମିଡ଼ିଅମ୍ (RPC ମିଡ଼ିଅମ) ପ୍ରସ୍ତୁତ କରାଗଲା। ଫଳରେ ନେତ୍ରପଟଳ (କର୍ଣ୍ଣିଆ)ଟିସୁ ୯୬ ଘଣ୍ଟା ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିଲା । ମାତ୍ର ଉକ୍ତ ମିଡ଼ିଅମ୍ ବିକ୍ରୟ ମାଧ୍ୟମରେ ଉପଲବ୍ଧି ନ ଥିଲା । ୧୯୯୪ରେ ତାହା ରାମାୟମା ନେତ୍ରକୋଷ ହାଇଦ୍ରାବାଦରେ ପ୍ରସ୍ତୁତ ହୋଇ ବ୍ୟବସାୟିକ ମାଧ୍ୟମରେ ପ୍ରାପ୍ତ ହେଲା। ୨୦୧୨ରେ 'ଅରବିନ୍ଦ ନେତ୍ର କୋଷ' ଦ୍ୱାରା ପ୍ରସ୍ତୁତ କର୍ଣ୍ଣିସଲ ଟିସୁ ସଂରକ୍ଷଣରେ ବହୁ ସହାୟକ । ଏହାଦ୍ୱାରା ଟିସୁ ୧୪ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ ।

ଅବଶେଷରେ ଗର୍ବର ସହ ଏହା କୁହାଯାଇପାରେ ଯେ ଉକ୍ତ କାର୍ଯ୍ୟମାନଙ୍କ ମାଧ୍ୟମରେ ବର୍ତ୍ତମାନ ନେତ୍ରଦାନ ବିଶ୍ୱରେ ଶୀର୍ଷକ ସ୍ଥାନ ଅଧିକାର କରିଛି । ତଥାପି ମଧ୍ୟ ଆଜି ୪୦ତମ ନେତ୍ରଦାନ ପକ୍ଷକୁ ସମ୍ମାନ ପ୍ରଦାନ କରି ଆସନ୍ତୁ ବହୁ ସଂଖ୍ୟାରେ ସ୍ୱାକ୍ଷର ପତ୍ରରେ ଦସ୍ତଖତ କରି ନିକଟସ୍ଥ ନେତ୍ରକୋଷରେ ଜମା କରିବା । ଏଥିପାଇଁ ଅନ୍‌ଲାଇନ୍ କାର୍ଯ୍ୟକ୍ରମ ମଧ୍ୟ ଉପଲବ୍ଧ ରହିଛି । 'ନେତ୍ରଦାନ ମହାଦାନ '।

ମୋ–୯୮୧୮୯୮୬୩୦୩

# ଡଙ୍ଗରିଆ କନ୍ଧଙ୍କ ଜୀବନଧାରା

ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଡଙ୍ଗରିଆ ହେଲା କନ୍ଧଗୋଷ୍ଠୀର ଏକ ଉପଗୋଷ୍ଠୀ । ଏମାନେ ସାଧାରଣତଃ ଡଙ୍ଗରରେ ରହୁଥିବାରୁ ଏମାନଙ୍କୁ ଡଙ୍ଗରିଆ କନ୍ଧ କୁହାଯାଏ । ଏମାନେ ସମସ୍ତେ ନିୟମଗିରି ପର୍ବତମାଳାର ୧୪୦ଟି ଗ୍ରାମରେ ଅବସ୍ଥାନ କରନ୍ତି । ନିୟମଗିରି ରାୟଗଡ଼ ଓ ଗୁଣୁପୁର ସବ୍‌ଡ଼ିଭିଜନ ମଝିରେ ଅବସ୍ଥିତ । ଏମାନେ ବଣଜଙ୍ଗଲରେ ବାସ କରୁଥିବାରୁ ଏମାନଙ୍କ ଘରଦ୍ୱାର ଗଠନ ପ୍ରଣାଳୀ ଅଲଗା ଧରଣର । ଏମାନଙ୍କର ଅନୁଚ୍ଚ ଘରଗୁଡ଼ିକ ଡ଼ାବୁ ଛଣରେ ଛପର ହୋଇ ଦାଣ୍ଡ ଓ ବାରିପଟକୁ ଖୁବ୍ ଲମ୍ବ ଭାବରେ ଚଢ଼ି ଯାଉଥାଏ । ଘରର କାନ୍ଥଗୁଡ଼ିକ ନାଲି ଓ ଧଳା ରଙ୍ଗ ମାଟିରେ ଲିପାଯାଇ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର ଅଙ୍କନ ହୋଇଥାଏ । ଏହି ଚିତ୍ରମାନଙ୍କରେ ପୁରି ରହିଛି ଅକଳ୍ପନୀୟ କଳାନୁରାଗ । ଘରକୁ ଘର ଏପରି ଲାଗି ରହିଥାଏ ଦେଖିଲେ ମନେ ହୁଏ ସମସ୍ତେ ଯେପରି ଗୋଟିଏ ଛାତ ତଳେ ଏକାଠି ରହିଛନ୍ତି । ଗାଁଟି ବଡ଼ ବା ଛୋଟ ହୋଇପାରେ କିନ୍ତୁ ଘରଗୁଡ଼ିକ ଦୁଇଟି ଧାଡ଼ିରେ ସଜେଇ ହୋଇ ରହିଥାଏ ।

ଡଙ୍ଗରିଆ କନ୍ଧମାନେ ସେମାନଙ୍କ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇଥାନ୍ତି । ପୁରୁଷମାନେ ସାଧାରଣତଃ ଗୋଟିଏ ଛଅ ଫୁଟିଆ ଗାମୁଛା ବସ୍ତ୍ର ଭାବରେ ପରିଧାନ କରିଥାନ୍ତି । ଶୀତ ଦିନେ ଚଦରରେ ଘୋଡ଼ି ହୁଅନ୍ତି ନଚେତ୍ ସାରା ଦେହଟା ପୁଙ୍ଗୁଳା ରହିଥାଏ । ସ୍ତ୍ରୀମାନେ ଦୁଇଟି ରଙ୍ଗଧଡ଼ିଆ ତଉଲିଆକୁ ବସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି । ଗୋଟିଏ ପିନ୍ଧିଥାନ୍ତି ଓ ଅନ୍ୟଟି ବେକରେ ଗୁଡ଼େଇଥାନ୍ତି, ଲୁଗାର ଧଡ଼ିରେ ସ୍ତ୍ରୀ ଲୋକମାନେ ସୁନ୍ଦର କାରୁକାର୍ଯ୍ୟଭରା ହାତକାମ ଚିତ୍ର କରିଥାନ୍ତି । ଏହାକୁ କୁଡୁ କୁହାଯାଏ । ସ୍ତ୍ରୀ ପୁରୁଷମାନେ ମୁଣ୍ଡରେ ବାଳ ବଢ଼େଇ ସୁନ୍ଦର ପାନିଆଁ ଖଚିତ ଜୁଡ଼ା ତିଆରି କରିଥାନ୍ତି । ଏମାନଙ୍କର ଗହଣା ବ୍ୟବହାରରେ ଖୁବ୍ ରୁଚିଥାଏ । ସ୍ତ୍ରୀମାନେ ବେକରେ ରୁପା ଟଙ୍କାର ମାଳ, ରୂପା ଖଡୁ, କାନ ଓ ନାକରେ ସୁନା ଓ ରୁପାର ବାଙ୍କି ବ୍ୟବହାର କରିଥାନ୍ତି । ସ୍ତ୍ରୀମାନେ ଶରୀରର ବିଭିନ୍ନ ଅଂଶରେ ସୁନ୍ଦର ଭାବେ ଚିତାକୁଟି କରି ନିଜର ସୌନ୍ଦର୍ଯ୍ୟ ବଢ଼ାଇଥାନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଡଙ୍ଗରିଆ ମାମୁଁର ଝିଅ ବା ଭଉଣୀର ଝିଅକୁ ବିବାହ କରେ ନାହିଁ । ତେଣୁ ଡଙ୍ଗରିଆ ସମାଜରେ କନ୍ୟା ପାଇବା ଭାରୀ କଷ୍ଟ । କେଉଁ ଗାଁରେ ବିବାହଯୋଗ୍ୟା କନ୍ୟା ଅଛନ୍ତି ଖବର ପାଇଲେ ବର ଗାଁର ମାଇପେ ସାଥୀରେ ମଦ କଳସୀକୁ ଧରି କନ୍ୟା ଗ୍ରାମରେ ପହଞ୍ଚି ଯାଆନ୍ତି । ସନ୍ଧ୍ୟାରେ ପହଞ୍ଚି କନ୍ୟାଘର ଚାରିପଟେ ଯାଇ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ମାତ୍ର କନ୍ୟା ଘର ପକ୍ଷରୁ ପ୍ରବଳ ବିରୋଧ କରାଯାଏ ଓ ଅଶ୍ଳୀଳ ଭାଷରେ ଗାଳି ବର୍ଷଣ ହୁଏ । ସେମାନେ ଖାଲିଯିବା ଲୋକମାନଙ୍କୁ ଯେ ଗାଳି କରନ୍ତି, ତାହା ନୁହେଁ ସେମାନଙ୍କ ବଂଶ ଓ ଗାଁ ଲୋକଙ୍କୁ ମଧ୍ୟ ଗାଳି ଦିଅନ୍ତି । କିନ୍ତୁ ବରପକ୍ଷ ସବୁ ଶୁଣି ଚୁପ୍ ରହିବାକୁ ବାଧ୍ୟ ହୁଅନ୍ତି । ଏହାତ କିଛି ନୂଆ କଥା ନୁହେଁ ଯୁଗ ଯୁଗ ଧରି ଏ ପ୍ରଥା ଚାଲି ଆସିଛି । ଖାଲି ଗାଳି ନୁହେଁ ସେମାନଙ୍କୁ ପିଇବା ପାଇଁ ପେଜ ମଧ୍ୟ ଦିଅନ୍ତି ନାହିଁ । ଏହା ପରେ ବର ଓ ତା'ର ସାଥୀମାନେ ଯାଆନ୍ତି । ବରକୁ ଛାଡ଼ି ସାଥୀମାନେ ଫେରିଆସନ୍ତି, ବିଚରା ବର ବହୁ ଅପମାନ ଅସମ୍ମାନ ପାଇ କନ୍ୟାଘରେ ଗୋତି ଖଟେ ଓ କିଛି ବର୍ଷ ପରେ ବରପିତା କନ୍ୟାସୁନା ଦେଇ ବିବାହ ଦିନ ଠିକ୍ କରେ ।

**ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଡଙ୍ଗରିଆ ମାମୁଁର ଝିଅ ବା ଭଉଣୀର ଝିଅକୁ ବିବାହ କରେ ନାହିଁ । ତେଣୁ ଡଙ୍ଗରିଆ ସମାଜରେ କନ୍ୟା ପାଇବା ଭାରୀ କଷ୍ଟ । କେଉଁ ଗାଁରେ ବିବାହଯୋଗ୍ୟା କନ୍ୟା ଅଛନ୍ତି ଖବର ପାଇଲେ ବର ଗାଁର ମାଇପେ ସାଥୀରେ ମଦ କଳସୀକୁ ଧରି କନ୍ୟା ଗ୍ରାମରେ ପହଞ୍ଚି ଯାଆନ୍ତି । ସନ୍ଧ୍ୟାରେ ପହଞ୍ଚି କନ୍ୟାଘର ଚାରିପଟେ ଯାଇ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ମାତ୍ର କନ୍ୟା ଘର ପକ୍ଷରୁ ପ୍ରବଳ ବିରୋଧ କରାଯାଏ ଓ ଅଶ୍ଳୀଳ ଭାଷରେ ଗାଳି ବର୍ଷଣ ହୁଏ । ସେମାନେ ଖାଲିଯିବା ଲୋକମାନଙ୍କୁ ଯେ ଗାଳି କରନ୍ତି, ତାହା ନୁହେଁ ସେମାନଙ୍କ ବଂଶ ଓ ଗାଁ ଲୋକଙ୍କୁ ମଧ୍ୟ ଗାଳି ଦିଅନ୍ତି । କିନ୍ତୁ ବରପକ୍ଷ ସବୁ ଶୁଣି ଚୁପ୍ ରହିବାକୁ ବାଧ୍ୟ ହୁଅନ୍ତି । ଏହାତ କିଛି ନୂଆ କଥା ନୁହେଁ ଯୁଗ ଯୁଗ ଧରି ଏ ପ୍ରଥା ଚାଲି ଆସିଛି ।**

କନ୍ୟା ନେବାର ଆଠ ଦିନ ପୂର୍ବରୁ ଖବର ଦେଇ ବର ଗ୍ରାମର ସମସ୍ତେ କନ୍ୟା ଗ୍ରାମକୁ ଯାଆନ୍ତି । କନ୍ୟାପିତା ସେମାନଙ୍କୁ ଅଭ୍ୟର୍ଥନା କରି ଭୋଜି ଦିଅନ୍ତି । କନ୍ୟାର ପିତାମାତା ସାଙ୍ଗସାଥୀ କନ୍ୟା ବିଦାୟ ବେଳେ ସ୍ୱର ଦେଇ ଯେଉଁ କାନ୍ଦଣା ଗାଆନ୍ତି ତା' ଅତି ହୃଦୟସ୍ପର୍ଶୀ ଝିଅ ବିଦାୟ ଦୁଃଖରେ ଡଙ୍ଗରିଆ ଗୀତ ଗାଏ ।

ଝିଅକୁ ବଳେଇ ଦେବାକୁ ଯାଇ ବର ଗାଁରେ ପହଞ୍ଚିଲା ପରେ ଝିଅ ଗାଁର ଲୋକେ କହନ୍ତି ଆମ ଝିଅ ପରି ଝିଅ ନାହିଁ । ବର ପକ୍ଷର ଝିଅମାନେ ମଧ୍ୟ ନିଜ ନିଜ ଗାଁର ଟେକ ରଖି ଉତ୍ତର ଦିଅନ୍ତି । ବାହାଘରରେ ନାଚ କରିବା ଡଙ୍ଗରିଆ ସମାଜରେ ଦେଖାଯାଏ ନାହିଁ । ଯାହା ପାଖରେ କନ୍ୟାକୁ ସୁନା ଦେବାର ସମ୍ବଳ ନଥାଏ ସେ ଶ୍ୱଶୁର ଘରେ ଦୁଇ ଚାରି ବର୍ଷ ଗୋତି ଖଟି ଡଙ୍ଗର ଓ ଅନ୍ୟାନ୍ୟ କାମ କରେ ଓ ସର୍ତ୍ତ ପୁରିଲେ ଝିଅକୁ ନେଇ ନିଜ ଘରକୁ ଫେରେ । ଅନେକ କ୍ଷେତ୍ରରେ ସୁବିଧା ଦେଖି ବର ପକ୍ଷର ଟୋକାମାନେ ଝିଅକୁ ଡଙ୍ଗର ବା ନାଳ କିମ୍ବା ହାଟରୁ ଟାଣି ନିଅନ୍ତି ଓ କନ୍ୟା ପିତାକୁ ଖବର ଦିଅନ୍ତି । ଆମେ ତମ ଝିଅକୁ ଟାଇ ନେଇଛୁ । କନ୍ୟା ସୁନା ନେବାକୁ ତୁମ ସାଥୀମାନଙ୍କ ସହିତ ଆସିଲେ ପଞ୍ଚାୟତ ବସିବ । ସମସ୍ତ ପ୍ରକାର ବାହାଘର ପାଇଁ ବରକନ୍ୟାର ମିଳନ ଲଗ୍ନ 'ବେଜୁଣି' ଠିକ୍ କରିଥାଏ। ବାହାଘର ଯେବେ ହେଉନା କାହିଁକି ଝିଅ ରଜସ୍ୱଳା ହେବା ପରେ ପରେ ତାକୁ ପରିବାରର ଅନ୍ୟ ଲୋକମାନଙ୍କ ସହ ଶୋଇବାକୁ ଦିଅଯାଏ ନାହିଁ । ଘରବାଡ଼ିରେ ଗୋଟିଏ ଛୋଟିଆ କୁଡ଼ିଆ ତିଆରି କରାଯାଏ ଓ ଝିଅ ସେଠାର ରହେ । ତାହାକୁ 'ଧାଘ୍‌ଗିଡ଼ୀ' କୁଡ଼ିଆ ବୋଲି କୁହାଯାଏ ।

ଡଙ୍ଗରିଆ ଘରେ ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ କେତେକ ନିୟମ ପାଳିବାକୁ ହୁଏ । ଏହାକୁ କହନ୍ତି 'ଦୋଷପାଳିବା' । ପରିବାରର ସମସ୍ତେ ସଙ୍ଗେ ସଙ୍ଗେ ସ୍ନାନ କରିବେ, ସାରା ଦିନ ଡଙ୍ଗରକୁ ଯାଇ କୌଣସି କାମ କରିବେ ନାହିଁ । ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ମା' ନିଜ ପାଖରେ ରଖିଥିବା ଛୋଟ ଛୁରୀ ସାହାଯ୍ୟରେ ଛୁଆର ନାହି କାଟେ ଓ ଘରେ ନ ରହି ତା' ପାଇଁ ପୂର୍ବରୁ ନିର୍ମିତ ହୋଇଥିବା ଛୋଟ କୁଡ଼ିଆରେ ରହେ । ଦୀର୍ଘ ଏକ ମାସ ପାଇଁ ସେ ଅଛୁଆଁ ହୋଇ ରହେ । ମାସ ପୁରିଗଲେ ବେଜୁଣି ଆସି ମା'କୁ ଶୁଦ୍ଧ ସ୍ନାନ କରାଏ ଓ ଛୁଆ ସହ ମା' ଘରକୁ ଫେରେ । ମା'ର ଘର ବାହୁଡ଼ା ଉପଲକ୍ଷେ କୁକୁଡ଼ା କାଟି ପୂଜା ଦିଆଯାଏ । ବେଜୁଣି ଚାଉଳ ଧରି ମନ୍ତ୍ର ପଢ଼େ । ମନ୍ତ୍ର ପଢୁ ପଢୁ ତା' ଦେହରେ ଦେବତା ପ୍ରବେଶ କରନ୍ତି । ଯାହାର ପ୍ରଭାବରେ ବେଜୁଣି ନବଜାତକ ଦେହରେ କାହାର ଆତ୍ମା ପ୍ରବେଶ କରିଛି କହେ ଓ ସେହି ମୃତ ବ୍ୟକ୍ତିର ନାମରେ ନବଜନ୍ମିତ ପିଲାର ନାମକରଣ କରାଯାଏ ।

ମଣ୍ଡଳ:– ଡଙ୍ଗରିଆ ସମାଜର ପ୍ରଧାନ ବ୍ୟକ୍ତି । ତାହାର ନିର୍ଦ୍ଦେଶରେ ଗ୍ରାମରେ ଶାସନ ଚାଲେ । କିନ୍ତୁ ଗ୍ରାମର ଆପଦ ବିପଦ ପୂଜା ପର୍ବରେ 'ଜାନି'ର କଥା ମାନି ସମସ୍ତେ ଚଳନ୍ତି । ଜାନି ପୂଜା କରି ଦେବତାର ପରାମର୍ଶ ନେଇ କେଉଁ ଦିନ ବିହନ ବୁଣାହେବ, ଫସଲ ଅମଳ ହେବ, ମେରିଆ ବଳି ପଡ଼ିବ ଓ ବାଟପୂଜା ହେବ ସେ ବିଷୟରେ କହେ । ଉତ୍ତରାଧିକାରୀ ସୂତ୍ରରେ ମଣ୍ଡଳ ଓ ଜାନି ବଂଶର ପୁଅମାନେ ଏହି ସମ୍ମାନ ପାଇ ଥାଆନ୍ତି ।

ଡଙ୍ଗରିଆ ଧରିତ୍ରୀ ଓ ଧର୍ମ ଦେବତାଙ୍କୁ ପୂଜା କରେ । ସମସ୍ତ ଆପଦ ବିପଦରୁ ମୁକ୍ତ ପାଇଁ ଡଙ୍ଗରିଆଙ୍କୁ ପୂଜା କରେ । କୌଣସି ଶୁଭ କାମ କରିବା ପୂର୍ବରୁ 'କଟିଙ୍ଗ୍‌ଗିରି'କୁ ପୂଜା କରି ସେମାନଙ୍କ ଆର୍ଶୀବାଦ ନିଆଯାଏ । ସେହି ଆର୍ଶୀବାଦ ଫଳରେ ଭଲ ଫସଲ ହୁଏ, ବର୍ଷା ହୁଏ ଓ ସମସ୍ତ ଆପଦ ବିପଦ ଟଳିଯାଏ ।

ଡଙ୍ଗରିଆ ଅନେକ ପ୍ରକାର ପର୍ବ ପାଳନ କରେ ଯେପରି ନୂଆଁଖିଆ, ଫସଲ ଅମଳ, ଡଙ୍ଗର ପୂଜା ଓ ଧରଣୀ ପୂଜା ଇତ୍ୟାଦି । କିନ୍ତୁ ବିହନ ବୁଣା ପର୍ବ ପରେ ପରେ ଆରମ୍ଭ ହୋଇଯାଏ ଶିକାର କରିବାର ଝୁଙ୍କ । ଏମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ପାହାଡ଼ ତଳେ ବସୁଥିବା ହାଟ ଦ୍ୱାରା ପ୍ରଭାବିତ ହୁଏ । ବାଟରେ ଏମାନେ ନିଜର କୃଷି ଜାତ ଓ ଜଙ୍ଗଲରୁ ସଂଗୃହୀତ ପଦାର୍ଥକୁ ବିକ୍ରି କରି ବା ବଦଳାଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସହିତ ଧାନ ଚାଉଳ କିଣନ୍ତି । ଏଠାରେ ସେମାନଙ୍କର ସାହୁକାରଙ୍କ ସହ ଦେଣନେଣ କାରବାର ହୁଏ ।

ଅନେକ ସମୟରେ ବେପାରୀ ସେମାନଙ୍କୁ ଠକିବାର ଦେଖାଯାଇଥାଏ । ସାମାନ୍ୟ ନିଶା ଯୁକ୍ତ ପାନୀୟ ଓ ଖଣ୍ଡିଏ ଲୁଗା ବଦଳରେ ବେପାରୀ ଅମଳ ହୋଇନଥିବା ଫସଲକୁ ମଧ୍ୟ ହାସଲ କରିନିଏ । ଡଙ୍ଗରିଆର ସବୁ ଥାଇ ମଧ୍ୟ ସେ ଶେଷରେ ନିଃସ୍ୱ ହୋଇଯାଏ ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ମୋ–୯୪୩୭୨୪୨୩୧୭**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିର...

ଟପ୍ପର ହୋଇଥିବା କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଚନ୍ଦନ କୁମାର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଯୁକ୍ତ ଦୁଇ କଳାରେ ଟପ୍ପର ହୋଇଥିବା ସୋନପୁର ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦେବେନ୍ଦ୍ର ଖମାରିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ବେଳେ ଯୁକ୍ତ ଦୁଇ ବିଜ୍ଞାନରେ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁଶୀଲ କୁମାର ନାୟକ ଓ କଟକ ଲିଙ୍କ୍‌ରୋଡ଼ସ୍ଥିତ ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିନିତ ମହାନ୍ତିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଯୁକ୍ତ ଦୁଇ ବାଣିଜ୍ୟରେ କୃତିତ୍ୱ ହାସଲ କରିଥିବା ୟୁନିଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱର୍ଣ୍ଣରେଖା ମନ୍ତ୍ରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଶତାୟୁ ପୁରୁଷ ତଥା ବିଶିଷ୍ଟ ଗାନ୍ଧିବାଦୀ ଓ ସମାଜସେବୀ ପଦ୍ମଚରଣ ନାୟକ, ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରସନ୍ନ କୁମାର ମିଶ୍ର, ବିଶିଷ୍ଟ ସାହିତ୍ୟିକା ପ୍ରଫେସର ମନୋରମା ବିଶ୍ୱାଳ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସ୍କାଉଟ୍ସ ଗାଇଡ୍ସ ସଂଗଠନ ସମ୍ପାଦକ ସରୋଜ ଚନ୍ଦ୍ର ପାଇକରାୟ ଓ ଧାବକ ଅମିୟ କୁମାର ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହିତ ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କଂଗ୍ରେସ ନେତା ମାନସ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ । ଏହାସହ କମିଟିର କୋଷାଧ୍ୟକ୍ଷ ନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ "ସମୟ"ର ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ରଞ୍ଜିତ ପାତ୍ର, ୟାଶିର ନୱାଜ, ମାନସ ଆଚାର୍ଯ୍ୟ, ଶ୍ରୀନିବାସ ରାଉତରାୟ, ଅଭିଳାଷ ମାନିଆ, ଅମିୟ ପାଣ୍ଡବ, ଅଜୟ ସାମଲ, ପ୍ରତାପ ରାଉତରାୟ, ରଷିବର ପୃଷ୍ଟି, ଗୁଗୁ ଜେନା, ମିଳନ ପଟ୍ଟନାୟକ, ଯୋଗୀନାଥ ବାହୁବଳେନ୍ଦ୍ର, ମାନସ ମହାନ୍ତି, ଅମରେଶ ପରିଡ଼ା, ଶ୍ରେୟା ପଣ୍ଡା, ଚିତ୍ତରଞ୍ଜନ ନାୟକ, ବିଜେଡି ମିଡିଆ ସେଲ୍ ସଂଯୋଜକ ଲେନିନ ମହାନ୍ତି, ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ, ବିଜେଡି ମୁଖପାତ୍ର ମିହିର ରାୟ, ତୁମ୍ବନାଥ ପଣ୍ଡା, ସଂଗ୍ରାମ ଦାସ, ସୁର ସଲୁସନ, ବିଜେପି ମୁଖପାତ୍ର ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି...

ସୂଚନା ଦିଆଯାଇଛି। ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ କରିଥିବା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ, ପରବର୍ତ୍ତୀ ଜନଶୁଣାଣି ଶିବିରରେ ଗ୍ରହଣ କରାଯିବା ପରବର୍ତ୍ତୀ ଜନଶୁଣାଣିର ସମୟ ଓ ତାରିଖ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭିନ୍ନ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

## ମା'-ପୁଅ...

କରିବା ସହ ଛୁରି ଦେଖାଇ ଭୟଭୀତ କରାଇଥିଲେ ।

ପୋଲିସ ଏସବୁ କଥା ଜାଣିବା ପରେ ସମୀରଙ୍କୁ ଅଟକାଇ ରଖିବା ସହ ମା'ପିଲା ତିନିଜଣଙ୍କୁ ଡକାଇ ସମୀର ଅଭିଯୋଗ ସମ୍ପର୍କରେ ପଚାରିଥିଲେ । ମା'ପିଲା ପୋଲିସରେ ଭିନ୍ନ କଥା କହିଥିଲେ । ସୋଲାର ଲାଇଟ୍ ପ୍ଲାଣ୍ଟ କରିବା ପାଇଁ ସମୀର ତାଙ୍କୁ ପ୍ରଭାବିତ କରି ବ୍ୟାଙ୍କ ଆକାଉଣ୍ଟ ନେବା ପରେ ସେଥିରେ ସାଇବର ଠକେଇ କରିଛି । ୧.୪% କଥା ମଧ୍ୟ ସେମାନେ ପୋଲିସରେ ସ୍ୱୀକାର କରିଛନ୍ତି । ମା'ପିଲାଙ୍କୁ ସାହାଯ୍ୟ କରିଥିବା ମୈତ୍ରୀବିହାରୁ ଥାନା ଅଞ୍ଚଳ ବିଡିଏ କଲୋନୀର ଭଗବାନ ସାହୁଙ୍କୁ ପୋଲିସ ଥାନାକୁ ନେବା ପରେ ସେ ବହୁ କଥା କହିଥିଲା । ଡିସିପିଙ୍କ କହିବାନୁଯାୟୀ ଏହି ଆକାଉଣ୍ଟରେ ସାରା ଦେଶରୁ ସାଇବର ଠକେଇ କରିଛନ୍ତି ଏମାନେ । ୧୫କୋଟି ଟଙ୍କା ସାଇବର ଠକେଇ କରିଥିବା ଜଣାପଡିଥିବା ବେଳେ ଅନ୍ୟ ରାଜ୍ୟ ପୋଲିସ ସହ କଥା ହେଲେ ଆଉ କିଛି ଠକେଇ ରହସ୍ୟ ଜଣାପଡ଼ିବ । ତାହା ଜଣାପଡିଲେ, ଗିରଫ ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ । ଯେଉଁ ଆକାଉଣ୍ଟରେ ଠକେଇ ହେଲା ତାହାକୁ ମୁଲ୍‌ବ୍ୟାଙ୍କ ଆକାଉଣ୍ଟ କୁହାଯାଉଛି । ମୁଲ୍‌ବ୍ୟାଙ୍କ ଆକାଉଣ୍ଟ, ପ୍ରିପେଡ୍ ସିମ୍, ସାଇବର ଠକଙ୍କ ଅସ୍ତ୍ର । ଅଭିଯୁକ୍ତ ମା'ପିଲାଙ୍କ ସମେତ ୪ଜଣଙ୍କ ନିକଟରୁ ଗୋଟିଏ ଛୁରି ଜବତ ହୋଇଥିବା ବେଳେ ସମୀର ନିକଟରୁ ତିନୋଟି ମୋବାଇଲ ଫୋନ୍ ଓ ଗୋଟିଏ କାର୍ ଜବତ ହୋଇଛି ।

ସାମ୍ବାଦିକ ସମ୍ମିଳନୀ ପରେ ଗିରଫ ସମୀର, ଭଗବାନ, ଚିରଞ୍ଜୀବ, ଅମିତାରାଣୀ, ଆକାଂକ୍ଷାଙ୍କୁ କୋର୍ଟଚାଲାଣ କରାଗଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ମାମଲାର ତଦନ୍ତ ଜାରି ରହିଥିବାରୁ ଆବଶ୍ୟକ ହେଲେ ଏମାନଙ୍କୁ ରିମାଣ୍ଡରେ ଅଣାଯାଇ ପାରେ ବୋଲି ଡିସିପି କହିଛନ୍ତି ।

## ପୂର୍ବ...

ତ୍ୱରାନ୍ୱିତ କରିବା ସହ ପ୍ରସ୍ତାବ ଦିଆଯାଇଛି । ଚକୁଳିଆ ରେଳପଥକୁ ମଞ୍ଜୁରୀ ମିଳିଛି ଓ ମୁଖ୍ୟମନ୍ତ୍ରୀ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀ ଷଡଙ୍ଗୀଙ୍କ ସହ ଡ. ବିନି ଷଡଙ୍ଗୀ, ଡ. ସାରଦା ସୁମନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ସାକ୍ଷାତକାର ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନ ଓ ବିଧାୟିକା କଳ୍ପନା ସୋରେନ ଅଙ୍ଗବସ୍ତ୍ର ଓ ସ୍ମାରକୀ ଦେଇ ସମ୍ମାନିତ କରିଥିଲ । ବିଧାୟକ ସମୀର ମହାନ୍ତି, ପୂର୍ବତନ ବିଧାୟକ ଲକ୍ଷ୍ମଣ ଟୁଡୁ, ସୋମେଶ ସୋରେନ ଓ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲ ।

## ଆଜି...

ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ । ବିଷୟ ସହ ରାଜ୍ୟର ରେଳଭିତ୍ତିଭୂମିର ବିକାଶ, ସେମି କଣ୍ଡକଟର ଶିଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲ ।

## ବ୍ରାହ୍ମଣୀରେ...

ବଟବାବା ମନ୍ଦିର ସମ୍ମୁଖରେ ବନ୍ୟା ପାଣି ଜମି ରହିଛି ତଳଓସ୍ତିଆ ରାସ୍ତା ଉପରେ ୩ଫୁଟ ରୁ ଅଧିକ ବନ୍ୟା ପାଣି ଜମିରହିଛି । ବେଲପାଳ ଗାଁ କୁ ଯିବା ରାସ୍ତା ଉପରେ ବନ୍ୟା ପାଣି ଜମିରହିବା ଫଳରେ ଯାତାୟତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି । ଜୁଆରି ପଟରେ ଥିବା ବାଲିକଣା ଗାଁ ର ସହଦେବ ଜେନା ଓ ବୈକୁ= ବିହାରୀ ଜେନା ଙ୍କ ଘର ବନ୍ୟା ପାଣି ଘେରରେ ରହିଛି।

## ଯୁବକଙ୍କୁ...

ଚାଲିଯିବାରୁ ସେଠାକୁ ଖେଳୁଥିବା ଦୁଇଜଣ ପିଲା ବଲ ପାଇଁ ଦୌଡି ଯାଇଥିଲେ । ବଲ୍ ଆଣିବା ବେଳକୁ ଦେଖିଥିଲେ ଯେ, କ୍ଷତବିକ୍ଷତ ହୋଇ ଜଣେ ଯୁବକଙ୍କ ଶବ ସେଠାରେ ପଡିଛି । ଶବ ଉପରେ ଝାଟି ଘୋଡାଇ ଦିଆଯାଇଥିବା ସେମାନେ ଦେଖିଥିଲେ । ଏହି ଖବର ପିଲାମାନେ ସ୍ପୋର୍ଟ୍ସ ସେକ୍ରେଟାରୀଙ୍କୁ ଜଣାଇବା ପରେ ସେ ମଞ୍ଚେଶ୍ୱର ଥାନାକୁ ଜଣାଇଥିଲେ ।

ମଞ୍ଚେଶ୍ୱର ଥାନା ଇନ୍ସପେକଟର ଘଟଣାସ୍ଥଳରେ ପହଞ୍ଚି କ୍ଷତବିକ୍ଷତ ଯୁବକଙ୍କ ଗଳିତ ଶବ ଦେଖିବା ପରେ ଡିସିପିଙ୍କୁ ଜଣାଇଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଯୁବକଙ୍କ ପରିଚୟ ମିଳିନଥିବାରୁ ସର୍ବିଶେଷ ତଥ୍ୟ ମିଳିନାହିଁ । ଯୁବକଙ୍କୁ ଦୁର୍ବୃତ୍ତମାନେ ବାହାରୁ ହତ୍ୟା କରି ଆଣି ସେଠାରେ ପକାଇ ଦେଇଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି । ୨/୩ ଦିନ ପୂର୍ବରୁ ଘଟଣା ହୋଇଥାଇପାରେ ବୋଲି ଗଳିତ ଶବରୁ ଜଣାପଡ଼ିଛି । ଯୁବକଙ୍କ ମୁହଁକୁ ସମ୍ପୂର୍ଣ୍ଣ ଛେଚି ଦେଇଛନ୍ତି ଦୁର୍ବୃତ୍ତମାନେ । ଯାହା ଫଳରେ ମୁହଁରୁ ଯୁବକଙ୍କୁ ଚିହ୍ନି ହେଉନାହିଁ । ପୋଲିସ କହିବାନୁଯାୟୀ ତଦନ୍ତ ଆଗକୁ ବଢିଲେ ଯୁବକଙ୍କ ପରିଚୟ ମିଳିବ । ପରିଚୟ ମିଳିଲେ ହୁଏତ ମୃତ୍ୟୁର ରହସ୍ୟ ସ୍ପଷ୍ଟ ହେବ । କେଉଁମାନେ କାହିଁକି କିପରି ହତ୍ୟା କରିଛନ୍ତି ତାହା ଜଣାପଡ଼ିବ । ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ବ୍ୟବଚ୍ଛେଦ ରିପୋର୍ଟ ମିଳିଲେ ଯୁବକଙ୍କ ମୃତ୍ୟୁ କିପରି ହୋଇଛି ସ୍ପଷ୍ଟ ଜଣାପଡିବ ।

## ପୂର୍ଣ୍ଣଗ୍ରାସ

ହୋଇ ପଡେ । ମାତ୍ର ଲାଲ ଏବଂ ନାରଙ୍ଗୀ ରଶ୍ମୀ ଚନ୍ଦ୍ର ଯାଏଁ ଅତିକ୍ରମ କରି ପହଞ୍ଚିଯାଏ । ଏହି କାରଣରୁ ଆକାଶରେ ଚନ୍ଦ୍ର ଲାଲ୍ ଦିଶେ । ତେବେ ନାସାର ସୂଚନାନୁଯାୟୀ ଚନ୍ଦ୍ର କେତେ ପରିମାଣରେ ଲାଲ୍ ଦେଖାଯିବ ତାହା ସେହି ସମୟର ବାୟୁମଣ୍ଡଳ ଉପରେ ନିର୍ଭର କରିଥାଏ । ଯଦି ସେହି ସମୟରେ ବାୟୁମଣ୍ଡଳ ଧୂଳି, ଧୂଆଁ ଏବଂ ଜ୍ୱାଳାମୁଖୀ ଅଧିକ ଦେଖାଦିଏ ତେବେ ଚନ୍ଦ୍ରର ରଙ୍ଗ ଆହୁରି ଲାଲ୍ ଗାଢ ଦିଶିବ । ଚନ୍ଦ୍ରଗ୍ରହଣ ଭାରତୀୟ ସମୟ ଅନୁସାରେ ରାତି ୯ଟା ୫୮ ରେ ଆରମ୍ଭ ହେବାକୁ ଥିବା ବେଳେ ଏହା ରାତି ୧ଟା ୨୬ ମିନିଟରେ ଶେଷ ହେବ । ଚନ୍ଦ୍ରଗ୍ରହଣର ଅବଧି ପ୍ରାୟ ୩ ଘଣ୍ଟା ୨୮ ମିନିଟ ବୋଲି କୁହାଯାଉଛି । ତେବେ ଚନ୍ଦ୍ର ଗ୍ରହଣର ସର୍ବାଧିକ ପ୍ରଭାବ ରାତି ୧୧ଟା ୧ରୁ ରାତି ୧୨ଟା ୨୨ ମିନିଟ ଯାଏଁ ରହିବ । ଆଉ ଚନ୍ଦ୍ର ଗ୍ରହଣର ପିକ୍ ସମୟ ୧୧ଟା ୪୨ରେ ହେବ । ଏହି ସମୟରେ ବିଶ୍ୱବାସୀ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦେଖିପାରିବେ । ଦିଲ୍ଲୀ, ମୁମ୍ବାଇ, କୋଲକାତା, ପୁଣେ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦରେ ଦିଶିବ ଏହି ବିରଳ ମହାଜାଗତିକ ଦୃଶ୍ୟ । ଏସବୁ ସହରର ଲୋକେ ବ୍ଲଡ୍ ମୁନକୁ ସ୍ପଷ୍ଟ ଭାବେ ଦେଖିପାରିବେ ।

# ହାତୀ ଆକ୍ରମଣରେ ମହିଳା ମୃତ, ୩ ଆହତ

ବେତନଟୀ ,(ସବ୍ୟୁ): ହାତୀଙ୍କ ଆକ୍ରମଣରେ ଶନିବାର ରାତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାରିପଦା ଚିପଟ ଅଷ୍ଟିଆ ଅଞ୍ଚଳର ପବନା ନାୟକଙ୍କ ସ୍ତ୍ରୀ ରୀନା ନାୟକ (୪୫) । ହାତୀ ଆକ୍ରମଣରେ ରୀନାଙ୍କ ହାତ, ଛାତି ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ବେତନଟୀ ଉପଖଣ୍ଡ ପୁଲିସ ଅଧୀନ ମୋରଡା ପୁଲିସ ଓ ସ୍ଥାନୀୟ ଲୋକେ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ମୁଖ୍ୟ ଡାକ୍ତରଖ ନ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ରୀନାଙ୍କ ମୃତ୍ୟୁ ଘଟିଛି । ରୀନାଙ୍କ ବ୍ୟତୀତ ଆଉ ୩ ଜଣ ଆହତ ହୋଇଥିବାରୁ ସେମାନଙ୍କୁ ଚିକିତ୍ସା କରାଯାଉଛି । ଶନିବାର ରାତିରେ ଏକ ଅଟୋ ୮ ଜଣ ଯାତ୍ରୀଙ୍କୁ ନେଇ ନେଇ ଅମର୍ଦାରୁ ଅଞ୍ଚଳରୁ ବାରିପଦା ଫେରୁଥିବା ସମୟରେ ବାରମାଇଲ-ଚିତ୍ରଡା ରାସ୍ତା ସ୍ତାର ଅଷ୍ଟିଆବନ୍ଧ ନିକଟରେ ହଠି ହାତୀପଲ ରାସ୍ତା ଉପରକୁ ଆସିଯିବାରୁ ଅଟୋ ଚାଳକ ପଛକୁ ଗାଡି ଫେରାଇ ନେଉଥିଲେ । କିନ୍ତୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଅଟୋ ଟାରେ ଥିବା ୮ଜଣଙ୍କ ମଧ୍ୟରେ ୭ଜଣ ଦୌଡ଼ି ପଳାଇ ଥିବାବେଳେ ରୀନା ନାୟକୟକ ହାତୀ ହାବୁଡ଼ରେ ପଡି ଯାଇଥିଲେ । ହାତୀ ଆକ୍ରମଣରେ ରୀନା ଗୁରୁତର ହୋଇପଡିଥିବାବେଳେ ତାଙ୍କୁ କିଶାନତାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ୪ଜଣ କଳେବଳେ କୌଶଳେ ଅଟୋରେ ଥିବା ଅନ୍ୟମାନଙ୍କ ମଧ୍ୟ ନିଜ ଜୀବନ ବଞ୍ଚାଇ ଜଙ୍ଗଲ ଭିତର ଦେଇ ଦାଡିଆମୁହାଁ ନିକଟରେ ବାହାରି ସୁରକ୍ଷିତ ଅବସ୍ଥାରେ ବାରିପଦା ପହଞ୍ଚିଥିଲେ । ବାକି ୩ଜଣ ମଧ୍ୟ ଖଣ୍ଡିଆ ଖାବରା ହୋଇ ପ୍ରାଣ ବିକଳରେ ଧାଇଁ ପଳାଇଥିଲେ । ମୋରଡା ଥାନା ଅଧିକାରୀ ସୁମିତ କୁମାର ସାରେନ ଟିମ ସହ ତଦନ୍ତ କରୁଛନ୍ତି ।

# ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜାତ୍ସୋବ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅସ୍ତଳ) ଗ୍ରାମରେ ପବିତ୍ର "ଅନନ୍ତ ବ୍ରତ' ଉପଲକ୍ଷେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ, ଭଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ୩ ଦିନ ବ୍ୟାପୀ ପାଳିତ ହୋଇ ଯାଇଛି। ଏହି ଉତ୍ସବ ସାର୍ବଜନୀନ ଓ ଗଣପର୍ବ ରୂପ ନେଇ ଶହେ ବର୍ଷରୁ ଉର୍ଦ୍ଧ୍ୱଧରି ଭକ୍ତି ଓ ନିଷ୍ଠାର ସହ ପାରମ୍ପରିକ ରୀତିରେ ପୁରଷାନୁ କ୍ରମେ ପାଳିତ ହୋଇ ଆସୁଅଛି। ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା, ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା। ମହାପ୍ରଭୁଙ୍କ "ଅନନ୍ତ ଶୟନ'ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାରେ ପଣ୍ଡିତ ତଥା ଅଧ୍ୟାପକ ମୁରଲୀଧର ଶତପଥୀ, ପଣ୍ଡିତ ଗୋବର୍ଦ୍ଧନ ମିଶ୍ର, ପଣ୍ଡିତ ଭିତିକାନ୍ତ ପାଢ଼ୀ ପୂଜାପାଠ କରିଥିଲେ। ସନ୍ଧ୍ୟାରେ ପୂଜା ମଣ୍ଡପରେ ଗ୍ରାମାଂଚଳ ଥାନା ଜଳଙ୍ଗା କୁଆପଦାର ମା ବାଲ୍ୟମଙ୍ଗଳା ଭଜନ ମଣ୍ଡଳୀର ଗାୟକ ସୁବାସ ମଣ୍ଡଳ, ଦୀପ୍ତିମୟୀ ମଣ୍ଡଳ, ଅକ୍ଷୟ ଜେନା, କୃଷ୍ଣଚନ୍ଦ୍ର ରାଉତ, ଲକ୍ଷ୍ମୀଧର ରାଉତ, ଗଙ୍ଗାଧର ଜେନା ପ୍ରମୁଖ ଭଜନ ପରିବେଷଣ କରିଥିଲେ । ପୂଜା ଉତ୍ସବରେ ବିଧାୟକ ସଞ୍ଜୀବ ମଲ୍ଲିକ, ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଡେପୁଟି କଲେକଟର କାର୍ତ୍ତିକନାଥ ମଣ୍ଡଳ, ଅତିରିକ୍ତ ଏସ୍‌ପି ସମ୍ବିତ କୁମାର ମାଝୀ, ବିଶିଷ୍ଟ ସମାଜସେବୀ କିଶୋର ମହାପାତ୍ର, ସିଡିଏମ୍‌ଓ ଡାକ୍ତର ସୁଧି ରଞ୍ଜନ ନାୟକ, ବରିଷ୍ଠ ଡାକ୍ତର ଆର.କେ. ନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ପ୍ରତିନିଧି ଶେଖର ମହାପାତ୍ର, ଜନ ପ୍ରତିନିଧିଗଣ, ଜିଲ୍ଲା ପ୍ରଶାସନିକ ଅଧିକାରୀ, ଆଇନଜୀବୀ, ସାମ୍ବାଦିକ, ଡାକ୍ତର, ବିଭିନ୍ନ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ପୋଲିସ ପ୍ରଶାସନ ଅଧିକାରୀ, ଗ୍ରାମବାସୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ଚରିତ ମହିମା, କିମ୍ବଦନ୍ତୀ ଉପରେ ଆଲୋଚନା କରି ପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ ।

# ଦୀର୍ଘତମ ଫ୍ଲାଏ ଓଭରର ରାସ୍ତା ଦୁଇବର୍ଷରେ ଫାଟି ଆଁ : ଚାଲିଛି ମରାମତି କାର୍ଯ୍ୟ

କେନ୍ଦୁଝର, (ସବ୍ୟୁ): ଯାଡାରେ ଓଡ଼ିଶାର ଦୀର୍ଘତମ ଫ୍ଲାଏ ଓଭରର ନିର୍ମାଣ ହୋଇଛି । ଡିଷ୍ଟ୍ରିକଫ ମିନେରାଲ ଫାଉଣ୍ଡେସନ ଅର୍ଥରେ ନିର୍ମିତ ଫ୍ଲାଏ ଓଭର ଦୁଇବର୍ଷ ନ ପୁରୁଣୁ ରାସ୍ତା ଫାଟି ଆଁ କଲାଣି । ପ୍ରାୟ ୨୫୦କୋଟି ବ୍ୟୟ ଅଟକଳରେ ୨.୯କିମି ଏହି ଦୀର୍ଘତମ ଫ୍ଲାଏ ଓଭରକୁ ଓଡ଼ିଶା ବ୍ରିଜ କନ୍ସଟ୍ରକଫସନ କର୍ପୋରେସନ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ଗୁଜୁରାଟ ରାଜ୍ୟର ଚେଭରକ୍ସ ନାମକ ଠିକା ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଶେଷ କରିଥିଲା । ୨.୯କିମି ଲମ୍ବ ବିଶିଷ୍ଟ ଏହି ଫ୍ଲାଏ ଓଭରର ଚଉଡ଼ା ୧୨ମିଟର ଥିବା ବେଳେ ଭୂମି ଠାରୁ ଏହାର ସର୍ବାଧିକ ୬୦ଉଚ୍ଚତା ୬୦ଫୁଟ ରହିଛି । ଏହି ୨.୯୮୦ କିମି ଦୀର୍ଘତମ ଫ୍ଲାଏ ଓଭରଟି ୨୦୨୪ ମାର୍ଚ୍ଚ ୧୧ ତାରିଖରେ ଭର୍ଚୁଆଲ ମାଧ୍ୟମରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ଏହି ଫ୍ଲାଏ ଓଭରରେ ଲୁହା ବିୟରିଁ ପରିବର୍ତ୍ତେ ସତନ୍ତ୍ର ବିୟରିଂ ଲଗାଯାଇଛି ଓ ଉନ୍ନତ ଜ୍ଞାନ କୌଶଳରେ ଏହା ନିର୍ମାଣ କରାଯାଇଛି । ଏହାର ସ୍ଥାୟୀତ୍ୱ ଶହେ ବର୍ଷ ବୋଲି କୁହାଯାଇଥିଲା । ବର୍ତ୍ତମାନର ସ୍ଥିତି ଫ୍ଲାଏ ଓଭରର ଅତ୍ୟନ୍ତ ଉଦବେଗ ଜନକ । ଫ୍ଲାଏ ଓଭରର ରାସ୍ତା ଫାଟି ଲୁହା ରଡ ବାହାରକୁ ବାହାରି ଯାଇଛି । ଦୁଇରୁ ତିନି ଜାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇଛି । ଜଳ ନିଷ୍କାସନ ପାଇପ ଖସି ଲୋକେ ଆହତ ହେଲେଣି । ପ୍ରତିଦିନ ଫ୍ଲାଏ ଓଭରରେ କିଛି ଅଞ୍ଚଳକୁ ଆବଦ୍ଧ ରଖି ମରାମତି କାର୍ଯ୍ୟ କରାଯାଉଛି । ଶୁକ୍ରବାର ଏହି ମରାମତି କାର୍ଯ୍ୟ କରୁଥିବା ଜଣେ ଶ୍ରମିକ ନାମକୁ ଗୋପନରେ ରଖି କହିଛନ୍ତି ଯେ,ଅନେକ ପୋଲ କାମ ସେ ଶ୍ରମିକ ଭାବେ କରିଛନ୍ତି ହେଲେ ଏହି ଯୋଡା ଫ୍ଲାଏ ଓଭରରେ ଏକ ଭରିଯାନ ଚାଲି ଗଲେ କମ୍ପନ ସହିତ ଏକ ଅଲଗା ଅନୁଭୂତି ହେଉଛି । ତେଣେ ବୈଷୟିକ ବିଶେଷଜ୍ଞ କହିଛନ୍ତି ଯେ, ସମାନ ଭାବେ ଫ୍ଲାଏ ଓଭରର ଛାତ ନିର୍ମାଣ ହୋଇ ନ ଥିବା ହେତୁ ଓ୍ୱେରିଂ କୋଟ ସମାନ ଭାବେ ପଡ଼ିନାହିଁ । ଯେଉଁଠାରେ ଭାଗ ପତଳା ରହିଛି,ସେହି ଠାରେ ଛାତ ଫାଟି ରଡ ଦିଶୁଛି । ଏ ସମ୍ପର୍କରେ କେନ୍ଦୁଝର ସାଂସଦ ପ୍ରତିନିଧି ବି.ଏନ ଦାସ କହିଛନ୍ତି ଯେ, ଉଦଘାଟନ ପାଇଁ ତତ୍ପରତା ତତ୍କାଳୀନ ସରକାର କାମକୁ ଅସମ୍ପୂର୍ଣ୍ଣ କରି ତରବରିଆ ଭାବେ ଶେଷ କଲେ । ଯାହାଦାରା କାମ ନିମ୍ନମାନର କରାଗଲା । ଏଥିପାଇଁ ଫ୍ଲାଏ ଓଭର ଫାଟିବା ଏବଂ ପିଲର ନିକଟରେ ଫାଟ ସୃଷ୍ଟି ହେବା,ବର୍ଷା ହେଲେ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ଜଳ ପ୍ରପାତ ଭଳି ଫ୍ଲାଏ ଓଭରରୁ ପାଣି ପଡ଼ିବା ପ୍ରଭୃତି ବ୍ୟତିକ୍ରମ ଦେଖା ଦେଉଛି । ଯାହାକି ଯୋଡା ଜନସାଧାରଣଙ୍କୁ ଭୟାତୁର କରୁଛି । ରାଜ୍ୟ ସରକାର ଏ ଦିଗରେ ଏକ ବୈଷୟିକ ବିଶେଷଜ୍ଞ ଦଳ ପଠାଇ ଏହାର ଯାଞ୍ଚ ଏବଂ ତଦାରଖ କରିବା ପାଇଁ ସେ ସରକାରଙ୍କ ନିକଟରେ ଖୁବ ଶୀଘ୍ର ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି ।

# ୭ ପଞ୍ଚାୟତରେ ହେବ ସ୍ୱତନ୍ତ୍ର ସମୀକ୍ଷା

ନୀଳଗିରି,(ସବ୍ୟୁ): ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାମରେ ରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ପୂର୍ବତନ ବିଧାୟକ ଙ୍କ ସୁକାନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଗତ ଏପ୍ରିଲ ୧୯ ରେ ଚିଠି ଲେଖିଥିଲେ । ଏହି ଚିଠି ମୂଳେ ଉପରୋକ୍ତ ବିଭାଗର ଗତ ଅଗଷ୍ଟ ୨୨ ପତ୍ରସଂଖ୍ୟା ୨୩୨୯୮ ମୂଳେ ଔପଦା ବ୍ଲକର ଗଡ଼ସାହି ଓ ନୀଳଗିରି ବ୍ଲକର ବେଗୁନିଆ, ବରହମପୁର, ସଜନାଗଡ଼, କେପିଲାଖରାଜ ୫ଟି ପଞ୍ଚାୟତରେ ୨୦୨୦-୨୧ ରୁ ୨୦୨୩-୨୪ ର ସ୍ୱତନ୍ତ୍ର ଅଡିଟ ହେବ ବୋଲି ନିର୍ଦ୍ଦେଶ ହୋଇଛି ।

# ହାଇଦ୍ରାବାଦରେ ଅପର୍ଣ୍ଣାୟୁନିସ୍ପେସର ମେଗା ଷ୍ଟୋର

ଭୁବନେଶ୍ୱର (ସବ୍ୟୁ) : ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କୋଠା ଉପକରଣ ନିର୍ମାତା ଅପର୍ଣ୍ଣା ଏଂଟରପ୍ରାଇଜେସ୍ ଲିମିଟେଡ୍ (ଏଇଏଲ) ହାଇଦ୍ରାବାଦର ମିୟାପୁରରେୟୁନିସ୍ପେସ୍ ମେଗା ଷ୍ଟୋର ଉନ୍ମୋଚନ କରିଛି । ଏହା ଏସିଆର ବୃହତମ ଅନୁଭବଧର୍ମୀ ହୋମ୍ ଡିଜାଇନ୍ ଏବଂ ବିଲ୍ଡିଂ ସମାଧାନ । ଦୁଇ ମହଲା ବିଶିଷ୍ଟ ୧୦୫,୦୦୦ ବର୍ଗ ଫୁଟ୍ ପରିସରରେ ବ୍ୟାପ୍ତ ଏହି ପ୍ରମୁଖ ଷ୍ଟୋର୍ ଗୋଟିଏ ଛାତ ତଳେ ବ୍ୟାପକ ବର୍ଗ ଉପରେ ଅନନ୍ୟ ରିଟେଲ ଅନୁଭୂତି ପ୍ରଦାନ କରିବ ।

ହାଇଦ୍ରାବାଦର ଜୁବିଲୀ ହିଲ୍ସ, ବେଙ୍ଗଲୁରୁ, ବିଜୟୱାଡ଼ାରେ ଥିବାୟୁନିସ୍ପେସ୍ ସୋ'ରୁମ ବର୍ଦ୍ଧିତ ନେଟଓ୍ୱର୍କରେ ଏହି ଷ୍ଟୋର ସାମିଲ ହେବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟକୁ ଦର୍ଶାଉଛି । ନୂତନୟୁନିସ୍ପେସ୍ ଷ୍ଟୋରରେ୨୦ରୁ ଅଧିକ ପ୍ରକାରର ଉତ୍ପାଦ ଏବଂ ସମାଧାନ ରହିଛି ଯାହା ବି୨ବି ଓ ବି୨ସି ଉଭୟଗ୍ରାହକଙ୍କ ପାଇଁ ଏକକ ଗନ୍ତବ୍ୟ ସ୍ଥଳରେ ପରିଣତ ହୋଇଛି ।

# ଟିଭିଏସ୍ ଆପାଚିର ଲିମିଟେଡ୍ ଏଡିସନ୍ ଓ ପ୍ରିମିୟମ୍ ଅପଗ୍ରେଡ୍‌ର ଶୁଭାର

ଭୁବନେଶ୍ୱର (ସବ୍ୟୁ) : ବିଶ୍ୱସ୍ତରୀୟ ଅଟୋମୋବାଇଲ୍ କମ୍ପାନି ଟିଭିଏସ୍ ମୋଟର କମ୍ପାନି ପକ୍ଷରୁ ଏହାର ଆଇକନିକ୍‌ମୋଟରସାଇକଲ୍ ଟିଭିଏସ୍ ଆପାଚିର ୨୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଏହି ଅବସରରେ କମ୍ପାନି ପକ୍ଷରୁଆପାଚୀର ବିଭିନ୍ନ ମଡେଲ୍ ଯଥା ଟିଭିଏସ୍ ଆପାଚି ଆର୍‌ଟିଆର୍ ୧୬୦, ୧୮୦, ୨୦୦ ଏବଂ ଟିଭିଏସ୍ ଆପାଚୀଆର୍‌ଆର୍୩୧୦ ଓ ଆର୍‌ଟିଆର୍ ୩୧୦ର ଲିମିଟେଡ୍ ଏଡିସନ୍ ଉନ୍ମୋଚନ କରାଯାଇଥିଲା ବେଳେ ଆର୍‌ଟିଆର୍୧୬୦ ୪ଭି ଏବଂ ଆର୍‌ଟିଆର୍ ୨୦୦ ୪ଭିର ମାନଦଣ୍ଡକୁ ଉନ୍ନତ କରାଯାଇଛି । ଏହି ଲିମିଟେଡ୍ ଏଡିସନ୍ ଆପାଚିଗୁଡ଼ିକ ସ୍ୱତବ ବ୍ଲାକ୍ ସାମ୍ପେନ୍ ଗୋଲ୍ଡ ଲିଭରି ରଙ୍ଗ, ଡୁଆଲ୍ ଟୋନ୍ ଚକ, ୟୁଏସ୍‌ବିଚାର୍ଜର ଓ ଆହୁରି ଅନେକ ସୁବିଧାସୁଯୋଗ ସହ ଉନ୍ମୋଚିତ ହୋଇଛି । କମ୍ପାନିର ନୂଆ ୪ଭି ଭାରିଏଂଟ୍‌ରଆପାଚିଗୁଡ଼ିକରେ କ୍ଲାସ୍-ଡି ପ୍ରୋଜେକଫର ହେଡ୍‌ଲ୍ୟାମ୍ପ, ଏଲ୍‌ଇଡି ଡିଆର୍‌ଏଲ୍, ଚମତ୍କାର ଏଲ୍‌ଇଡି ଲାଇଟ୍, ୫ ଇଂଚ୍‌ରକନେକେଫଡ୍ ଟିଏଫ୍‌ଟି କ୍ଲଷ୍ଟର୍, ଟ୍ରାକ୍ସନ୍ କଂଟ୍ରୋଲ୍ ବ୍ୟବସ୍ଥା, ନୂଆ ରଙ୍ଗ, ଉନ୍ନତ ସୁରକ୍ଷା ବ୍ୟବସ୍ଥା ଏବଂ ଆକର୍ଷଣୀୟଗ୍ରାଫିକ୍ସ ବ୍ୟବହାର କରାଯାଇଛି । ଆପାଚି ବ୍ରାଣ୍ଡ ସାରା ବିଶ୍ୱର ୮୦ଟି ଦେଶରେ ୬.୫ ନିୟୁତରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଜିତିପାରିଛି ।


**AFFIDAVIT**

By virtue of an affidavit sworn before the Executive Magistrate, Berhampur, Ganjam, I, **Ashim Chandra Patra**, S/o- Bhimaraju Patra, resident of At: Jyoti Nagar 4th Lane, PO: Berhampur, PS: B.N.Pur, Dist.: Ganjam, Odisha, PIN-760001 vide Affidavit No. A-1319 dt.06.09.2025 that now onwards I will be known as **Asim Chandra Patra**, for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 04.09.2025 **I, Sanghamitra Beura,** Address Plot No.: 1459, Kapil Prasad, PO.: Bhubaneswar-2, P.S.: Airfield, Dist.: Khordha, PIN-751002, Odisha declare that I have changed my name from Sanghamitra Biswal to **Sanghamitra Beura.** Henceforth, I shall be known as **Sanghamitra Beura** for all purposes.

**Sanghamitra Beura**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated. 04/09/2025 I, SHRISESH CHANDRA PATI Address: At- Deogaon, Po- Kapilash, Ps- Gondia, Dist- Dhenkanal, Odisha, Pin- 759016. Declare that I have changed my name from SHRISESHA PATI to SHRISESH CHANDRA PATI Henceforth, I shall be known as SHRISESH CHANDRA PATI for all purposes.

**(SHRISESH CHANDRA PATI)**

B- 474

E-mail ID- eernb4bbsr@gmail.com, Tel (0674)-2390245

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ

ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଗ ନଂ-୪, ଭୁବନେଶ୍ୱର

**Office of the Superintending Engineer,**
**Bhubaneswar ( R&B ) Division No. IV, Nirman Soudha, Unit-V, Bhubaneswar**

**INVITATIONS FOR BIDS THROUGH e-Procurement**
**No- 8275 Date- 30.08.2025**
**Bid Identification No- C.C. (R&B) - 04**
**e - Procurement Notice No. 16 of 2025-26**

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No of works | 1 No. Road Work |
| 3 | Estimated Cost | Rs.80,88,291.00 (As per Tender Call Notice) |
| 4 | Class of Contractor | B Class (As per lender Call Notice) |
| 5 | Period of Completion | 1 (One) Calendar Month |
| 6 | Type of lender | Double Cover System Tender |
| 7 | Date & time of availability of bid document in the portal | Dt.9.9.2025 to Dt.24.9.2025 up to 17.30 Hours. |
| 8 | Last Date & Time for Receipt of bids in the Portal | Dt. 24.9.2025 at 17.30 Hours. |
| 9 | Opening of Bid through online | Dt. 25.9.2025 at 11.30 Hours. |
| 10 | Name & Address of the Officer inviting Bid | Er. Sundara Madhaba Padhi, Additional Chief Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://**tendersorissa.gov.in**
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
**N.B: Subsequent corrigendum / addendum if required shall be available in the website as indicated above**

**OIPR: 34090/11/0023/2526** **Sd/- Addl. Chief Engineer, BBSR (R&B) Division, No.IV, BBSR**

A- 591

**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, DHENKANAL**
**No. 1719 / Dt. 04.09.2025**
**e- Procurement Notice**
**Bid Identification No.- DMID / 05 / 2025-26**
**e-mail ID: eemidkl(5)qmail.com**

The Superintending Engineer, Minor Irrigation Division Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| **Name of the work:** | Civil works in Different Block of Dhenkanal District for the year 2025-26 under MATY-3.0 Scheme. |
| **No. of Works:** | 06(Six) Only |
| **Estimated Cost:** | **Varies from 56.20 lakh to 77.33 lakh (Approximately)** |
| **Cost of Tender Paper:** | 10000/- |
| **Period of Completion:** | **06(Six) Calendar months** |
| **Availability of bid documents for sale and receipt through on-line** | From dt. 12.09.2025, 10.00 A.M, to dt. 22.09.2025, up to 5.00 P.M. |
| **Last date / time of receipt of bids in the portal** | 22.09.2025 (5.00PM) |
| **Date of Technical bid opening through online** | On dt.23.09.2025 at 11.00 A.M in the Office of the S.E, M.I. Division, Dhenkanal. |
| **Mode of payment of Bid Cost** | Online |
| **Digital Signature Certificate of Bidder:** | The Bidder must possess compatible digital signature certificate (DSC). |
| The detail tender call notice can also be seen in the DOWR web site **http:/dowrorissa.gov.in** | |
| **Name & Address of the OIT:** | Superintending Engineer, Minor Irrigation Division Dhenkanal. At / P.O / District - Dhenkanal. Ph.No / Fax NO.-06762-224461, Email ID:**eemidkl@gmail com** |
| Further details can be seen from the e-Procurement. **http://tendersorissa.gov.in** | |

**OIPR: 32027/11/0020/2526** **Sd/- Superintending Engineer, M.I. Division, Dhenkanal**


# ୫ଟଙ୍କା ପାଇଁ ୨ ନାବାଳକ ଭାଇଙ୍କୁ ୨୫ କିଲୋମିଟର ବୁଲାଇଲା ଲକ୍ଷ୍ମୀ ବସ

ବେତନଟୀ ,(ସବ୍ୟୁ): ୫ଟଙ୍କା ଭଡା ନଥିଲା ବୋଲି ଦୁଇ ନାବାଳକ ଭାଇଙ୍କୁ ୨୫କିଲୋମିଟର ବୁଲାଇଲା ଲକ୍ଷ୍ମୀ ବସ । ୨ଘଣ୍ଟା ପରେ ବସକୁ ଅଟକାଇ ଦୁଇ ଭାଇଙ୍କୁ ଉଦ୍ଧାର କଲେ ପରିବାର ବଗ । କଣ୍ଡକଫରକୁ ବଜାର ଭିତରେ କରାଇଲେ ଉଠବସ । ଏହିଭଳି ଏକ ଅଭାବନୀୟ ଘଟଣା ଘଟିଛି ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ବଜାରରେ । ସୂଚନା ଅନୁଯାଇ ବୈଶିଙ୍ଗା ଗ୍ରାମର ସରୋଜ ପୁଥାଳଙ୍କ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ପିୟୁଷ ଓ ନଡପୁର ଗ୍ରାମର ସରୋଜଙ୍କ ଭିଣୋଇ ବ୍ରଜମୋହନ ବେହେରାଙ୍କ ୭ମ ରେ ପଢୁଥିବା ପୁଅ ରୋହିତ ରବିବାର ଅପରାହ୍ନ ୨ଟା ପାଖାପାଖି ସମୟରେ ବୈଶିଙ୍ଗା ଆସିବା ପାଇଁ ନଡ଼ପୁର ଗ୍ରାମ ଛକରୁ ଓଡି୧୧ଏଇ-୩୪୧୯ ନଂ ବିଶିଷ୍ଟ ଲକ୍ଷ୍ମୀ ବସରେ ଚଢ଼ିଥିଲେ । ତେବେ ୨ଭାଇ ବସରେ ଉଠିବା ସମୟରେ କଣ୍ଡକଫର ଦାୟିତ୍ୱରେ ଥିବା ଦାରିହା ଗ୍ରାମର ପ୍ରତାପ ବଇଠାଙ୍କୁ କହିଥିଲେ କି ତାଙ୍କ ପାଖରେ ଭଡା ଦେବାପାଇଁ ୧୦ଟଙ୍କା ନାହିଁ ଓ ବୈଶିଙ୍ଗା ବସଷ୍ଟାଣ୍ଡରେ ତାଙ୍କ ବାପା ସରୋଜ ଜଗିଛନ୍ତି ଭଡା ଦେଇ ଦେବେ । ତେବେ ବୈଶିଙ୍ଗା ପହଞ୍ଚିବା ପରେ ଷ୍ଟାଣ୍ଡରେ ସରୋଜ ନଥିବାରୁ ୨ଭାଇ ୧୦ଟଙ୍କା ଦେବାରେ ଅସମର୍ଥ ହୋଇଥିଲେ ଓ କଣ୍ଡକଫରକୁ ବସରୁ ଓହ୍ଲାଇ ଦେବାକୁ ଅନୁରୋଧ କରିଥିଲେ । ହେଲେ ମାନବିକତା ଭୁଲି ଯାଇଥିଲେ ଲକ୍ଷ୍ମୀ ବସ କଣ୍ଡକଫର ପ୍ରତାପ ଓ ୨ଭାଇଙ୍କୁ ବୈଶିଙ୍ଗରେ ନ ଓହ୍ଲାଇ ବସର ଲାଷ୍ଟ ଷ୍ଟୋପେଜ କଳମା ଅଞ୍ଚଳର କାଛି ପର୍ଯ୍ୟନ୍ତ ନେଇଯାଇଥିଲେ । ତେବେ ରାସ୍ତାରେ ସରୋଜ ପିଲାଙ୍କୁ ବୈଶିଙ୍ଗାରେ ନଓହ୍ଲାଇବା ଦେଖି ଫୋନ କରିଥିଲେ ବି ସେ ତାଙ୍କୁ ଆମେ ପଳେଇ ଆସିଛୁ, କହି ବୈଶିଙ୍ଗା ରେ ଅପେକ୍ଷା କରିବାକୁ କହିଥିଲେ ଓ ଫେରିଲେ ପିଲାଙ୍କୁ ନେବେ ବୋଲି ପରାମର୍ଶ ଦେଇଥିଲେ । ତେବେ ପରିବାର ବର୍ଗ ଦୀର୍ଘ ଦେଢ ଘଣ୍ଟା ପରେ ବସ ଫେରିବାରୁ ପିଲାଙ୍କୁ ପାଇଥିଲେ ଓ ୨ଭାଇଙ୍କ ମୁହଁରୁ ସବୁ କଥା ଶୁଣିଥିଲେ । ପରେ ବୈଶିଙ୍ଗା ବଜାର ମଝିରେ ବସକୁ ଅଟକେଇବା ସହିତ କଣ୍ଡକଫରକୁ ଏବାବଦରେ ପଚାରିଥିଲେ ପରିବାର ଲୋକେ । ପରେ ସ୍ଥାନୀୟ ଲୋକ ମଧ୍ୟ ଘଟଣା ସ୍ଥଳରେ ଏକଜୁଟ ହୋଇଯାଇଥିଲେ । ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ପ୍ରତାପ ଉଠବସ ହେବା ସହିତ ଅଭିଭାବକଙ୍କୁ ହାତ ଯୋଡି ଭୁଲ ମାଗିବା ପରେ ବସରେ ଅନ୍ୟ ଯାତ୍ରୀ ଥିବାରୁ ବସକୁ ଛାଡିଥିଲେ ।


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଜ୍ୟୋତିସାଇ ଙ୍କ ପୁସ୍ତକ "ମୋମେଣ୍ଟମ" ଉନ୍ମୋଚିତ

କଟକ, (ସବ୍ୟୁ) ଏକବିଂଶ ଶତାବ୍ଦୀର ବ୍ୟସ୍ତବହୁଳ ଦୁନିଆରେ ମଣିଷ ଆଉ ଯନ୍ତ୍ରକୁ ପରିଚାଳନା କରୁନାହିଁ, ବରଂ ନିଜେ ଯନ୍ତ୍ର ପାଲଟି ଯାଉଛି। ଯନ୍ତ୍ର ତା'ର ନିୟନ୍ତ୍ରଣାଧୀନ ହେବା ପରିବର୍ତ୍ତେ, ସେ ଯନ୍ତ୍ରର ଅଧୀନ ହୋଇପଡୁଛି। ତା'ର ଚିନ୍ତନ ଠାରୁ କର୍ମ ପର୍ଯ୍ୟନ୍ତ ସବୁଥିରେ ସେ ଯନ୍ତ୍ରର ସହାୟତା ଲୋଡୁଛି । ଯାହା ତାକୁ ଦିନେ ଉପଭୋଗ୍ୟ ଲାଗୁଥିଲା ତାହା ଏବେ ବୋଝ ପାଲଟିଯାଉଛି । ତେଣୁ ଏହି ବ୍ୟସ୍ତତା ଓ ଜଞ୍ଜାଳ ଭିତରେ ମଣିଷ ଚେନାଏ ମାନସିକ ଶାନ୍ତି ଖୋଜୁଛି । ଯାହା ହାତ ପାଆନ୍ତାରେ ଥିଲା ତାହା ଦୂରେଇ ଯିବା ପରି ଅନୁଭବ କରୁଛି। ସେ ପଛକୁ ଫେରିବାକୁ ବାଟ ଖୋଜି ପାଉନାହିଁ । ଏଭଳି ଦୋଛକିରେ ଠିଆହୋଇଥିବା ଆଜିର ମଣିଷ ପାଇଁ ଲୋଡ଼ା ଜୀବନଶୈଳୀରେ ପରିବର୍ତ୍ତନ । ସେଥିପାଇଁ ସେ ଉଦବିଗ୍ନ ହୋଇପଡୁଛି। ସେହିଭଳି ମଣିଷଙ୍କ ପାଇଁ ଜ୍ୟୋତିସାଇ କରଙ୍କ ପୁସ୍ତକଟି ର 'ପ୍ରତ୍ୟେକ ପୃଷ୍ଠା ଏକ ଫୁସ୍‌ଫୁସ୍, ପ୍ରତ୍ୟେକ ଶବ୍ଦ ଏକ ଅଗ୍ନିଶିଖା, ଆଶାର ଏକ ଆଲୋକରେଖା ବୋଲି କୁହାଯାଇପାରେ। ସେ କିଛି ନୂଆ କଥା କହିନାହାନ୍ତି । ବରଂ ସଭିଏଁ ଜାଣିଥିବା କଥାକୁ ନୂଆ ଢଙ୍ଗରେ ହିଁ ପାଠକମାନଙ୍କୁ ସ୍ମରଣ କରାଇ ଦେଇଛନ୍ତି। ପ୍ରତ୍ୟେକ ପୁସ୍ତକର



ଏକ କାହାଣୀ ଅଛି, କିନ୍ତୁ ପ୍ରତ୍ୟେକ କାହାଣୀ ପଛରେ, ଜଣେ ଗଳ୍ପକାରୀ ଅଛନ୍ତି। ଜ୍ୟୋତିସାଇ କେବଳ ଜଣେ ଲେଖିକା ନୁହଁନ୍ତି ବରଂ ଜଣେ ଦୂରଦର୍ଶୀ ଯାହାଙ୍କ ଶବ୍ଦଗୁଡ଼ିକ ଗଭୀରତା, ଉଷ୍ମତା ଏବଂ ସତ୍ୟ ବହନ କରେ। ଜୀବନକୁ କିପରି ଉପଭୋଗ୍ୟ ଭାବରେ ବଞ୍ଚିହେବ, ସମୟର ଉପଯୁକ୍ତ ଉପଯୋଗ କରିହେବ, ମାନସିକ ଶାନ୍ତି ମିଳିପାରିବ ତାହାର ସୂତ୍ର ସୂଚାଇ ଦେଇଛନ୍ତି "ମୋମେଣ୍ଟମ" ପୁସ୍ତକ ମାଧ୍ୟମ ରେ । ତେଣୁ ମନ ଓ ଶରୀରକୁ ଶୃଙ୍ଖଳିତ କରିବାର ଏହି ବ୍ରହ୍ମସୂତ୍ର ଅଶାନ୍ତ ସମୁଦ୍ରରେ ଏକ ଆଶାର ଦ୍ୱୀପ ଭଳି ପାଠକଙ୍କୁ ମନେହେବ । ଇଂରାଜୀରେ ଲିଖିତ ଦୁଇଟି ପୁସ୍ତକ ସବୁ ବର୍ଗର ପାଠକମାନଙ୍କ ନିକଟରେ ଆଦୃତି ଲାଭ କରିବ ବୋଲି ଉନ୍ମୋଚନ ଉତ୍ସବରେ ଅତିଥି ମାନେ କହିଛନ୍ତି ।ଏହି ବହି କେବଳ ୱାର୍ଲ୍ଡ ଆମାଜନ ଏବଂ ଇଣ୍ଡିଆ ଆମାଜନ ରେ ମିଳିପାରିବ ।ଏହି ଅବସରରେ ମେୟର ସୁବାସ ସିଂହ, ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଶିକ୍ଷାବିତ ଦିଲ୍ଲୀପ କୁମାର ମହାପାତ୍ର , ପୁସ୍ତକ ପ୍ରକାଶକ ଅଶୋକ କୁମାର ସାହୁ , ଶିକ୍ଷାବିତ ପ୍ରଫେସର ବିଜୟାନନ୍ଦ ସିଂହ , ସଂପାଦକ ବସୁନ୍ଧରା, ଶୈଳ ବେହେରା , ଶିକ୍ଷାବିତ ମିନାକ୍ଷୀ ପଣ୍ଡା, ପ୍ରମୁଖ ପ୍ରଦ୍ଵୀପପ୍ରଜ୍ଵାଳନ କରି ଉପରକ୍ତ ଦୁଇ ଗୋଟି ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ଼. ନିବେଦିତା ଦାସ , ବଟକୃଷ୍ଣ ଦାସ , ପ୍ରତାପ ସାହୁ , ଆର୍ଟିଷ୍ଟ ରବୀନ୍ଦ୍ର ରଥ, ସୁଧାଂଶୁ ବାଳା ଶତପଥୀ, ଜୟଶଙ୍କର କର, ଶକୁନ୍ତଳା ଓଣ୍ଡ , ଅକ୍ଷୟ ଆଚାର୍ଯ୍ୟ , ଦେବେନ୍ଦ୍ର ପାଣିଗ୍ରାହୀ , ସରୋଜ ସୁନ୍ଦର ବ୍ରହ୍ମା , ସତ୍ୟକାନ୍ତ ମହାପାତ୍ର , ଦେବେନ୍ଦ୍ର ନାୟକ , ସାଗର ନନ୍ଦନ ପରିଜା , ଉର୍ମି ରଥ , ଲୋକନାଥ ଶତପଥି , ଦେବବ୍ରତ ପଣ୍ଡା , ସାଇଜ୍ୟୋତି ମିଶ୍ର , ରମେଶ ଚନ୍ଦ୍ର କର , ଭବୋତୋଷ ପଣ୍ଡା , ଦେବିରଞ୍ଜନ ମହାନ୍ତି, ନିରଞ୍ଜନ ବଳ ପ୍ରମୁଖ ଯୋଗଦାନ କାରୀ ନିଜର ମତ ରଖିଥିଲେ ।

# ଉତ୍କଳ କନିକା ଗ୍ୟାଲେରିଆ ମଲରେ ଇଣ୍ଡୋ-ଏରା'ର ନୂଆ ଷ୍ଟୋର

ଭୁବନେଶ୍ୱର, (ସବ୍ୟୁ) ଭୁବନେଶ୍ୱର କଳ୍ପନା ଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲରେ ଇଣ୍ଡୋ-ଏରା'ର ନୂଆ ଷ୍ଟୋର ଉଦଘାଟିତ ହୋଇଯାଇଛି। ପୂର୍ବରୁ ଗୁଜୁରାଟରେ ୫ଟି , ପଶ୍ଚିମବଙ୍ଗରେ ଗୋଟାଏ ଷ୍ଟୋର ଥିବା ବେଳେ ଓଡିଶାର ଭୁବନେଶ୍ୱରରେ ଏହା ପ୍ରଥମ। ଆସନ୍ତା ୧୦ ତାରିଖରେ ଦିଲ୍ଲୀରେ ଆଉ ଏକ ଷ୍ଟୋର ଖୋଲାଯିବ। ଏହି ଷ୍ଟୋରରେ କେବଳ ମହିଳା ପୋଷାକ ଉପଲବ୍ଧ ହେବ। ଯେପରିକି କୂର୍ତ୍ତା, ଫ୍ୟାନ୍ସି କୂର୍ତ୍ତା, ସିଙ୍ଗଲ କୂର୍ତ୍ତା, ସାରାରା,କୋର୍ଟ ପରି ଅନେକ ଡିଜାଇନର ପୋଷାକ ରହିଛି। ଯାହାର ମୂଲ୍ୟ ୧୪୯୯ରୁ ନେଇ ୫୯୯୯ ଟଙ୍କା ରହିଛି।



ସବୁ ପ୍ରକାର ଫ୍ୟାଶନ, କଲର୍ଚର, ଲାଇଫଷ୍ଟାଇଲ ପୋଷାକ ଏଠାରେ ଉପଲବ୍ଧ ହେବ। ଆଗାମୀ ଦିନରେ ସାରା ଭାରତର ପ୍ରତ୍ୟେକ ସହରରେ ଇଣ୍ଡୋ-ଏରା'ର ଷ୍ଟୋର ଖୋଲିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

# ଏକ୍ସଲେଣ୍ଟ ଶିକ୍ଷା କେନ୍ଦ୍ରରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବଜାର ସ୍ଥିତ ଏକ୍ସଲେଣ୍ଟ ଶିକ୍ଷା କେନ୍ଦ୍ରରେ ପବିତ୍ର ଗୁରୁଦିବସ ଅବସରରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ର ପରିଚାଳକ ଦେବେନ୍ଦ୍ରନାଥ ଲେଙ୍କାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାରସ୍ୱତ ସାଧକ ଉତ୍କଳଜ୍ୟୋତି ରଘୁନାଥ ମହାନ୍ତି ଯୋଗ ଦେଇଥିଲଶ ବେଳେ ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ, ଶିକ୍ଷାବିତ୍ ଅଶୋକ କୁମାର ସାହୁ, ହେମନ୍ତ କୁମାର ରାଉତ,ଧରଣୀଧର ଜେନା, ଆଫ୍ରିନ୍ ନିସା, ଶିବ ସାଇନାଥ ,ତୃପ୍ତିରେଖା ଲେଙ୍କା, ହରପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତେ୍ୟକ ନବାଗତ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ସବ୍ୟୁ): ବୁଦ୍ଧମନ୍ଦିର ସଭାକକ୍ଷରେ ପ୍ରାୟ ଦୁଇଶହ ଲେଖିକଙ୍କ ଉପସ୍ଥିତି ରେମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାଂସଦର ସଭାପତିଡ. ଶକୁନ୍ତଳା ବଳିୟାରସିଂ ସଭାପତିତ୍ୱ କରିଥିଲେ। ସମ୍ପାଦିକୀ ଡ. ସଂଘମିତ୍ରା ଭଞ୍ଜ ଉପସଭାପତି ଗୋଲାପମଞ୍ଜରୀ କର, ସଂଗଠନ ସମ୍ପାଦିକା ଡ. ସୁଚେତା ରାଉତ,ସୁଜାତା ମହାପାତ୍ର, ବାଲେଶ୍ୱରର ସିନ୍ଧୁସେନ ଓ କାନନବାଳା ପଟ୍ଟନାୟକ ପ୍ରଭୃତି ଲେଖିକାମାଙ୍କୁ ଉଦ୍ ବୋଧନ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ଡ. ଶକୁନ୍ତଳା ବଳିୟାର ସିଂ. ପୁସ୍ତକ ଦେବୀ ରେବା ପଟ୍ଟନାୟକଙ୍କ ଦ୍ୱାରା ଇଂରାଜୀରେ ଅନୁଦିତ ହୋଇ ଉନ୍ମୋଚିତ ହୋଇଥିଲା। ଏହାର ସମୀକ୍ଷା କରିଥିଲେ ଶିକ୍ଷାବିତ୍ ନିର୍ମଳା ମହାପାତ୍ର। ଲେଖିକା ନିର୍ମଳା ମହାପାତ୍ରଙ୍କ ଦୁଇଟି ପୁସ୍ତକ ପାଣିଓହଳା ତଳେ ଓ ଅବସରାୟନ ଉନ୍ମୋଚିତ ହୋଇଥିଲା ଓ କମଳକୁମାରୀ ଦାଶ ଏହାର ସମୀକ୍ଷା କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ଆବାହିକା ମାଧୁରୀ ଅଧିକାରୀ, ମମତା ନାଗ,ଡ. ସିନ୍ଧୁ ସେନ୍,ଡ. ପ୍ରମୋଦିନୀ ହୋତାଙ୍କୁ ସଂସଦ ତରଫରୁ ସମ୍ମାନିତ କରାଯାଇଥିଲା। ସଭା ଶେଷରେ କାନନବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ରେଣୁବାଳା ଦଳାଇ, ଚମକଚାନ୍ଦିନୀ ଦାଶ ଓ ସନ୍ଧ୍ୟାରାଣୀ ପୃଷ୍ଟି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

# ୱାକର୍ସ କ୍ଲବ-କଟକର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

କଟକ, (ସବ୍ୟୁ):ୱାକର୍ସ କ୍ଲବ, କଟକ ପକ୍ଷରୁ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ବଙ୍ଗାଳି ସାହି ସ୍ଥିତ ରାମକୃଷ୍ଣ କୁଟୀର, କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ୱାକର୍ସ କ୍ଲବର ସଭାପତି ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ନିରଞ୍ଜନ ମହାନ୍ତି ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଆଣ୍ଟିବାଇଓଟିକର ଶରୀର ଉପରେ ପ୍ରଭାବ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ କ୍ଷ ଏହି ଅବସରରେ ଡାକ୍ତର ନିରଞ୍ଜନ ମହାନ୍ତି ଙ୍କୁ ଉତ୍ତରୀୟ ଓ ପଟ୍ଟଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରିୟରଞ୍ଜନ ମହାପାତ୍ର, ବନମାଳୀ ଶୁକ୍ଳ, ପ୍ରଶାନ୍ତ କୁମାର କାନୁନଗୋ, ,ଶଶୀ ଭୂଷଣ ସ୍ୱାଇଁ,ଶ୍ରୀନିବାସ ପାତ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ବିଦ୍ୟୁତ ଲାଲା,ବିଜୟ ପୃଷ୍ଟି, ଗୌତମ କର, ମହେଶ୍ୱର ମହାନ୍ତି, ଫନିନ୍ଦ୍ର ମଲ୍ଲିକ,ପ୍ରଫୁଲ୍ଲ କୁମାର ସାହୁ,ପବିତ୍ର ମହାନ୍ତି,ବିଜୟଲକ୍ଷ୍ମୀ କର,ସରୋଜ ମହାନ୍ତି,କୃତିବାସ



ପଣ୍ଡା, ଭୁବନାନନ୍ଦ ମହାନ୍ତି, ରାକେଶ ଶତପଥୀ ପ୍ରମୁଖ ସଦସ୍ୟମକ୍ଷନଙ୍କ ସହିତ କୁଟୀରର ଅନ୍ତେବାସୀ ଉପସ୍ଥିତ ଥିଲେ କ୍ଷ କ୍ଲବର ସଦସ୍ୟ ସଚଳା ସାହୁଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଆତ୍ମାର ସଦଗତି କାମନା କରାଯାଇଥିଲା ,ଶେଷରେ କୁଟୀରର ପରିଚାଳକ ସୁଭାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନର୍‌ହ୍ୱିଲ୍ କ୍ଲବ ପକ୍ଷରୁ ଗୁରୁ ସମ୍ମାନ ସମାରୋହ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଇନର୍‌ହ୍ୱିଲ୍ କ୍ଲବ ପକ୍ଷରୁ ରାଜରାଣୀ ପାର୍କ ନିକଟସ୍ଥ ଖଟା ମିଠା କନଭେନସନ୍ ହଲ୍‌ରେ ଶନିବାର ଅପରାହ୍ନରେ ଗରିମାମୟ ଭାବରେ ଏକ ଗୁରୁ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ୧୨ ଟି ଇନର୍‌ହ୍ୱିଲ୍ କ୍ଲବର ସଭାପତିମାନଙ୍କ ଉଦ୍ୟମରେ ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ତରଫରୁ ଆଧାତ୍ମିକ ଗୁରୁ ବି.କେ. ଗୀତା ଦିଦି ଯୋଗ ଦେଇ, ଗୁରୁଙ୍କର ଦୈବୀ ଗୁଣ,



ଆଧାତ୍ମିକତା ଓ ସମାଜ ଉପରେ ତାଙ୍କର ପ୍ରଭାବ ବିଷୟରେ ଅନୁପ୍ରେରଣା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ୩୨୬ ର ଜିଲ୍ଲା ଅଧକ୍ଷା ଶ୍ରୀମତୀ ମଧୁସ୍ମିତା ତ୍ରିପାଠୀ ଯୋଗ ଥିଲେ। ସେ ଜୀବନରେ ଗୁରୁଙ୍କର ଭୂମିକା, ତାଙ୍କ ଦିଗଦର୍ଶନ ଓ ଶିକ୍ଷା ଦ୍ୱାରା ଜୀବନରେ ଆସୁଥିବା ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ।

# ସତ୍ୟବାଦୀ ବ୍ଲକରୁ ୪ ଜଣ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ସାକ୍ଷୀଗୋପାଳ ,(ସବ୍ୟୁ): ପବିତ୍ର ଗୁରୁ ଦିବସ ଅବସରରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରଦାନ କରିଥିଲେ । ଏହି ଅବସରରେ ସତ୍ୟବାଦୀ ବ୍ଲକର ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଲୋକସେବା ଭବନ ପରିସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୁରସ୍କୃତ ହୋଇଥିଲେ । ତୃତୀୟା ଦେବ ବିଦ୍ୟା ନିକେତନ, ଶୁକଳର ଶିକ୍ଷୟିତ୍ରୀ ଧରିତ୍ରୀ ମିଶ୍ର ଓ ଦୁର୍ଲଭା ମୁଦୁଲି, ପରହାଟସ୍ଥ ଜିୟୁ ପି ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଓ ବୀର ଗୋବିନ୍ଦ ପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଏହି ପୁରସ୍କାର ପାଇଛନ୍ତି ।

# ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ବାରଙ୍ଗ ,(ସବ୍ୟୁ): ଶନିବାରଦିନ ବାରଙ୍ଗ ତହସିଲ ପକ୍ଷରୁ ନରାଜ ପାଖ ଆରଟିଓ ଅଫିସ ସମ୍ମୁଖ କାଠଯୋଡ଼ି ନଦୀପଠାରେ ହୋଇଥିବା ଜବରଦଖଲକୁ ବାରଙ୍ଗ ତହସିଲପକ୍ଷରୁ ଉଚ୍ଛେଦ କରାଯାଇଛି ।ବାରଙ୍ଗ ତହସିଲଦାର ଡଃ ତୃଷାର ଜ୍ୟୋତି ରଞ୍ଜନ, ରାମଦାସପୁର ରାଜସ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ କଟକ ମହାନଗର ନିଗମର ଏନଫୋସମେଣ୍ଟ ଫୋର୍ସ, ଗୋଡିସାହି ବିଦ୍ୟୁ୍ୟ ବିଭାଗ ଯନ୍ତ୍ରୀ ସୂର୍ଯ୍ୟପ୍ରକାଶ ବେଉରାଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହି ଏହି ଜବରଦଖଲ ଉଚ୍ଛେଦ କରିଥିଲେ ।ଆରଟିଓ ଅଫିସ ସମ୍ମୁଖ କାଠଯୋଡ଼ି ନଦୀ ପଠାରେ ବେଆଇନ ଭାବେ ସରକାରୀଜାଗାରେ କେତେକ ମାଫିଆ ବେଆଇନଘର ନିର୍ମାଣ କରି ସେଠାରେ ନିଜର ବ୍ୟବସାୟିକ ପ୍ରତିଷ୍ଠାନ କରିଥିଲେ ।ଯାହାଫଳରେ ସନ୍ଧ୍ୟାହେବା ମାତ୍ରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିଲା ।ସାଧାରଣ ଲୋକ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା ଅନୁପଯୁକ୍ତ ଭାବୁଥିଲେ । ଏ ବିଷୟରେ ସ୍ଥାନୀୟ ସଚେତନଶିଳ ନାଗରିକମାନେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।ଶନିବାର ଦିନ ତହସିଲ ପକ୍ଷରୁ କରାଯାଇଥିବା ଉଚ୍ଛେଦ ବେଳେ ବେଆଇନ ବିଦ୍ୟୁ୍ୟ ସଂଯୋଗ ହୋଇଥିବାର ନଜର କୁ ଆସିବା ସହ ଏକ ଜଳଖିଆ ଦୋକାନରେ ରଖାଯାଇଥିବା ଗୋଟିଏ ପାଣିକଇଁଛକୁ ଉଦ୍ଧାର କରି ଉଚ୍ଛେଦ ଟିମ ବନବିଭାଗକୁ ହସ୍ତାନ୍ତର କରାଯାଇଥିବାର ଜଣାପଡିଛି ।

# ସର୍ବସାଧାରଣ ସ୍ଥାନରେ ନିଶା ଖାଉଥିବା ୮ ନିଶାଡି ଗିରଫ

ସାକ୍ଷୀଗୋପାଳ ,(ସବ୍ୟୁ): ବେଆଇନ ମଦ ବିକ୍ରି ଅଭିଯୋଗରେ ଅଭିଯୁକ୍ତ ଯୁବକ ଗିରଫ କୋର୍ଟ ଚାଲାଣ ।ସତ୍ୟବାଦୀ ଥାନା ପୋଲିସ ସବଇନିସ୍ପେକଫର ଲିଲି ପଣ୍ଡା ଓ ତାଙ୍କ ଟିମ ପେଟ୍ରୋଲିଂ କରୁଥିବା ବେଳେ ପଶ୍ଚିମ ସତ୍ୟବାଦୀର ଏକ ସ୍ଥାନରେ ବେଆଇନ ମଦ ବିକ୍ରି ହେଉଥିବା ଖବର ପାଇଥିଲେ । ପରେ ସବଇନିସ୍ପେକଫର ଲିଲି ପଣ୍ଡା ଓ ତାଙ୍କ ଟିମ ଏହି ଥାନା ଅନ୍ତର୍ଗତ ଦନେଇ ବାଙ୍କ ଛକରେ ଥିବା ଏକ ଦୋକାନ ଘର ପଛପଟେ ଖଣ୍ଡାୟତ ସାହିର ସୁବାସ ବିଶ୍ୱାଳ ( କୁନା ) ବେଆଇନ ମଦ ବିକ୍ରି କରୁଥିବା ଜଣାପଡିଥିଲା । ଚଢ଼ାଉ ସମୟରେ ଅଭିଯୁକ୍ତ କୁନା ପାଖରୁ ୭୫ ଗୋଟି ଆସ୍କା ମଦବୋତଲ ଏବଂ ୧୩ କିଙ୍ଗଫିସର ବିଅର ବୋତଲ ମୋଟ ୮ ଲିଟର ୪୫୦ ଗ୍ରାମର ମଦ ଜବତ କରିଥିଲେ । ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ କେଶ ନମ୍ବର ୩୦୪/୨୫ ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି । ସେହିଭଳି ସତ୍ୟବାଦୀର ବିଭିନ୍ନ ଜନଗହଳି ସ୍ଥାନରେ ନିଶା ସେବନ କରୁଥିବା ସମୟରେ ସତ୍ୟବାଦୀ ପୋଲିସର ଦ୍ୱାରା ୮ ଜଣ ନିଶାଡୀଙ୍କୁ ଗିରଫ କରଯାଇଛି । ପୁରୀ ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ନିଶା ସେବନ , ବିକ୍ରି , ମଟର ସାଇକେଲରେ ଭୟସୃଷ୍ଟି କଲାଭଳି ହର୍ଣ୍ଣ ବଜାଇବା , ନମ୍ବର ବିହୀନ ମଟର ସାଇକେଲ ଚାଳନା. ପେଷାଦାର ଅପରାଧୀ ଓ ଓ୍ୱାରେଣ୍ଟି ମାନଙ୍କ ଉପରେ ସଓ୍ୱତନ୍ତ୍ର ଚଢ଼ାଉ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀଯୁକ୍ତ ବେହେରା ସୂଚନା ଦେଇଛନ୍ତି ।

## କ୍ରିପ୍ଟୋ କରେନ୍ସି ଆଳରେ ଠକେଇ: ଅଭିଯୁକ୍ତ ଗିରଫ

# ୧୩ଲକ୍ଷ ୭୨ହଜାର ଟଙ୍କା ଲୁଟିଛି ସାଇବର ଠକ

କଟକ,(ସବ୍ୟୁ): ଜଗତପୁର ଥାନା ଅନ୍ତର୍ଗତ ବହୁଗ୍ରାମ ଅଞ୍ଚଳର ସୁବାଷଚନ୍ଦ୍ର ବେହେରା(୩୬)ଙ୍କୁ ସାଇବର ଠକ କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରାଇବାକୁ କହି ଲକ୍ଷାଧିକ ଟଙ୍କା ଠକି ନେଇଥିଲା । ମୋଟ୍ ୧୩ଲକ୍ଷ ୭୨ହଜାର ଟଙ୍କା ସୁବାଷଙ୍କ ଆକାଉଣ୍ଟରୁ କଟିଯିବା ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ । ସାଇବର ଥାନା ପୁଲିସ ଏହି ଘଟଣାର ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଅନୁରାଗ ପଟ୍ଟନାୟକ(୨୧)କୁ ଗିରଫ କରିଛି । ତା'ଘର ଝାରୁସଗଡ଼ାରେ ବୋଲି ଜଣାପଡ଼ିଛି । ତା' ନିକଟରୁ ବ୍ୟାଙ୍କ ଚେକ୍, ପ୍ୟାନକାର୍ଡ, ଆଧାରକାର୍ଡ ଏବଂ ଏକାଧିକ ସିମ୍ କାର୍ଡ ଜବତ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ସୁବାଷଙ୍କୁ ଟେଲିଗ୍ରାମ୍ ଚ୍ୟାନେଲ୍‌ରେ ଏକ ଲିଙ୍କ୍ ଆସିଥିଲା । ଚ୍ୟାନେଲ୍ ପରିଚାଳନା କରୁଥିବା ବ୍ୟକ୍ତି ଜଣକ ନିଜକୁ ନିଶା ସିଂ ବୋଲି ପରିଚୟ ଦେଇଥିଲା । ଯଦି କ୍ରିପ୍ଟୋ କରେନ୍ସିରେ ଅର୍ଥ ବିନିଯୋଗ କରନ୍ତି, ତେବେ ଟଙ୍କା ଦ୍ୱିଗୁଣିତ ହୋଇଯିବ ବୋଲି କୁହାଯାଇଥିଲା । ଏଥିରେ ପ୍ରଲୋଭିତ ହୋଇ ସୁବାଷ ୧୩ଲକ୍ଷ ୭୨ହଜାର ଟଙ୍କା ପ୍ରଦାନ କରି ଦେଇଥିଲେ । ଏହାପରେ ସମ୍ପୃକ୍ତ ସଂସ୍ଥା ସହିତ ଆଉ ଯୋଗାଯୋଗ ହୋଇ ପାରିନଥିଲା । ଠକାମିର ଶିକାର ହୋଇଥିବା ସ୍ପଷ୍ଟ ହୋଇ ସୁବାଷ ସାଇବର ଥାନାର ଦ୍ୱାରସ୍ତ ହୋଇଥିଲେ । ପୁଲିସ ତଦନ୍ତ ଚଳାଇ ଅଭିଯୁକ୍ତ ଅନୁରାଗକୁ ଗିରଫ କରିଥିବା ଜଣାପଡ଼ିଛି ।

## ଓଡ଼ିଶାର ବକ୍ସାଇଟ୍ ଖଣି ଖୋଲିବା ବିକଶିତ ଭାରତ ପାଇଁ

# ଏକ ଚାବିକାଠି ହେବା ସହିତ ଜାତୀୟ ଅଭିବୃଦ୍ଧି ତଥା ସ୍ଥାନୀୟ ସଶକ୍ତିକରଣ ଉପରେ ବିଧାୟକଙ୍କ ଗୁରୁତ୍ୱାରୋପ

ଭୁବନେଶ୍ୱର, (ସବ୍ୟୁ): ଲାଞ୍ଜିଗଡ଼ର ବିଧାୟକ ପ୍ରଦୀପ କୁମାର ଦିଶାରୀ, ସମ୍ପ୍ରତି କଳାହାଣ୍ଡି ସ୍ଥାନୀୟ ଲୋକମାନଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଓଡ଼ିଶାର ଅବ୍ୟବହୃତ ବକ୍ସାଇଟ୍ ଖଣିଗୁଡ଼ିକୁ ତୁରନ୍ତ ଖୋଲିବା ପାଇଁ ଦାବି ଉଠାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। କଳାହାଣ୍ଡିର ପ୍ରାୟ ୫,୦୦୦ ଗ୍ରାମବାସୀ, ଯୁବକ ଏବଂ ସମ୍ପ୍ରଦାୟ ନେତା ବକ୍ସାଇଟ୍ ଆମଦାନୀ ବିରୋଧରେ ପ୍ରତିବାଦ କରିବା ଏବଂ ଘରୋଇ ସଂରକ୍ଷଣର ବ୍ୟବହାର ଦାବି କରିବା ପରେ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ପାଖରୁ ଏହି ପ୍ରତିଶ୍ରୁତି ଆସିଥିଲା। ଶ୍ରୀ ଦିଶାରୀ ସ୍ଥାନୀୟ ସଶକ୍ତିକରଣ ଏବଂ ବୀକଶିତ ଭାରତର ଜାତୀୟ ଦୃଷ୍ଟିକୋଣ ମଧ୍ୟରେ ସମ୍ପର୍କକୁ ରେଖାଙ୍କିତ କରିଥିଲେ। ସେ ଆଲୋକପାତ କରିଥିଲେ ଯେ କଳାହାଣ୍ଡି ଭଳି ଖଣିଜ ସମୃଦ୍ଧ ଗ୍ରାମୀଣ ଜିଲ୍ଲାଗୁଡ଼ିକୁ ସଶକ୍ତ ନକରି ଏକ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରାଯାଇପାରିବ ନାହିଁ, ଯେଉଁଠାରେ ପ୍ରାକୃତିକ ସମ୍ପଦ ଅଂଚଳିକ ଉନ୍ନତି ଏବଂ ଜାତୀୟ ପ୍ରଗତିକୁ ଇନ୍ଧନ ଦେଇପାରେ। ଓଡ଼ିଶାର ବକ୍ସାଇଟ୍ ସଂରକ୍ଷଣକୁ ବ୍ୟବହାର କରି, ଭାରତ ଏହାର ଆଲୁମିନିୟମ ଶିଳ୍ପକୁ ସୁଦୃଢ଼ କରିପାରିବ - ଯାହାକି ଭିତିଭୂମି, ନବୀକରଣୀୟ ଶକ୍ତି, ବିଦ୍ୟୁତ୍ ଗତିଶୀଳତା ଏବଂ ପ୍ରତିରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ - ଏବଂ ଏହା ନିଶ୍ଚିତ କରିପାରିବ ଯେ ଶିଳ୍ପ ଅଭିବୃଦ୍ଧିର




ଲାଭ ସିଧାସଳଖ ସ୍ଥାନୀୟ ସମ୍ପ୍ରଦାୟ ପାଖରେ ଚାକିରି, ସ୍କୁଲ ଏବଂ ସ୍ୱାସ୍ଥ୍ୟସେବା ମାଧ୍ୟମରେ ପହଂଚିବ। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ତୁରନ୍ତ ପଦକ୍ଷେପ ନ ନେଲେ କଳାହାଣ୍ଡିର ତିନି ଲକ୍ଷରୁ ଅଧିକ ସ୍ଥାନୀୟ ଲୋକଙ୍କ ବଂଚିବା ଏବେ ବିପଦରେ ପଡ଼ିଛି।

ଲାଞ୍ଜିଗଡ଼ର ବିଧାୟକ ପ୍ରଦୀପ କୁମାର ଦିଶାରୀ କହିଛନ୍ତି, "ଓଡ଼ିଶା ବିଶ୍ୱର କିଛି ସବୁଠାରୁ ଧନୀ ବକ୍ସାଇଟ୍ ସଂରକ୍ଷଣର ଘର, ତଥାପି ଭାରତ ଆମଦାନୀ ଉପରେ ଅତ୍ୟଧିକ ନିର୍ଭର କରୁଛି। ଏହା ଆମ ଲୋକଙ୍କୁ ଏବଂ ଆମର ଅପାର ସମ୍ଭାବନାକୁ ଦୁର୍ବଳ କରେ। ଆଜି ଆମେ ଯେଉଁ ସଂଘର୍ଷର ନେତୃତ୍ୱ ନେଉଛୁ ତାହା ହେଉଛି ଆମର ଯୁବପିଢ଼ିଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ପ୍ରତିବର୍ଷ, ହଜାର ହଜାର ଯୁବକ ଏବଂ ଯୁବତୀ ଜୀବିକା ଖୋଜିବା ପାଇଁ କଳାହାଣ୍ଡିରୁ ବାହାରକୁ ଯିବାକୁ ବାଧ୍ୟ ହୁଅନ୍ତି। ଖଣି ଖୋଲିବା ଦ୍ୱାରା, ଆମେ ଏଠାରେ ନିଜେ ସୁଯୋଗ ସୃଷ୍ଟି କରିପାରିବା - ଆମ ଲୋକମାନଙ୍କୁ ନିଜ ଭୂମିରେ ରହିବା, କାମ କରିବା ଏବଂ ସମୃଦ୍ଧ ହେବା ପାଇଁ ଅନୁମତି ଦେବା। ଜଷ୍ଟିସ୍ ଏସ.ଏଚ. ଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟଙ୍କ ୨୦୦୮ ର ରାୟ। କପାଡିଆ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିସାରିଛନ୍ତି। ରାୟ ଦୃଢ଼ ପରିବେଶଗତ ସୁରକ୍ଷାକୁ ବାଧ୍ୟତାମୂଳକ କରିଥାଏ ଏବଂ ଖଣି ଲାଭର ଅତି କମରେ ୫% ସିଧାସଳଖ ସ୍ଥାନୀୟ ସମ୍ପ୍ରଦାୟ ବିକାଶରେ ପ୍ରବାହିତ ହେବା ନିଶ୍ଚିତ କରିଥାଏ। ଏହା କଠୋର ସୁରକ୍ଷା ସହିତ ସ୍ଥାୟୀ ଖଣି ପାଇଁ ଆହ୍ୱାନ କରିଥାଏ, ଯେଉଁଥିରେ ସମ୍ପ୍ରଦାୟ ବିକାଶ, ବନୀକରଣ, ପରିବେଶଗତ ପୁନରୁଦ୍ଧାର, ଭୂତଳ ଜଳ ସୁରକ୍ଷା ଏବଂ ଏକ ଆଦିବାସୀ ବିକାଶ ଯୋଜନା ପାଇଁ ଲାଭର ଅଂଶ ଅନ୍ତର୍ଭୁକ୍ତ। ଏହା ନିଶ୍ଚିତ କରେ ଯେ ଖଣି ଶୋଷଣ ନୁହେଁ, ବରଂ ଆମ ଲୋକଙ୍କୁ ସ୍କୁଲ, ହସ୍ପିଟାଲ, ରାସ୍ତା, ଚାକିରି ଏବଂ ସମ୍ମାନ ପ୍ରଦାନ କରିବା ପାଇଁ ଏକ ଉପକରଣ ହୋଇଯାଏ।

"ଭାରତର ୫ ବିଲିୟନ ଟନ୍ ରୁ ଅଧିକ ବକ୍ସାଇଟ୍ ସଂରକ୍ଷଣର ବିପୁଳ ସଂରକ୍ଷଣ ସତ୍ତ୍ୱେ, ଦେଶ ବାର୍ଷିକ ୪.୫ ନିୟୁତ ଟନ୍ ରୁ ଅଧିକ ଆମଦାନୀ କରୁଛି, ଯାହାର ମୂଲ୍ୟ ୪୦୦୦-୫୦୦୦ କୋଟି ଟଙ୍କାରୁ ଅଧିକ। ଏପରି ନିର୍ଭରଶୀଳତା କେବଳ ଆର୍ôଥକ ଭାବରେ ଅବ୍ୟବହୃତ ନୁହେଁ ବରଂ କଳାହାଣ୍ଡି ଭଳି ଖଣିଜ ସମୃଦ୍ଧ ଅଂଚଳ ପ୍ରତି ଏକ ଘୋର ଅନ୍ୟାୟ ବୋଲି ସେ ଆହୁରି କହିଛନ୍ତି। ବିଧାୟକ ଦିଶାରୀ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସେ ବ୍ୟକ୍ତିଗତ ଭାବରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେମାନଙ୍କର ଚିନ୍ତା ଉଠାଇବେ ଏବଂ ତୁରନ୍ତ ସରକାରୀ କାର୍ଯ୍ୟାନୁଷ୍ଠାନ ପାଇଁ ଚାପ ପକାଇବେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ବକ୍ସାଇଟ୍ ଖଣି ଖୋଲିବା ଦାବି କେବଳ ଏକ ଆର୍ôଥକ ଆବଶ୍ୟକତା ନୁହେଁ ବରଂ ଏକ ସାମାଜିକ ବାଧ୍ୟବାଧକତା ମଧ୍ୟ ଏବଂ କଳାହାଣ୍ଡିର ଲୋକଙ୍କ ସପକ୍ଷରେ ନିଷ୍ପତି ନନିଆଯିବା ପର୍ଯ୍ୟନ୍ତ ସେମାନଙ୍କ ସହିତ ଠିଆ ହେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ୟୁକ୍ରେନ୍ ଉପରେ ପ୍ରଚଣ୍ଡ ଆକ୍ରମଣ

## ୮୦୫ କ୍ଷେପଣାସ୍ତ୍ର ଓ ୧୩ ଡ୍ରୋନ୍ ନିକ୍ଷେପ

କିବ୍ : ଯୁଦ୍ଧ ସମାପ୍ତି ପାଇଁ ସମଗ୍ର ବିଶ୍ୱରୁ ନିବେଦନ କରାଯାଉଥିଲେ ବି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ତାହାକୁ କର୍ଣ୍ଣପାତ କରୁନାହାନ୍ତି । ଗତକାଲି ରାତିରେୟୁକ୍ରେନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ରୁଷ । ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବର୍ଷା ଅନେକ ଅଞ୍ଚଳକୁ ଧ୍ୱଂସ କରିଦେଇଛି । ଏକ ରିପୋର୍ଟ ଅନୁସାରେ ଗୋଟିଏ ରାତିରେ ରୁଷ ପକ୍ଷରୁ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛି । ରାତିସାରା ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ବର୍ଷା ଅନେକ ଅଞ୍ଚଳକୁ ଧ୍ୱଂସ କରିଦେଇଛି । ଏକ ରିପୋର୍ଟ ଅନୁସାରେ ଗୋଟିଏ ରାତିରେ ରୁଷ ପକ୍ଷରୁ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛି । ଏହି ଆକ୍ରମଣ ଯୋଗୁଁ



ୟୁକ୍ରେନର କ୍ୟାବିନେଟ୍ ମୁଖ୍ୟାଳୟରେ ମଧ୍ୟ ନିଆଁ ଲାଗିଥିଲା । ଯୁଦ୍ଧ ଆରମ୍ଭ ହେବା ପରଠାରୁ ପ୍ରଥମ ଥର ପାଇଁ ଏକ ସରକାରୀ ମୁଖ୍ୟାଳୟକୁ ଟାର୍ଗେଟ କରାଯାଇଛି । ସରକାରଙ୍କ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି ଯେ କୋଠାର ଉପର ମହଲା ଏବଂ ଛାତ ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଛି । ପ୍ରଧାନମନ୍ତ୍ରୀ ୟୁଲିଆ ସ୍ୱିରିଡେଙ୍କୋ କହିଛନ୍ତି ଯେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରିବାକୁ ନିରନ୍ତର ଚେଷ୍ଟା କରୁଛନ୍ତି ।

# ପୁଟିନଙ୍କ ଆମନ୍ତ୍ରଣକୁ ଜେଲେନସ୍କିଙ୍କ ଅସ୍ୱୀକାର

କିବ୍ : ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମସ୍କୋରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିବାକୁ ମନା କରିଦେଇଛନ୍ତି । ଜେଲେନସ୍କି ଏକ ସାକ୍ଷାତକାରରେ କହିଛନ୍ତି, ମୁଁ ଆତଙ୍କବାଦୀଙ୍କ ରାଜଧାନୀ ଯାଇପାରିବି ନାହିଁ, କାରଣ ୟୁକ୍ରେନ ପ୍ରତିଦିନ କ୍ଷେପଣାସ୍ତ୍ର ଆକ୍ରମଣର ସମ୍ମୁଖୀନ ହେଉଛି । ପୁଟିନ ବୈଠକ ପାଇଁ କିବ୍ ଆସିପାରିବେ । ଜେଲେନସ୍କି କହିଛନ୍ତି ଯେ ମସ୍କୋରେ ଆଲୋଚନା ପ୍ରସ୍ତାବ ଦେବା ରୁଷ ଶାନ୍ତି ଆଲୋଚନାରେ ଆଗ୍ରହୀ ନୁହେଁ ବୋଲି ସୂଚିତ କରୁଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା ପାଇଁ ଚାପ ପକାଉଛନ୍ତି । ଏଥିପାଇଁ ପୁଟିନ ଏବଂ ଟ୍ରମ୍ପ ଗତ ମାସରେ ଆଲାସ୍କାରେ ସାକ୍ଷାତ କରିଥିଲେ । ସେହିପରି ଭାରତ ମଧ୍ୟ ଆଲୋଚନାକୁ ସମର୍ଥନ କରୁଛି ଓ ବିବାଦର କୂଟନୈତିକ ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଉଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜେଲେନସ୍କି ଏବଂ ପୁଟିନଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା ପାଇଁ ଚାପ ପକାଉଛନ୍ତି । ଏଥିପାଇଁ ପୁଟିନ ଏବଂ ଟ୍ରମ୍ପ ଗତ ମାସରେ ଆଲାସ୍କାରେ ସାକ୍ଷାତ କରିଥିଲେ । ସେହିପରି ଭାରତ ମଧ୍ୟ ଆଲୋଚନାକୁ ସମର୍ଥନ କରୁଛି ଓ ବିବାଦର କୂଟନୈତିକ ସମାଧାନ ବାହାର କରିବା ଉପରେ ଗୁରୁତ୍ୱ ଦେଉଛି ।

ସୂଚନାଯୋଗ୍ୟ ଯେ ଗତ ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ପ୍ରାୟ ୮୦୫ଟି କ୍ଷେପଣାସ୍ତ୍ର ଓ ୧୩ଟି ଡ୍ରୋନ ନିକ୍ଷେପ କରାଯାଇଥିଲା । ଏହି ଆକ୍ରମଣରେ ଜଣେ ଶିଶୁ ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଥିବା ଜଣାଯାଇଛିଛ ଏହା ଫଳରେ ସ୍ଥିତି ଆହୁରି ଜଟିଳ ହୋଇଛି ।

# କେନ୍ଦ୍ର କର୍ମଚାରୀଙ୍କୁ ଦୀପାବଳିରେ ମିଳିବ ଉପହାର

ନୂଆଦିଲ୍ଲୀ : ପାର୍ବଣ ଋତୁରେ କେନ୍ଦ୍ର ସରକାର ନିଜର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏକ ବଡ଼ ଉପହାର ଦେବାକୁ ଯାଉଛନ୍ତି । ଜିଏସଟି ହାର ହ୍ରାସ ପରେ, ଏବେ ସରକାର ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର) ରେ ୩ ପ୍ରତିଶତ ବୃଦ୍ଧି ଘୋଷଣା କରିବାକୁ ଯାଉଛନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ୧.୨ କୋଟିରୁ ଅଧିକ କର୍ମଚାରୀ ଏବଂ ପେନସନଭୋଗୀ ଉପକୃତ ହେବେ । ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏନେଇ ଘୋଷଣା ଅକ୍ଟୋବର ପ୍ରଥମ ସପ୍ତାହରେ କରାଯାଇପାରେ । ବିଜନେସ୍ ଟୁଡେର ଏକ ରିପୋର୍ଟ ଅନୁଯାୟୀ, ସରକାର ଏହି ଘୋଷଣା ପାଇଁ ସ୍ୱତନ୍ତ୍ର ଭାବରେ ଦୀପାବଳିର ସମୟକୁ ବାଛିଛନ୍ତି ଯାହା ଦ୍ୱାରା କର୍ମଚାରୀ ଏବଂ ପେନସନଭୋଗୀମାନେ ଏହି ଘୋଷଣା ମାଧ୍ୟମରେ ପାର୍ବଣ ଋତୁରେ ଅତିରିକ୍ତ ସୁବିଧା ପାଇପାରିବେ । ଡିଏ ବୃଦ୍ଧି ଘୋଷଣା ପରେ, କର୍ମଚାରୀଙ୍କ ଡିଏ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇବ । ଏହି ବୃଦ୍ଧି ଜୁଲାଇ ୨୦୨୫ରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି । ଅର୍ଥାତ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ତିନି ମାସର ବକେୟା ମଧ୍ୟ ମିଳିବ । ଯାହା ଅକ୍ଟୋବର ମାସର ଦରମା ସହିତ ଦିଆଯିବାର ସମ୍ଭାବନା ଅଛି ।

# ୨୭ରେ ଜାତିସଂଘ ଅଧିବେଶନ : ଯୋଗ ଦେବେ ଜୟଶଙ୍କର

ନୂଆଦିଲ୍ଲୀ : ମିଳିତ ଜାତିସଂଘ ସାଧାରଣ ପରିଷଦର ଉଚ୍ଚସ୍ତରୀୟ ୮୦ତମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାଧାରଣ ବିତର୍କକୁ ସମ୍ବୋଧିତ କରିବେ ନାହିଁ । ଏହା ବଦଳରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସେପ୍ଟେମ୍ବର ୨୭ରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ଶୁକ୍ରବାର ଜାରି ସଂଶୋଧିତ ବକ୍ତା ତାଲିକାରେ କୁହାଯାଇଛି । ଇସ୍ରାଏଲ, ଚୀନ୍, ପାକିସ୍ତାନ ଓ ବାଂଲାଦେଶ ସରକାରର ମୁଖ୍ୟମାନେ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ଥିବାବେଳେ ଜୁଲାଇରେ ପ୍ରକାଶିତ ଏକ ତାଲିକାରେ



ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୨୬ରେ ଭାଷଣ ଦେବାର ଥିଲା । ସେପ୍ଟେମ୍ବର ୨୩ରୁ ୨୯ ପର୍ଯ୍ୟନ୍ତ ସାଧାରଣ ବିତର୍କ ଚାଲିବ, ଯେଉଁଥିରେ ବ୍ରାଜିଲ ପ୍ରଥମେ ଭାଷଣ ଦେବ ଏବଂ ତା'ପରେ ଆମେରିକା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ହ୍ୱାଇଟ୍ ହାଉସ୍କୁ ଫେରିବା ପରେ ପ୍ରଥମ ଥର ପାଇଁ ୟୁଏନଜିଏରେ ଯୋଗ ଦେବା ଅବସରରେ ସେପ୍ଟେମ୍ବର ୨୩ରେ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରିବେ । ୟୁକ୍ରେନ ଯୁଦ୍ଧ ସମୟରେ ରୁଷ୍ଠ ଭାରତର ତୈଳ ଆମଦାନିକୁ ସର୍ବସାଧାରଣରେ ସମାଲୋଚନା କରିବା ପରେ ଆଗାମୀ ଦିନରେ ଟ୍ରମ୍ପଙ୍କ ଭାଷଣ ଉପରେ ନଜର ରହିବ । ସମାଲୋଚନା ସେ‰ ଆଜି ଟ୍ରମ୍ପ ମୋଦୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସମୀକରଣ ଉପରେ ଗୁରୁତ୍ୱାରୋପ କରି ତାଙ୍କୁ ଜଣେ ମହାନ ପ୍ରଧାନମନ୍ତ୍ରୀ ବୋଲି କହିବା ସହ ଦୁଇ ନେତା ସର୍ବଦା ବନ୍ଧୁ ରହିବେ ବୋଲି କହିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ।

# ହିମାଚଳରେ ପୁଣି ଭୂସ୍ଖଳନ

ନୂଆଦିଲ୍ଲୀ: ହିମାଚଳପ୍ରଦେଶରେ ପୁଣି ଭୂସ୍ଖଳନ ଆତଙ୍କ ଖେଳାଇ ଦେଇଛି । ସିରମୌର ନେହରାଧାର ଅଞ୍ଚଳ ଅଧୀନସ୍ଥ ଚେକର ଗ୍ରାମରେ ଆଜି ବଡ଼ ଧରଣର ଭୂସ୍ଖଳନ ହୋଇ ଏକ ପର୍ବତର ବିଶାଳ ଅଂଶ ଭୁଶୁଡ଼ି ଯାଇଛି । ଏହି ଭୂସ୍ଖଳନ ଏବଂ ପାହାଡ଼ ଧସିବା ଯୋଗୁଁ ନିକଟରେ ଅନେକ ଘର ଏବଂ ଲୋକମାନେ ବିପଦରେ ଅଛନ୍ତି । କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ଦୁର୍ଘଟଣା ସମୟରେ ସେଠାରେ ୫ ଜଣ ଉପସ୍ଥିତ ଥିଲେ । ସୌଭାଗ୍ୟବଶତଃ ସମସ୍ତେ ସୁରକ୍ଷିତ ଅଛନ୍ତି । ଭୂସ୍ଖଳନର ଭିଡିଓ ଏବେ ଭାଇରାଲ୍ ହେଉଛି । ଏଥିରେ ଦେଖିବାକୁ ମିଳିଛି ଯେ ହଠାତ ଭୂମିତଳୁ ପାଣିର ପ୍ରଖର ସ୍ରୋତରେ ଭୂମି ଫାଟିଯିବା ସହ କିଛି ସେକେଣ୍ଡ ମଧ୍ୟରେ ଗଛ ଏବଂ ସବୁକିଛି ଭାସି ଯାଉଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ ଚଳିତ ମୌସୁମୀ ଋତୁରେ ହିମାଚଳରେ ୩୫୫ ଲୋକଙ୍କ ମୃତ୍ୟୁ ହୋଇଛି । ଏଥି ମଧ୍ୟରୁ ୧୯୪ ଜଣଙ୍କର ଭୂସ୍ଖଳନ, ଅଚାନକ ବନ୍ୟା, ପାଣିରେ ବୁଡ଼ିଯାଇ ଏବଂ ବଜ୍ରାଘାତରେ ମୃତ୍ୟୁ ହୋଇଛି । ହିମାଚଳରେ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୩୭୯ ଜଣ ଆହତ ହୋଇଥିବା ବେଳେ ୪୯ ଜଣ ନିଖୋଜ ଅଛନ୍ତି । ୧୨୮୦ରୁ ଅଧିକ ଘର ଧ୍ୱଂସ ହୋଇଯାଇଛି । ରାଜ୍ୟରେ ବର୍ଷା ବିପର୍ଯ୍ୟୟ ପାଇଁ ପ୍ରାୟ ୩୮୦୦ କୋଟିରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଛି ।



ନୂଆଦିଲ୍ଲୀଠାରେ ବିଜେପି ସାଂସଦମାନଙ୍କ ସଂସଦୀୟ କାର୍ଯ୍ୟଶାଳା ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାବେଶକୁ ସମ୍ବୋଧିତ କରୁଛନ୍ତି । ଏହି ବୈଠକରେ ଅନେକ କ୍ୟାବିନେଟ ମନ୍ତ୍ରୀ ଯୋଗ ଦେଇଥିଲେ ।

# ଇସ୍ରାଏଲ ଉପରେ ୟେମେନର ଡ୍ରୋନ ଆଟାକ

ଜେରୁଜେଲମ : ୟେମେନର ଡ୍ରୋନ ଆଟାକ ଯୋଗୁ ଇସ୍ରାଏଲର ଦକ୍ଷିଣ ପ୍ରାନ୍ତରେ ଯୁଦ୍ଧ ସାଇରନକୁ ଆକ୍ଟିଭେଟ କରାଯାଇଛି । ସ୍ଥାନୀୟ ଲୋକଙ୍କୁ ସୁରକ୍ଷିତ ଆଶ୍ରୟ ସ୍ଥଳକୁ ଯିବାକୁ ପରାମର୍ଶ ଦିଆଯାଇଛି । ଆଇଡିଏଫ କହିଛନ୍ତି, "ୟେମେନ ପକ୍ଷରୁ ମାଡ଼ କରାଯାଇଥିବା ୩ଟି ୟୁଏଭିକୁ ଇସ୍ରାଏଲ ଏୟାର ଫୋର୍ସ ଚିହ୍ନଟ କରିଥିଲେ । ଏହା ମଧ୍ୟରୁ ୨ଟିକୁ ଇସ୍ରାଏଲ ସୀମାରେ ପ୍ରବେଶ କରିବା ପୂର୍ବରୁ ହିଁ ଆକାଶ ପଥରେ ଧ୍ୱଂସ କରି ଦିଆଯାଇଥିଲା । ଦକ୍ଷିଣ ଇସ୍ରାଏଲରେ ଯୁଦ୍ଧ ସାଇରନକୁ ଆକ୍ଟିଭେଟ କରାଯାଇଛି । ୨ଟି ଡ୍ରୋନକୁ ଇସ୍ରାଏଲ ଧ୍ୱଂସ କରିଥିବା ବେଳେ ଆଉ ଗୋଟିଏ ଟାର୍ଗେଟକୁ ହିଟ କରିଛି କି ନାହିଁ, ସେକଥା ୟେମେନ କିମ୍ବା ଆଇଡିଏଫ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ । ଗୋଟିଏ ସପ୍ତାହ ତଳେ ହୁତି ବିଦ୍ରୋହୀଙ୍କ ଦଖଲରେ ଥିବା ସାନା ପ୍ରଧାନମନ୍ତ୍ରୀ ଅହମଦ ଅଲ ରାହାୱିଙ୍କୁ ଇସ୍ରାଏଲ ଏୟାର ଷ୍ଟ୍ରାଇକ ଦ୍ୱାରା ହତ୍ୟା କରିଥିଲା । ଇରାନ ସମର୍ଥିତ ହୁତି ପକ୍ଷରୁ ଗୋଟିଏ ବିବୃତିରେ କୁହାଯାଇଥିଲା ଯେ ଅଲ ରାହାୱିଙ୍କ ସହ ଏକାଧିକ ମନ୍ତ୍ରୀ ଗୋଟିଏ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

ଟୋକିଓ : ଜାପାନର ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଜାପାନରେ ଶାସକ ଦଳ ଲିବରଲ୍ ଡେମୋକ୍ରାଟିକ୍ ପାର୍ଟି ମଧ୍ୟରେ ବିଭାଜନକୁ ଏଡାଇବା ପାଇଁ ସେ ଏପରି କରିଛନ୍ତି । ଉଲ୍ଲେଖନୀୟ ଯେ ଜୁଲାଇରେ ହୋଇଥିବା ନିର୍ବାଚନରେ ଇଶିବାଙ୍କ ଏଲଡ଼ିପି ନେତୃତ୍ୱାଧୀନ ମେଣ୍ଟ ଉଚ୍ଚ ସଦନରେ ବହୁମତ ହରାଇଥିଲା । ୬୮ ବର୍ଷୀୟ ଇଶିବା ଗତ ବର୍ଷ ଅକ୍ଟୋବରରେ ହିଁ ପଦ ଗ୍ରହଣ କରିଥିଲେ । ଅର୍ଥା ଇସ୍ତଫା ଦେବାର ଅର୍ଥ ହେବ ଯେ ସେ ଏହି ପଦବୀରେ ଗୋଟିଏ ବର୍ଷ ପାଇଁ ମଧ୍ୟ ରହିପାରିବେ ନାହିଁ । ଗୋଟିଏ ବର୍ଷ ମଧ୍ୟରେ, ସେ ଦେଶର ଉଭୟ ସଦନରେ ବହୁମତ ହରାଇଛନ୍ତି । ଗୋଟିଏ ମାସରୁ ଅଧିକ ସମୟ ଧରି, ସେ ନିଜ ଦଳ ଭିତରେ ବିରୋଧର ସମ୍ମୁଖୀନ ହେଉଥିଲେ । ପ୍ରକୃତରେ, ଜୁଲାଇରେ, ଇଶିବାଙ୍କ ଶାସକ ମେଣ୍ଟ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏହି ମେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ନିର୍ବାଚନରେ ୨୪୮ ଆସନ ବିଶିଷ୍ଟ ଉଚ୍ଚ ସଦନରେ ବହୁମତ ହାସଲ କରିବାରେ ବିଫଳ ହୋଇଥିଲା, ଯାହା ତାଙ୍କ ସରକାରଙ୍କ ସ୍ଥିରତାକୁ ଆହୁରି ଆଘାତ ଦେଇଥିଲା । ଏହି ନିର୍ବାଚନ ପରେ, ଦଳର ଖରାପ ପ୍ରଦର୍ଶନ ପାଇଁ ଇଶିବାଙ୍କ ଉପରେ ଚାପ ବଢ଼ିବାକୁ ଲାଗିଲା । ଇଶିବାଙ୍କ ଏହି ପଦକ୍ଷେପ ନେବା ପଛରେ କୁହାଯାଉଛି ଯେ ମାତ୍ର ଗୋଟିଏ ଦିନ ପରେ, ସୋମବାର, ତାଙ୍କ ଲିବରଲ୍ ଡେମୋକ୍ରାଟିକ୍ ପାର୍ଟି ନିଷ୍ପତ୍ତି ନେଇଥାନ୍ତା ଯେ ଶୀଘ୍ର ନୂତନ ନେତୃତ୍ୱ ପାଇଁ ନିର୍ବାଚନ କରାଯିବ କି ନାହିଁ । ଯଦି ଦଳର ଏହି ଆଭ୍ୟନ୍ତରୀଣ ନିର୍ବାଚନରେ ନୂତନ ନେତୃତ୍ୱ ପାଇଁ ଦାବି ମଞ୍ଜୁର ହୋଇଥାନ୍ତା, ତେବେ ଏହା ଇଶିବାଙ୍କ ବିରୁଦ୍ଧରେ ଏକ ପ୍ରକାର ଅନାସ୍ଥା ପ୍ରସ୍ତାବ ହୋଇଥାନ୍ତା । ଏହି ପରିସ୍ଥିତିରେ ପହଞ୍ଚିବା ପୂର୍ବରୁ ମଧ୍ୟ, ଇଶିବା ନିଜ ଆଡୁ ଇସ୍ତଫା ଦେଉଥିବାର ଜଣାପଡ଼ିଛି । ଜାପାନର କୃଷି ମନ୍ତ୍ରୀ ଏବଂ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ଶନିବାର ରାତିରେ ଇଶିବାଙ୍କୁ ଭେଟି ନିଜେ ଇସ୍ତଫା ଦେବାକୁ ଅନୁରୋଧ କରିଥିଲେ । ଗତ ସପ୍ତାହରେ, ଦଳର ଦୁଇ ନମ୍ବର ନେତା ହିରୋଶି ମୋରିୟାମାଙ୍କ ସମେତ ଏଲଡ଼ିପିର ଚାରି ଜଣ ବରିଷ୍ଠ ଅଧିକାରୀ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ ।



# ବୋମା ଧମକ : ମୁମ୍ବାଇରେ ସୁରକ୍ଷା କଡ଼ାକଡ଼ି

ମୁମ୍ବାଇ : ମୁମ୍ବାଇରେ ବୋମା ବିସ୍ଫୋରଣ ଧମକର ଧାରା ଥମିବାର ନାମ ନେଉନାହିଁ । ନିକଟରେ ବୋମା ବିସ୍ଫୋରଣର ଧମକ ଦେଇଥିବା ନେଇ ନୋଏଡାରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା ବେଳେ ପୁଣି ଥରେ ସମାନ ଧମକ ମିଳିଛି । ଏଥର ନାୟର ହସ୍ପିଟାଲ ଏବଂ ମୁମ୍ବାଇ ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବାର ଧମକ ମିଳିଛି । ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ତାରିଖ ବିଳମ୍ବିତ ରାତିରେ ନାୟର ହସ୍ପିଟାଲ ଏବଂ ବିମାନବନ୍ଦରକୁ ବୋମାରେ ଉଡ଼ାଇ ଦେବାର ଧମକପୂର୍ଣ୍ଣ ଇମେଲ୍ ମିଳିବା ପରେ ଆତଙ୍କ ସୃଷ୍ଟି ହୋଇଯାଇଥିଲା । ନାୟର ହସ୍ପିଟାଲର ଡିନ୍ ରାତି ପ୍ରାୟ ୧୧ଟା ସମୟରେ





ଏକ ଧମକପୂର୍ଣ୍ଣ ମେଲ୍ ପାଇଥିଲେ, ଯାହା ପରେ କ୍ୟାମ୍ପସରେ ଆତଙ୍କ ଖେଳିଯାଇଥିଲା । ସେହି ସମୟରେ, ବିମାନବନ୍ଦରର ଶୌଚାଳୟରେ ବୋମା ଥିବା ଦାବି କରାଯାଇଥିଲା । ମେଲ୍ ପାଇବା ମାତ୍ରେ, ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରାଯାଇଥିଲା ଏବଂ ପୁଲିସକୁ ସୂଚନା ଦିଆଯାଇଥିଲା । ପୁଲିସ ସଙ୍ଗେସଙ୍ଗେ ତଦନ୍ତ ଆରମ୍ଭ କରିଥିବା ସତ୍ତ୍ୱେ କୌଣସି ସନ୍ଦିଗ୍ଧ ବସ୍ତୁ ମିଳି ନଥିଲା । କେବଳ ଏତିକି ନୁହେଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିଲା । ମେଲରେ ଦାବି କରାଯାଇଥିଲା ଯେ ବିମାନବନ୍ଦର ଶୌଚାଳୟରେ ବୋମା ରଖାଯାଇଛି । ପୁଲିସ ଏବଂ ବମ୍ ସ୍କ୍ୱାଡ୍ ତୁରନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କିଛି ମିଳି ନଥିଲା । ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା ଯେ ଧମକ ମିଥ୍ୟା ଥିଲା, କିନ୍ତୁ ସତର୍କତା ସ୍ୱରୂପ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

# ମିରଟରେ 'ନଗ୍ନ ଗ୍ୟାଙ୍ଗ' ଆତଙ୍କ

ମିରଟ : ଦୁର୍ବୃତ୍ତଙ୍କ ଏକ ଗ୍ୟାଙ୍ଗ ଉଲଗ୍ନ ଅବସ୍ଥାରେ ପହଞ୍ଚି ମହିଳାମାନଙ୍କୁ ନିର୍ଜନ ଅଞ୍ଚଳକୁ ଟାଣି ନେଉଛନ୍ତି । ଉତ୍ତରପ୍ରଦେଶର ମିରଟରେ ଏଭଳି ଏକ ଚତୁର୍ଥ ପ୍ରୟାସ ଦେଖିବାକୁ ମିଳିଛି, ଯାହାକୁ 'ନଗ୍ନ ଗ୍ୟାଙ୍ଗ'ର କାମ ବୋଲି କୁହାଯାଉଛି, ଯାହା ଦୌରାଲାର ମହିଳାମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୁଲିସ ତଦନ୍ତ ଆରମ୍ଭ କରିଛି । ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧ ଧରା ପଡ଼ିନଥିବା ବେଳେ ଅଧିକାରୀମାନେ ଡ୍ରୋନ୍ ବ୍ୟବହାର କରି ଅଞ୍ଚଳ ଉପରେ ନଜର ରଖିଛନ୍ତି । ନିକଟରେ ଘଟିଥିବା ଏହି ଘଟଣାରେ ଭରାଲା ଗ୍ରାମରେ ଜଣେ ମହିଳା ଏକାକୀ ନିଜ କର୍ମକ୍ଷେତ୍ରକୁ ଯାଉଥିବା ବେଳେ ଦୁଇ ଜଣ ବ୍ୟକ୍ତି ତାଙ୍କୁ କ୍ଷେତକୁ ଟାଣି ନେବାକୁ ଚେଷ୍ଟା କରିଥିଲେ । ମହିଳା ଜଣକ ଚିତ୍କାର କରି ନିଜକୁ ସେମାନଙ୍କ କବଳରୁ ମୁକ୍ତ କରିବାରେ ସଫଳ ହୋଇଥିଲେ । ତୁରନ୍ତ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଚାଷଜମିକୁ ଚାରିଆଡୁ ଘେରାଉ କରିଥିଲେ । କିନ୍ତୁ କେହି ମିଳି ନ ଥିଲେ । ସେମାନେ କେମିତି ଦେଖାଯାଉଛନ୍ତି ବୋଲି ପଚାରିବାରୁ ମହିଳା ଜଣକ କହିଥିଲେ ଯେ ଅଭିଯୁକ୍ତମାନେ କୌଣସି ପୋଷାକ ପିନ୍ଧି ନ ଥିଲେ । ଏହି ଘଟଣାକୁ ନେଇ ଭୟଭୀତ ହୋଇ ସେ ଏବେ ଚାକିରି ବଦଳାଇ କାମ କରିବା ପାଇଁ ଏକ ଭିନ୍ନ ରାସ୍ତା ଦେଇ ଯାଉଛନ୍ତି ବୋଲି ତାଙ୍କ ସ୍ୱାମୀ କହିଛନ୍ତି । ଏହା ଚତୁର୍ଥ ଘଟଣା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଲୋକଲଜ୍ଜା ଭୟରେ ପୂର୍ବ ଘଟଣାଗୁଡ଼ିକ ରିପୋର୍ଟ କରାଯାଇ ନଥିଲା । ପୁଲିସ ମଧ୍ୟ କ୍ଷେତରେ ଅନୁସନ୍ଧାନ କରିଛି । ଗତ ଶନିବାର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନେକ ଘଣ୍ଟା ଧରି ଡ୍ରୋନ୍ ସାହାଯ୍ୟରେ ସର୍ଚ୍ଚ ଅପରେସନ କରାଯାଇଥିଲା । ତଦାରଖ ପାଇଁ ଆଖପାଖ ଅଞ୍ଚଳରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯାଇଛି । 'ନଗ୍ନ ଗ୍ୟାଙ୍ଗ' ଆତଙ୍କ କିଛି ପରିବାରକୁ ନିଜ ଘରେ ସୀମିତ ରଖିଥିବା ଦେଖିବାକୁ ମିଳିଛି ।

# ହେଲିକପ୍ଟର ଦୁର୍ଘଟଣାରେ ଜଳିଗଲେ ଯାତ୍ରୀ

ୱାଶିଂଟନ : ଆଜି ଆମେରିକାର ମିନେସୋଟାର ଟ୍ୱିନ୍ ସିଟିଜ୍ ଅଞ୍ଚଳରେ ବିମାନବନ୍ଦର ନିକଟରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଯାଇଛି । ଦୁର୍ଘଟଣା ପରେ ଏଥିରେ ନିଆଁ ଲାଗିଯାଇଥିବାବେଳେ ଏଥିରେ ସମସ୍ତ ଲୋକ ପ୍ରାଣ ହରାଇଥିବା ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ରବିନସନ୍ ଆର୬୬ ଭାବରେ ଚିହ୍ନଟ ହୋଇଛି । ଏୟାରଲେକ୍ ବିମାନବନ୍ଦରର ପଶ୍ଚିମରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ପହଞ୍ଚିଥିବା ଜରୁରୀକାଳୀନ କର୍ମଚାରୀମାନେ ଦେଖିଲେ ଯେ ହେଲିକପ୍ଟରଟି



ସମ୍ପୂର୍ଣ୍ଣ ଜଳିଯାଇଛି । ଦୁର୍ଘଟଣାରୁ କୌଣସି ଯାତ୍ରୀ ବଞ୍ଚି ପାରି ନାହାଁନ୍ତି । ପୋଲିସ ଏବଂ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଅଧିକାରୀମାନେ ହେଲିକପ୍ଟର ଦୁର୍ଘଟଣାର କାରଣ ଖୋଜିବାରେ ସମ୍ପୂର୍ଣ୍ଣ ନିୟୋଜିତ ଅଛନ୍ତି । ହେଲିକପ୍ଟରରେ କେତେ ଲୋକ ଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଉଲ୍ଲେଖ ଥାଉ କି ରବିନସନ୍ ଆର୬୬ ହେଉଛି ରବିନସନ୍ ହେଲିକପ୍ଟର କମ୍ପାନୀ ଦ୍ୱାରା ନିର୍ମିତ ଏକ ହାଲୁକା, ଏକକ ଇଞ୍ଜିନ୍ ଟର୍ବାଇନ୍ ହେଲିକପ୍ଟର । ଏଥିରେ ଏକ ଗ୍ଲାସ୍ କକପିଟ୍ ଏବଂ ଆଧୁନିକ ଏଭିଓନିକ୍ସ ସିଷ୍ଟମ୍ ଅଛି, ଯାହା ବିମାନ ଉଡ଼ାଣ ସମୟରେ ପାଇଲଟ୍ଙ୍କୁ ଉତ୍ତମ ଦୃଶ୍ୟ ଏବଂ ନାଭିଗେସନ୍ ସୁବିଧା ପ୍ରଦାନ କରେ । ଏହାର ଡିଜାଇନ୍ ବ୍ୟକ୍ତିଗତ ଉଡ଼ାଣ ଏବଂ ତାଲିମ ଉଦ୍ଦେଶ୍ୟରେ ଉପଯୁକ୍ତ । ଏହା ୨୪୫୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଉଡ଼ିପାରିବ । ଆର୬୬ ରେ ଜଣେ ପାଇଲଟ୍ ଏବଂ ଚାରି ଜଣ ଯାତ୍ରୀଙ୍କ ବସିବା କ୍ଷମତା ଅଛି । ଏହାର ଗଠନ ଏବଂ ଡିଜାଇନ୍ ହେଲିକପ୍ଟରକୁ ଉଚ୍ଚ ଗତି, ସ୍ଥିରତା ଏବଂ ଉତ୍ତମ ଇନ୍ଧନ ଦକ୍ଷତା ପ୍ରଦାନ କରେ ।

# ବନ୍ୟାରେ ବେହାଲ ପଞ୍ଜାବ, ୯ରେ ସ୍ଥିତି ପରଖିବେ ପ୍ରଧାନମନ୍ତ୍ରୀ

ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ୨୩ ଜିଲ୍ଲାର ୧୯୦୦ରୁ ଅଧିକ ଗାଁ ବୁଡ଼ି ଯାଇଛି । ୪୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧.୭୧ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।ଲଗାଣ ବର୍ଷା ପରେ ପଞ୍ଜାବରେ ଭୟଙ୍କର ବନ୍ୟା ଦେଖାଯାଇଛି । ରାଜ୍ୟର ସମସ୍ତ ୨୩ ଜିଲ୍ଲାରେ ବନ୍ୟା ବ୍ୟାପକ କ୍ଷୟକ୍ଷତି କରିଛି । ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇ ରହିଥିବା ବେଳେ ଫସଲ ଉଜୁଡ଼ି ଯାଇଛି । ଅନେକ ଲୋକ ବନ୍ୟା ଯୋଗୁ ବାସହରା ହୋଇ ଯାଇଛନ୍ତି । ୫୦ରୁ ଅଧିକ ଲୋକ ମଧ୍ୟ ପ୍ରାଣ ହରାଇ ସାରିଲେଣି । ବିଗତ ବର୍ଷଗୁଡ଼ିକରେ କେବେ ହେଲେ ବି ପଞ୍ଜାବରେ ଏପରି ସ୍ଥିତି ଦେଖିବାକୁ ମିଳି ନଥିଲା । ସ୍ଥିତି ଜଟିଳ ଥିବାରୁ ସ୍ଥିତି ପରଖିବାକୁ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ୯ ତାରିଖରେ ମୋଦି ପଞ୍ଜାବ ଗସ୍ତ କରି ବନ୍ୟା ପୀଡ଼ିତ ସାଧାରଣ ଲୋକ ଓ ଚାଷୀମାନଙ୍କୁ ଭେଟିବେ । ସେହିପରି ରିଲିଫ ଓ ଥଇଥାନର ସ୍ଥିତି ଯାଞ୍ଚ କରିବେ । ଗସ୍ତ ବେଳେ ସେ ବନ୍ୟାରେ ବୁଡ଼ିଥିବା ଗାଁ ଓ ନଷ୍ଟ ହୋଇଯାଇଥିବା ଫସଲ ସ୍ଥିତର ସମୀକ୍ଷା କରିବେ ବୋଲି ଜଣାପଡ଼ିଛି । ବିଜେପିର ପଞ୍ଜାବୟୁନିଟ ପକ୍ଷରୁ ଏକ୍ସରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯ ସେପ୍ଟେମ୍ବରରେ ପଞ୍ଜାବର ଗୁରୁଦାସପୁର ଆସୁଛନ୍ତି । ସେ ସିଧାସଳଖ ବନ୍ୟା କ୍ଷତିଗ୍ରସ୍ତ ଭାଇ-ଭଉଣୀ ଓ ଚାଷୀଙ୍କୁ ଭେଟିବେ । ଏଥିସହ ସେ ପୀଡ଼ିତଙ୍କୁ ସହଯୋଗ କରିବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେବେ । ବିଜେପିର ପଞ୍ଜାବ ସଭାପତି ସୁନୀଲ ଝାଖର



ମଧ୍ୟ ବନ୍ୟା ସଙ୍କଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସେ ଏକ୍ସରେ କହିଛନ୍ତି ଯେ ପଞ୍ଜାବର ବନ୍ୟା ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗଭୀର ଭାବେ ଚିନ୍ତିତ । ସେ ସ୍ଥିତି ଉପରେ ନଜର ରଖିଛନ୍ତି । ଶ୍ରୀ ଝାଖରଙ୍କ କହିବା କଥା ଯେ ପ୍ରଧାନମନ୍ତ୍ରୀ ମୋଦି ସେପ୍ଟେମ୍ବର ୯ ରେ ପଞ୍ଜାବ ଆସି ବ୍ୟକ୍ତିଗତ ଭାବେ ସ୍ଥିତିର ଯାଞ୍ଚ କରିବେ । ଏହାଦ୍ୱାରା ପ୍ରଭାବିତ ଲୋକମାନେ ସର୍ବାଧିକ ସହାୟତା ପାଇପାରିବେ ।ଝାଖର ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ତୃଣମୂଳର ସ୍ଥିତିକୁ ଏବେ ଠାରୁ ହିଁ ମୂଲ୍ୟାଙ୍କନ କରି ସାରିଲେଣି । ପୂର୍ବରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ବନ୍ୟା ସ୍ଥିତିର ଆକଳନ ପାଇଁ ପଠାଯାଇଥିଲା । ଅତିରିକ୍ତ ଭାବେ ରାଜ୍ୟକୁ ଆସି ୨ଟି କେନ୍ଦ୍ରୀୟ ଟିମ ସ୍ଥିତିର ସୀମକ୍ଷା କରିଛନ୍ତି । ସେମାନେ ରିପୋର୍ଟ ଦାଖଲ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ପଞ୍ଜାବରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ୨୩ ଜିଲ୍ଲାର ୧୯୦୦ରୁ ଅଧିକ ଗାଁ ବୁଡ଼ି ଯାଇଛି । ୪୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧.୭୧ ଲକ୍ଷ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ଅଧିକାଂଶ ସମୟରେ ଚାଷୀଙ୍କ କ୍ଷେତ ପାଣିରେ ବୁଡ଼ି ରହିଛି । ନଦୀଗୁଡ଼ିକର ଜଳସ୍ତର ଏବେ ବି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଭୂସ୍ଖଳନ ଓ ବନ୍ୟା ଜଳ ଯୋଗୁ ଏକାଧିକ ଜାତୀୟ ରାଜପଥରେ ଯାତାୟାତ ବନ୍ଦ ହୋଇ ଯାଇଛି ।

# ଏସିଆ କପ୍ ହକିରେ ବିଶ୍ୱ କପ୍ ଯୋଗ୍ୟତା



## ସଞ୍ଜୁଙ୍କ ବଦଳରେ ଜିତେଶଙ୍କୁ ମିଳିପାରେ ସୁଯୋଗ



ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଆଉ ଗୋଟିଏ ଦିନର ବ୍ୟବଧାନ ପରେ ଏସିଆ କପ୍ ଟି -୨୦ ବିଗୁଲ ବାଜିବ। ପ୍ରଥମ ମ୍ୟାଚରେ ସଞ୍ଜୁ ସାମସନଙ୍କ ବଦଳରେ ଜିତେଶ ଶର୍ମାଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବାର ରହିଛି। ଅଭିଶେଷ ଶର୍ମାଙ୍କ ସହ ଶୁଭମନ୍ ଗିଲ୍ ଇନିଂ ଓପନ୍ କରିପାରନ୍ତି। ସଞ୍ଜୁଙ୍କୁ ମଧ୍ୟମ କ୍ରମରେ ଖେଳାଇବା ବଦଳରେ ଦଳ ଜିତେଶ ଶର୍ମାଙ୍କୁ ଖେଳାଇବାକୁ ଚାହୁଁଛି ବୋଲି ସୂଚନା ମିଳିଛି। ଗିଲ୍ ଉପଅଧିନାୟକ ହୋଇଥିବାରୁ ତାଙ୍କ ଖେଳିବା ନିଶ୍ଚିତ। ଅଭ୍ୟାସ ସେସନ୍‌ରେ ଗୌତମ ଗମ୍ଭୀର ବିଶେଷ ଭାବେ ପ୍ରଶିକ୍ଷଣ ଦେଉଥିବା ଦେଖିବାକୁ ମିଳିଛି। ଆଇପିଏଲରେ ଜିତେଶ ଭଲ ପ୍ରଦର୍ଶନ କରିଥିଲେ। ବେଙ୍ଗାଲୁରୁକୁ ଟାଇଟଲ ହାସଲ କରାଇବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ୧୧ ଇନିଂରେ ୨୬୧ ରନ୍ କରିଥିଲେ। ଜିତେଶ ୨୦୨୪ରେ ଶେଷ ଥର ପାଇଁ ଭାରତ ପକ୍ଷରୁ ଆଫଗାନିସ୍ତାନ ବିପକ୍ଷରେ ମ୍ୟାଚ ଖେଳିଥିଲେ। ୭ ଟି ଟି -୨୦ରେ ୧୦୦ ରନ୍ କରିଥିଲେ। ତେବେ ସଞ୍ଜୁ ମଧ୍ୟ ଜବରଦସ୍ତ ଫର୍ମରେ ଅଛନ୍ତି। ନିକଟରେ କେଳର କ୍ରିକେଟ୍ ଲିଗରେ ସେ ୫ ଟି ଇନିଂରେ ୩୬୮ ରନ୍ କରିଥିଲେ।

## ଭାରତ ଚାମ୍ପିଅନ




ରାଜଗିରି , ୭।୯(ଏଜେନ୍ସି) : ବିହାରର ରାଜଗିରିରେ ଅନୁଷ୍ଠିତ ପୁରୁଷ ଏସିଆ କପ୍ ହକିରେ ଭାରତ ପୁଣି ବାଜି ମାରିଛି।ଚତୁର୍ଥ ଥର ପାଇଁ ଏସିଆ କପ୍ ଟାଇଟଲ୍ ହାତେଇଛି ଭାରତ। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୪-୧ ଗୋଲରେ ଶକ୍ତିଶାଳୀ କୋରିଆକୁ ଧରାସାୟୀ କରି ଏହି ସଫଳତା ହାସଲ କରିଛି। ଭାରତୀୟ ଖେଳାଳି ଦିଲ୍ଲପ୍ରୀତଙ୍କ ଜମାଣିଆ ଗୋଲ ଯୋଗୁଁ ଭାରତ ଟାଇଟଲ ସହ ୨୦୨୬ ଏଫ୍‌ଆଇଏଚ୍ ବିଶ୍ୱ କପ୍ ଯୋଗ୍ୟତା ଅର୍ଜନ କରିଛି। ସୁଫଜିତ ସିଂ ମ୍ୟାଚର ପ୍ରଥମ ମିନିଟରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପୁଣି ଦିଲ୍ଲପ୍ରୀତ ସିଂ ୨୮ ଓ ୪୫ ମିନିଟ୍‌ରେ ଦୁଇଟି ତଥା ଅମିତ ରୋହିତଦାସ ୫୦ ମିନିଟ୍‌ରେ ଚମକପଦ ଗୋଲି କରି ଦଳକୁ ନିଶ୍ଚିତ ବିଜୟ ଆଡେ ବାଟ କଢାଇଥିଲେ। କୋରିଆ ପକ୍ଷରୁ ୧୧ ତମ ମିନିଟରେ ସନ୍ ଡାଏନ୍ ସାନ୍ତ୍ୱନା ମୂଳକ ଗୋଲ ଦେବା ସହ ମ୍ୟାଚ ଶେଷ ହୋଇଥିଲା। ତେଣୁ ଭାରତ ୪-୧ ବ୍ୟବଧାନରେ ବାଜି ମାତ କରି ସବୁ ଆଶା ଆକାଂକ୍ଷାକୁ ସାକାର କରିଛି। ଚତୁର୍ଥ ଥର ପାଇଁ ଏସିଆ କପ୍ ଟାଇଟଲ୍ ଜିତିଛି ଭାରତ। ୨୦୦୩ କ୍ୱାଲାଲମ୍ପୁର, ୨୦୦୭ରେ ଚେନ୍ନାଇ, ୨୦୧୭ରେ ଢାକା ଏବଂ ଚଳିତ ରାଜଗିରି ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି।ଏତଦ୍‌ବ୍ୟତୀତ ୨୦୧୩ , ୧୯୯୪, ୧୯୮୯, ୧୯୮୫, ୧୯୮୨ ସଂସ୍କରଣରେ ଭାରତ ଉପବିଜେତା ହୋଇଥିଲା। ୧୯୯୯ ଓ ୨୦୨୨ରେ ଭାରତ ତୃତୀୟ ସ୍ଥାନ ଅଧିକାର କରିଥିଲା।

### ମାଲେସିଆ ତୃତୀୟ

ଏସିଆ କପ୍ ହକିରେ ମାଲେସିଆ ତୃତୀୟ ସ୍ଥାନ ଅଧିକାର କରିଛି। ତୃତୀୟ/ଚତୁର୍ଥ ସ୍ଥାନ ଲଢେଇରେ ଚୀନକୁ ଭେଟିଥିଲା ମାଲେସିଆ। ଏହି ମ୍ୟାଚରେ ମାଲେସିଆ ୪-୧ ଗୋଲରେ ଚୀନକୁ ପରାଜିତ କରିଛି। ମାଲେସିଆ ପକ୍ଷରୁ ଅଷ୍ଟମ ମିନିଟ୍‌ରେ ସୁମନ୍ତ୍ରୀ, ୩୬ ଓ ୫୦ ତମ ମିନିଟରେ ଅନୁୱର୍ ଅଖିମୁଲା ଦୁଇଟି ଏବଂ ୫୯ ତମ ମିନିଟ୍‌ରେ ଚୋଲନ ସଇଦ ଗୋଲ କରିଥିଲେ। ଚୀନ ପକ୍ଷରୁ ଗାଓ ଜିସେଙ୍ଗ ଗୋଲ କରିଥିଲେ।

# ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍

## ଭାରତକୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ, ୭।୯(ଏଜେନ୍ସି) : ପ୍ରଥମ ଥର ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍‌ରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିଛି। ଅମନ ସୈନୀ, ରୁଷଭ ଯାଦବ ଓ ପ୍ରଥମେଷ ବାଲଚନ୍ଦ୍ରଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି କୀର୍ତ୍ତିମାନ ହାସଲ କରିଛନ୍ତି। ଫାଇନାଲରେ ଭାରତୀୟ ଦଳ ଫ୍ରାନ୍ସର ନିକୋଲ୍ସ ଗେରାଡ, ଜେନ୍ ଫିଲିପ୍ ଓ ଫ୍ରାଙ୍କୋସ ଡୁବୋଇସ୍‌ଙ୍କୁ ପରାସ୍ତ କରିଛନ୍ତି। ଫ୍ରାନ୍ସ ପୂର୍ବରୁ ୧୯୯୫ ଜାକାର୍ତ୍ତା ବିଶ୍ୱ ତିରନ୍ଦାଜୀ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ପ୍ରଥମ ଥର କମ୍ପାଉଣ୍ଡ ଦଳ ଏହି ପ୍ରତିଯୋଗିତାରେ ସାମିଲ ହୋଇଥିବା ବେଳେ ଫ୍ରାନ୍ସ ବାଜି ମାରିଥିଲା।

୨୦୨୫ରେ ଭାରତୀୟ ଦଳ ଫ୍ରାନ୍ସକୁ ହରାଇ ଇତିହାସ ରଚିଛି। ଭାରତର ବିଜୟ ଯାତ୍ରା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରୁ ଆରମ୍ଭ ହୋଇଥିଲା। ୨୩୨ ପଏଣ୍ଟରେ ଟାଇ ରହିବାରୁ ସୁଟ୍‌ଆଉଟ୍ ସ୍ଥିତି ଉପୁଜିଥିଲା। ଏହାକୁ ୩୦-୨୮ରେ ଭାରତ ଜିତି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ଏହାପରେ ଆମେରିକାକୁ କ୍ୱାର୍ଟର ଫାଇନାଲକୁ ଦଳ ୨୩୪- ୨୩୩ ପଏଣ୍ଟରେ ହରାଇଥିଲା। ସେମିଫାଇନାଲରେ ଭାରତୀୟ ଦଳକୁ କଡା ଟକ୍କର ଦେଇଥିଲା ତୁର୍କୀ। ଭାରତର ୩ ତିରନ୍ଦାଜୀ ଚମତ୍କାର ଢଙ୍ଗରେ ୨୩୪-୨୩୨ ପଏଣ୍ଟ ବ୍ୟବଧାନରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଦଳର ମୁକାବିଲା ପୂର୍ବତନ ଚାମ୍ପିଅନ ଫ୍ରାନ୍ସ ସହ ହୋଇଥିଲା। ଦୁଇ ଦଳ ପରସ୍ପରକୁ କଡା ଟକ୍କର ଦେଇଥିଲେ। ଶେଷରେ ଭାରତୀୟ ଦଳ ୨୩୫-୨୩୩ ବ୍ୟବଧାନରେ ଫ୍ରାନ୍ସକୁ ପରାଜିତ ସ୍ୱର୍ଣ୍ଣ ପଦକ ହାସଲ କରିଛି।

୨୩ ବର୍ଷୀୟ ରିଷଭ ଯାଦବଙ୍କ ପାଇଁ ଏହି ବିଜୟ ଓ ଦିନ ବେଶ୍ ସ୍ମରଣୀୟ ହୋଇ ରହିବ। କାରଣ ସେ ରବିବାର ବ୍ୟକ୍ତିଗତ ଭାବେ ନିଜର ଦ୍ୱିତୀୟ ପଦକ ହାସଲ କରିଛନ୍ତି। ପୁରୁଷ ବର୍ଗର ଫାଇନାଲ ପୂର୍ବରୁ ସେ ମିକ୍ସଡ ଟିମ୍ ଫାଇନାଲରେ ମଧ୍ୟ ନଜର ଆସିଥିଲେ। ସେ ଜ୍ୟୋତି ସୁରକ୍ଷା ବର୍ମାଙ୍କୁ ସାଥି କରି ଫାଇନାଲରେ ପ୍ରବେଶ କରିଥିଲେ। ନେଦରଲାଣ୍ଡସ୍ ଠାରୁ ଭାରତୀୟ ଯୋଡି ୧୫୫-୧୫୭ ପଏଣ୍ଟ ବ୍ୟବଧାନରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। ମିକ୍ସଡ ଇଭେଣ୍ଟରେ ହାରିଥିବା ରିଷଭ ପୁରୁଷ ବର୍ଗରେ କମାଲ କରି ଦେଶ ପାଇଁ ଓ ବ୍ୟକ୍ତିଗତ ନିଜ ପାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

# ରାଜ୍ୟ ପୋଲିସ ହ୍ୟାଣ୍ଡବଲ , କବାଡି ପ୍ରତିଯୋଗିତା ଆରମ୍ଭ



କେନ୍ଦୁଝର, ୭।୯(ସବ୍ୟ) : ରବିବାର କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଦଶମ ରାଜ୍ୟ ପୋଲିସ ହ୍ୟାଣ୍ଡବଲ ଏବଂ ଇଣ୍ଡୋର ଷ୍ଟାଡିୟମ ଠାରେ ୭୮ତମ ରାଜ୍ୟ ପୋଲିସ କବାଡି ଚମ୍ପିୟାନସିପ ଉଦଘାଟିତ ହୋଇଯାଇଛି । ଏହା କେନ୍ଦୁଝର ପୋଲିସ ତରଫରୁ ଆୟୋଜନ କରାଯାଇଛି । ପ୍ରଥମ ଥର ପାଇଁ ଫ୍ଲଡ଼ ଲାଇଟ ଓ ସିନ୍ଥେଟିକ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ପ୍ରତିଯୋଗିତାକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପଶ୍ଚିମା ଅଞ୍ଚଳ ଡ଼ିଆଇଜି ବ୍ରିଜେଶ ରାୟ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର, ରାଉରକେଲା ଏସପି ନୀତିଶ ୱାଦୱାନି, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂ, କେନ୍ଦୁଝର ଏସପି ନୀତିନ କୁଶଲକର , କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡି, କେନ୍ଦୁଝର ରାଜା ଧନୁର୍ଜୟ ଭଞ୍ଜଦେଓ, କେନ୍ଦୁଝର ପ୍ରଶାସନିକ ଅଧିକାରୀ ଲେଫଟନାଣ୍ଟ କର୍ଣ୍ଣେଲ ମୟୁର ଘାର୍ଗେ ଯୋଗ ଦେଇଥିଲେ । ବହୁଦିନ ବ୍ୟବଧାନ ପରେ କେନ୍ଦୁଝର ଠାରେ ଦ୍ୱିତୀୟ ଥର ପାଇଁ ଏହି କବାଡି ଏବଂ ହ୍ୟାଣ୍ଡବଲ ଚମ୍ପିୟାନସିପ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବାପାଇଁ କେନ୍ଦୁଝର ରିଜର୍ଭ ଗ୍ରାଉଣ୍ଡ ଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତାକୁ ଆଲୋକ ମାଳାରେ ସୁସଜ୍ଜିତ କରିବା ସହ ପ୍ରଥମ ଥର ପାଇଁ ହ୍ୟାଣ୍ଡବଲ ଖେଳାଳିମାନେ ସିନ୍ଥେଟିକ ଗ୍ରାଉଣ୍ଡ ସହ ଫ୍ଲଡ଼ ଲାଇଟରେ ଖେଳିବାର ସୁଯୋଗ ପାଉଥିବା ବେଳେ କବାଡି ପ୍ରତିଯୋଗିତା ପ୍ରଥମଥର ପାଇଁ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ଏବଂ ଉନ୍ମାଦନା ପରିଲକ୍ଷିତ ହୋଇଥିଲା ଏଠାରେ ଉଲ୍ଲେଖଯୋଗ୍ୟଯେ ଗତଥର ହ୍ୟାଣ୍ଡବଲରେ ପ୍ରଥମ ବାଟାଲିୟନ, ଢେଙ୍କାନାଳ ଚମ୍ପିୟାନ ହୋଇଥିବା ବେଳେ ଷଷ୍ଠ ବାଟାଲିୟନ କଟକ ରନର୍ସଅପ ଏବଂ କେନ୍ଦୁଝର ପୋଲିସ ତୃତୀୟ ସ୍ଥାନ ଅଧିକାର କରିଥିଲା । ସେହିପରି କବାଡିରେ ଷଷ୍ଠ ବାଟାଲିୟନ, କଟକ ଚମ୍ପିୟାନ ହୋଇଥିବା ବେଳେ ଦେବଗଡ଼ ପୋଲିସ ରନର୍ସଅପ ହୋଇଥିଲା ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ଉ"ାଟନୀ ଖେଳରେ ହ୍ୟାଣ୍ଡବଲରେ ଆୟୋଜକ କେନ୍ଦୁଝର ଦଳ ଖୋର୍ଦ୍ଧା ବିପକ୍ଷରେ ୧୪-୬ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ସେହିପରି କବାଡିରେ ଗତଥରର ରନର୍ସଅପ ଷଷ୍ଠ ବାଟାଲିୟନ,କଟକ ୩୭ ପଏଣ୍ଟ ହାସଲ କରିଥିବା ବେଳେ ଦ୍ୱିତୀୟ ଆଇଆର ବାଟାଲିୟନ ରାଏଗଡା ୮ ପଏଣ୍ଟ ହାସଲ କରି ୨୯ ପଏଣ୍ଟରେ ପରାଜିତ ହୋଇଛି ଏବଂ ଷଷ୍ଠ ବାଟାଲିୟନ କଟକ ଏହି ବିଜୟରୁ ପୁରା ପଏଣ୍ଟ ହାସଲ କରିଛି ।

### ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## କେରଙ୍ଗ ଅହମଦିଆ କ୍ଲବ ଚାମ୍ପିଅନ



ଖୋର୍ଦ୍ଧା, ୭।୯(ସବ୍ୟ) : ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଠାରେ ଦୁଇ ଦିବସୀୟ ପ୍ରଥମ ମୋବେଶର ଅହମଦ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଫାଇନା ମ୍ୟାଚ ପାଇକତିଗିରିଆ ଏବଂ କେରଙ୍ଗ ଅହମଦିଆ(ଏ) ମଧ୍ୟରେ ହୋଇଥିଲା । ଖେଳ ଉଭୟ ପକ୍ଷରୁ ବହୁତ ସଂଘର୍ଷ ହୋଇଥିଲା । ଖେଳର ଅନ୍ତିମ ସମୟ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ମାରିପାରିନଥିଲେ । ଫଳରେଟ୍ରାଇବେକର ସହାୟତା ନିଆଯାଇଥିଲା । ଟ୍ରାଇବେକର ମାଧ୍ୟମରେ କେରଙ୍ଗ ଅହମଦିଆ କ୍ଲବ ୪-୩ ଗୋଲରେ ବିଜୟୀ ହୋଇ ଚାମ୍ପିୟାନ ହୋଇଥିଲା । ଏହି ଫାଇନାଲ ଖେଳକୁ ମୁଖ୍ୟ ରେଫେରି ଭାବେ ସଖାଓତ ଅଲ୍ଲୀ ଖାଁ ପରିଚାଳନା କରିଥିବା ବେଳେ ଲାଇନରେ ତାଙ୍କୁ ପ୍ରଫୁଲ୍ଲ କୁମାର ବେହେରା ଓ ସଗିର ଅହମଦ ସାହାଯ୍ୟ କରିଥିଲେ । ମ୍ୟାଚ କମିଶନର ଭାବେ ପ୍ରଶାନ୍ତ କୁମାର ବରାଳ ଦାୟିତ୍ୱ ତୁଲାଇଥିଲେ ।ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦିଆ ମୁସଲିମ ସଂଗଠନର ସଭାପତି ଓସିମ ଅହମଦ ଓ କେରଙ୍ଗ ସରପଞ୍ଚ ମବରୁର ହୁସେନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମଣ୍ଟୁ ନାୟକ, ରହିମ ଖାଁ, ପ୍ରଶାନ୍ତ କୁମାର ବାରିକ, ବାବୁଲା ବେହେରା, ହୃସିକେଶ ବେହେରା ଏବଂ ଇଦ୍ରିସ ଖାଁ ଯୋଗଦେଇଥିଲେ ।ବିଜୟୀ ଦଳକୁ ନଗଦ ରାଶି ୮ ହଜାର ଏବଂ ପରାଜୟ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଏହି ଟୁର୍ଣ୍ଣାମେଣ୍ଟକୁ ଟୁନାବାବୁ ଆଣ୍ଡ ପାର୍ଟି ପରିଚାଳନା କରିଥିବା ବେଳେ ଅମଜାଦ ଖାଁ, ନାସର ଖାଁ, ବାଦଲ ଖାଁ, ହଜରତ ଅଲ୍ଲି ଖାଁ, ବେଶାରତ ଖାଁ, ଇମ୍ରାନ ଖାଁ, ମୋତାଲିବ ଖାଁ, ୟୁସୁଫ ଖାଁ, ମହମ୍ମଦ ନଇମ, ସେକ ହୁସେନ, ମୋଜିବୁର ଅଲ୍ଲି ଖାଁ ଏବଂ ଅମିର ଅହମଦ ସାହାଯ୍ୟ ଓ ସହଯୋଗ କରିଥିଲେ ।

## ରେକର୍ଡ ଅପେକ୍ଷାରେ ହାର୍ଦ୍ଦିକ



ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଲମ୍ବା ବିଶ୍ରାମ ପରେ ଭାରତୀୟ ଦଳର ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏସିଆ କପ୍ କ୍ରିକେଟ୍ ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିଛନ୍ତି।ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଦୁବାଇରେ କଡା ଅଭ୍ୟାସ ଆରମ୍ଭ କରିଛି। ଗତ ସଂସ୍କରଣରେ ଭାରତ ଏସିଆ କପ୍ ଟାଇଟଲ ହାସଲ କରିଥିଲା। ଏହି ତାରକା ଅଲରାଉଣ୍ଡର ଟି -୨୦ ଇତିହାସରେ ତୃତୀୟ ଖେଳାଳି ଭାବେ ବଡ ଉପଲବ୍ଧି ହାସଲ କରିବାର ନିକଟତର ହୋଇଛନ୍ତି। ୩୨ ବର୍ଷୀୟ ହାର୍ଦ୍ଦିକ ୧୧୪ ଟି ଟି -୨୦ ମ୍ୟାଚରେ ୧୮୨୨ ରନ୍ କରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ୧୪୧ ରୁ ଊର୍ଦ୍ଧ୍ୱ ।୨୦୦୦ ରନ୍ ପୂରଣ କରିବା ପାଇଁ ତାଙ୍କୁ ଆଉ ୧୮୮ ରନ୍‌ର ଆବଶ୍ୟକତା ରହିଛି। ଏସିଆ କପରେ ସେ ଏହି ରନ୍ ହାସଲ କରିନେବେ ବୋଲି ଆଶା କରାଯାଉଛି। ୧୦୦ ୱିକେଟ୍ ପୂରଣ କରିବା ପାଇଁ ସେ ଆଉ ୬ ଟି ସଫଳତା ପଛରେ ଅଛନ୍ତି। ଟି -୨୦ କ୍ରିକେଟ୍‌ର ଦୁଇଜଣ ଖେଳାଳି ୨୦୦୦ ରନ୍ ୧୦୦ ୱିକେଟ୍ ନେଇଛନ୍ତି। ବାଂଲାଦେଶର ସାକିବ୍ ଅଲ୍ ହାସଲ ୨୫୫୧ ରନ୍ ସହ ୧୪୯ ୱିକେଟ୍ ନେଇ ତାଲିକାର ଶୀର୍ଷରେ ରହିଛନ୍ତି। ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବି ୨୨୪୬ ରନ୍ ଓ ୧୦୧ ୱିକେଟ୍ ନେଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ହାର୍ଦ୍ଦିକ ତୃତୀୟ ଖେଳାଳି ଭାବେ ଏହି କୀର୍ତ୍ତିମାନର ଅଧିକାରୀ ହେବାକୁ ଯାଉଛନ୍ତି।

### ବିଶ୍ୱ ପାରା ଫେନସିଙ୍ଗ୍ ଚାମ୍ପିଅନସିପ୍

## ଖାଲି ହାତରେ ଫେରିଲା ଭାରତ

ଭୁବନେଶ୍ୱର, ୭।୯ (ସବ୍ୟ) : ଦ. କୋରିଆର ଇକ୍‌ସାନ୍‌ରେ ବିଶ୍ୱ ପାରା ଫେନସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଫୋଲି ଓ ମହିଳା ସାବ୍ରେ ଦଳ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ପଦକ ଜିତିପାରିନାହାଁନ୍ତି। ପୁରୁଷ ଦଳ ଖେଳିଥିବା ୪ ଟି ମ୍ୟାଚରେ ଭଲ କରିଥିଲା। କିନ୍ତୁ ଅଳ୍ପ ପଏଣ୍ଟ ବ୍ୟବଧାନରେ ଦଳ ପରାଜିତ ହୋଇଥିଲା। ପ୍ରଥମ ମ୍ୟାଚରେ ଇରାକ ନିକଟରୁ ୪୦-୪୫ , ବ୍ରାଜିଲଠାରୁ ୪୪-୪୫, ହଙ୍ଗକଙ୍ଗଠାରୁ ୪୫-୪୧ ପରାଜିତ ହୋଇଥିଲା। ସେହିଭଳି ମହିଳା ସାବ୍ରେ ଦଳ ହଙ୍ଗକଙ୍ଗଠାରୁ ୨୬ -୪୫ , ହଙ୍ଗେରିଠାରୁ ୩୫-୪୫ ଏବଂ ଫ୍ରାନ୍ସ ଠାରୁ ୩୯-୪୫ ବ୍ୟବଧାନରେ ପରାଜିତ ହୋଇଥିଲା।



### ଦ୍ୱିତୀୟ ରାଜ୍ୟ ଓପନ୍ ସ୍କୁଲ ଚେସ୍ : ସତ୍ୟମ ବିଜେତା




ଭୁବନେଶ୍ୱର : ପୋଖରୀପୁଟ ଡିଏଭି ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଦ୍ୱିତୀୟ ରାଜ୍ୟ ସ୍କୁଲ ଓପନ୍ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଚାମ୍ପିଅନ ହୋଇଛନ୍ତି। ସ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟ, ଆୟଭ ନାଥ ମହାନ୍ତି ତୃତୀୟ, ପ୍ରାଂଶୁ ଦାସ ଚତୁର୍ଥ, ଆକର୍ଷ ପ୍ରକାଶ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ବର୍ଗ ତଥା ୧୦ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଡିଏଭି ପୋଖରୀପୁଟର ସୀତାକାନ୍ତ ପତି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ମେହେରା, ସ୍କୁଲର କ୍ରିଡା ଶିକ୍ଷକ, ପୂର୍ଣ୍ଣିମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସେରନାଙ୍କ ରେକର୍ଡର ସମକକ୍ଷ ହେଲେ ସାବାଲେଙ୍କା




ନୂଆଦିଲ୍ଲୀ, ୭।୯ (ଏଜେନ୍ସି) : ଆୟାନା ସାବାଲେଙ୍କା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଶନିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ସାବାଲେଙ୍କା ବେଶ୍ ଚମତ୍କାର ଭାବେ ଆମନ୍ଦା ଆନିଶିମୋଭାଙ୍କୁ ୬-୩, ୭-୬ ସେଟ୍‌ରେ ପରାସ୍ତ କରିଥିଲେ। ଫାଇନାଲ ଜିତିବାକୁ ସାବାଲେଙ୍କାଙ୍କୁ ୧ ଘଣ୍ଟା ୩୪ ମିନିଟ୍ ସମୟ ଲାଗିଥିଲା। ଏହା ତାଙ୍କ ଟେନିସ କ୍ୟାରିୟରର ଚତୁର୍ଥ ଗ୍ରାଣ୍ଡସ୍ଲାମ୍ । ସେ ଦୁଇଥର ୟୁଏସ୍ ଓପନ୍ ଓ ଦୁଇଥର ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ୨୦୨୩ ଓ ୨୦୨୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ୨୦୨୪ ରେ ୟୁଏସ୍ ଓପନ୍। ୨୦୨୫ରେ ମଧ୍ୟ ୟୁଏସ୍ ଓପନ୍ ଟାଇଟଲ୍ ନିଜ ପାଖରେ ରଖିବାକୁ ସାବାଲେଙ୍କା ସକ୍ଷମ ହୋଇଛନ୍ତି ।ଏହି ବିଜୟ ସହ ସାବାଲେଙ୍କା ୧୧ ବର୍ଷ ପୁରୁଣା ସେରେନା ୱିଲିୟମସ୍‌ଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ୨୦୧୪ରେ ସେରେନା ନିଜର ୟୁଏସ୍ ଓପନ୍ କ୍ରାଉନକୁ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଥିଲେ। ସାବାଲେଙ୍କା ସମାନ ସଫଳତା ନିଜ ନାଁରେ କରିଛନ୍ତି। ଉଭୟ ୱିମ୍ବଲଡନ୍ ଓ ଫ୍ରେଞ୍ଚ ଓପନ୍‌ରେ ସାବାଲେଙ୍କାଙ୍କୁ ରନର୍ସ ଅପରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏଥର ସେ ଫାଇନାଲରେ ଜମାଣିଆ ପ୍ରଦର୍ଶନ ସହ ଟାଇଟଲ ଜିତିପାରିଛନ୍ତି। ଏଥିସହ ବେଲାରୁଷର ଏହି ଟେନିସ ସୁନ୍ଦରୀ ଜଣକ ୱିମ୍ବଲଡନ ସେମିଫାଇନାଲ ପରାଜୟର ମଧୁର ପ୍ରତିଶୋଧ ଆନିସିମୋଭାଙ୍କ ଠାରୁ ନେଇଛନ୍ତି ।୨୪ ବର୍ଷୀୟ ଆମେରିକାର ଆନିସିମୋଭା ଦ୍ୱିତୀୟ ଥର ପାଇଁ ଚଳିତ ବର୍ଷ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପରାଜିତ ହୋଇଛନ୍ତି। ଏହା ପୂର୍ବରୁ ସେ ୱିମ୍ବଲଡନରେ ଫାଇନାଲରେ ଇଗା ସ୍ୱିଟେକ୍‌ଙ୍କ ଠାରୁ ପରାଜିତ ହୋଇଥିଲେ। ସେ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗର ୪ ନଂ ସ୍ଥାନକୁ ଉଠିଥିଲେ। ଏବେ ତାଙ୍କୁ ୟୁଏସ୍ ଫାଇନାଲରେ ସାବାଲେଙ୍କାଙ୍କୁ ପରାସ୍ତ ହେବାକୁ ପଡିଛି।

ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି